- Vol.- 45, Issue No. 310
- Tuesday, 10 February 2026
- ମଙ୍ଗଳବାର, ୧୦ ଫେବୃଆରୀ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଏସ୍ଆଇଆର୍ ନେଇ 'ସୁପ୍ରିମ' ଟିପ୍ପଣୀ: ବାଧାକୁ ବରଦାସ୍ତ କରାଯିବ ନାହିଁ



ନୂଆଦିଲ୍ଲୀ,୯।୨: ରାଜ୍ୟରେ ଚାଲୁ ଥିବା ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର)ରେ କାହାକୁ ମଧ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଅନୁମତି ଦିଆଯିବ ନାହିଁ। ସୁପ୍ରିମକୋର୍ଟ ସୋମବାର ଏପରି ଟିପ୍ପଣୀ ଦେଇଛନ୍ତି। କିଛି ଅରାଜକତାବାଦୀ ଉପାଦାନ ପକ୍ଷରୁ ନିର୍ବାଚନ ଆୟୋଗର ନୋଟିସ୍ ଜଳାଇବାର ଅଭିଯୋଗରେ , ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ଡିଜିପିଙ୍କୁ ଆଫିଡେଭିଟ୍ ଦାଖଲ କରିବାକୁ କହିଛନ୍ତି। ଏହା ବ୍ୟତୀତ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କ ଏହି ଯୁକ୍ତିକୁ ବିଚାର କରିଥିଲେ ଯେ, ଉପଦ୍ରବୀଙ୍କ ବିରୋଧରେ କୌଣସି ଏଫଆଇଆର ରୁଜୁ କରାଯାଇ ନାହିଁ। ସଲିସିଟର ଜେନେରାଲ ତୁଷାର ମେହଟ୍ଟା ସୁପ୍ରିମକୋର୍ଟରେ ଯୁକ୍ତି ଦେଇଛନ୍ତି ଯେ, ଏହି ବାର୍ତ୍ତା ଯିବା ଉଚିତ ଯେ, ଦେଶର ସମ୍ବିଧାନ ସବୁ ରାଜ୍ୟ ଉପରେ ଲାଗୁ ହୋଇଥାଏ। ଏହି ସମୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଭୋଟର ତାଲିକା ସଂଶୋଧନ ସଂପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବଦା ଭୋଟର ତାଲିକା ଅଧିକାରୀଙ୍କ ପକ୍ଷରୁ ନିଆଯିବ। ପ୍ରକୃତ କଥା ହେଲା , ସୁପ୍ରିମକୋର୍ଟ ପଶ୍ଚିମବଙ୍ଗର ଏସଆଇଆର ସହ ଜଡ଼ିତ ଅନେକ ମାମଲା ଉପରେ ଶୁଣାଣି କରୁଛନ୍ତି। ଏଥିରେ ମମତା ବାନାର୍ଜୀଙ୍କ ଏକ ପିଟିସନ ମଧ ଅନ୍ତର୍ଭୁକ୍ତ ଥିଲା। ଏଥିରେ ସେ ଅନ୍ୟ ପ୍ରସଙ୍ଗ ସହ ଲଜିକାଲ ଡିସ୍କ୍ରିପେନ୍ସି ତାଲିକାରେ ଭୋଟରଙ୍କୁ ଯେଉଁପରି କାଟେଗୋରୀରେ ବଣ୍ଟା ଯାଇଛି, ଏହାକୁ ଚ୍ୟାଲେଞ୍ଜ ଦିଆଯାଇ ଥିଲା। ଗତ ଶୁଣାଣିରେ ସୁପ୍ରିମକୋର୍ଟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବେଦନ ଉପରେ ଇସିଆଇଙ୍କୁ ନୋଟିସ ଜାରି କରିଥିଲେ।



### ମୁଖ୍ୟମନ୍ତ୍ରୀଙ୍କ ୧୭ତମ ଅଭିଯୋଗ ଶୁଣାଣି: ଏଯାବତ୍ ୯୪ ପ୍ରତିଶତ ସମାଧାନ

# ଶୁଣାଣି ଏବେ ପ୍ରଶାସନିକ ପ୍ରକ୍ରିୟା

### ■ ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର ,୯।୨(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ସୋମବାର ଥିଲା ୧୭ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀଙ୍କ ସହିତ ୫ଜଣ ବରିଷ୍ଠ ମନ୍ତ୍ରୀ ଯଥା: ପୃଥ୍ୱୀରାଜ ହରିଚନ୍ଦନ, ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଡକ୍ଟର ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ରବି ନାରାୟଣ ନାୟକ ମଧ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ପ୍ରତ୍ୟେକ ଥର ପରି ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ପ୍ରକୋଷ୍ଠ ବାହାରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ସମାଧାନ ପାଇଁ ବିହିତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୁଦାୟ ୩୨ ଜଣ ଦିବ୍ୟାଙ୍ଗ ଏଥର ସ୍ଥାନିତ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୬ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୪,୦୫୪ଟି ଅଭିଯୋଗ ମଧ୍ୟରୁ ୧୩,୧୬୯ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡା ୯୪ ପ୍ରତିଶତ ଅଟେ। ବକେୟା ଅଭିଯୋଗ ଗୁଡିକ ପ୍ରକ୍ରିୟା ମଧ୍ୟରେ ରହିଛି।ଏହି ଅବସରରେ ଗଣମାଧ୍ୟମରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେଉଛି ଆମ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଚଳିତ ନୂଆବର୍ଷରେ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତାର ସମାଧାନ ଦିଗରେ ଯତ୍ନବାନ ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲ୍ଲାସ୍ତରରେ ମଧ ଏହାର ସୁଫଳ ପରିଲକ୍ଷିତ ହେଉଛି। ଏବେ ଜିଲ୍ଲାପାଳ ଓ ଏସ.ପିମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। ଅଭିଯୋଗ ଶୁଣାଣି ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି।


## ମଣ୍ଡି ଅବ୍ୟବସ୍ଥା : ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ନବୀନ

ଭୁବନେଶ୍ୱର,୯।୨: ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଧାନ ମଣ୍ଡିରେ ଅବ୍ୟବସ୍ଥା ଏବଂ ଧାନ ସଂଗ୍ରହରେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ବିଫଳତା ଅଭିଯୋଗ ଉଠାଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟର ଅନ୍ନଦାତା ସମ୍ମୁଖୀନ ହେଉଥିବା ଦୁର୍ଦ୍ଦଶା ଓ ଶୋଷଣ ସମ୍ପର୍କରେ ନବୀନ ଚିଠି ଜରିଆରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି । ନବୀନ ଲେଖିଛନ୍ତି, ଓଡ଼ିଶାର ଜୀବନରେଖା କୃଷି ପ୍ରତି ପ୍ରଶାସନିକ ଉଦାସୀନତା ଏବଂ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିର ଖୋଲାଖୋଲି ଉଲ୍ଲଂଘନ ଯୋଗୁଁ ଚଳିତ ଖରିଫ ଫସଲ ସଂଗ୍ରହ ଚାଷୀଙ୍କ ପାଇଁ ଗଭୀର ସଂଘର୍ଷର ସମୟ ପାଲଟିଛି । ନବୀନ ବିଜେପି ଦ୍ୱାରା ଦିଆଯାଇଥିବା ନିର୍ବାଚନୀ ଇସ୍ତାହାର ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଆର୍ଦ୍ରତା କିମ୍ବା ନିମ୍ନମାନର ଗୁଣବତ୍ତାର ଆଳ ଦେଖାଇ ପ୍ରତି କ୍ୱିଣ୍ଟାଲ ପିଛା ୫ କି.ଗ୍ରା.ରୁ ୭ କି.ଗ୍ରା ପର୍ଯ୍ୟନ୍ତ ମନଇଚ୍ଛା କାଟି ଦିଆଯାଉଛି ବୋଲି ନବୀନ ଅଭିଯୋଗ କରିଛନ୍ତି ।

## ସଂସଦ ଭବନ ବୋମାରେ ଉଡ଼ାଇ ଦେବାକୁ ଧମକ

### ଇ-ମେଲରେ ଉଲ୍ଲେଖ 'ଦିଲ୍ଲୀ ହେବ ଖଲିସ୍ତାନ'

ନୂଆଦିଲ୍ଲୀ,୯।୨: ନୂଆଦିଲ୍ଲୀସ୍ଥିତ ସଂସଦ ଭବନକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିଛି । ସେଥିପାଇଁ ସଂସଦ ପରିସରକୁ ହାଇଆଲର୍ଟରେ ରଖାଯାଇଛି ।




ସମ୍ପୂର୍ଣ୍ଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଆସନ୍ତା ୧୩ ତାରିଖରେ ସଂସଦକୁ ବୋମାରେ ଉଡ଼ାଇ ଦେବାକୁ ସୋମବାର ଧମକପୂର୍ଣ୍ଣ ଇ-ମେଲ୍ ଆସିଛି । ଆତଙ୍କବାଦୀ ସଂଗଠନ ଖଲିସ୍ତାନ ନାଁରେ ମେଲ୍ ଆସିଥିବା ଜଣାପଡ଼ିଛି । ଖାଲି ସେତିକି ନୁହେଁ ସଂସଦ ସମେତ ଆଉ ୯ଟି ସ୍କୁଲକୁ ମଧ ଏପରି ଧମକ ଆସିଛି । ଦିନ ୧ଟା ୧୧ ମିନିଟରେ ବିସ୍ଫୋରଣ କରିବାକୁ ଧମକ ଆସିଛି। ଜାକେରୀ ଜେକିନ୍ସ ନାମରେ ଇ-ମେଲ୍ ଆସିଛି । ଇ-ମେଲରେ 'ଦିଲ୍ଲୀ ହେବ ଖଲିସ୍ତାନ' ବୋଲି ଉଲ୍ଲେଖ ରହିଛି । ଏହା ସହିତ 'ସ୍କୁଲ ମଝିରେ ଆଜି ଧମାକା', 'ପାର୍ଲିଆମେଣ୍ଟ ମଝିରେ ୮୦୦ ବୋମା ଚାଲିବ', 'ମୋଦି-ଶାହା-ଜୟଶଙ୍କର ଖାଲିସ୍ତାନୀଙ୍କ ଶତ୍ରୁ' ବୋଲି ମେସେଜ୍ ଲେଖାଯାଇଛି । ତେବେ ବୋମା ଧମକ ପରେ ସମସ୍ତ ବିଦ୍ୟାଳୟରେ ଛୁଟି ଘୋଷଣା କରାଯାଇ ଯାଞ୍ଚ ଆରମ୍ଭ କରାଯାଇଛି । ଦିଲ୍ଲୀ ପୋଲିସ, ଅଗ୍ନିଶମ ଟିମ୍, ସନ୍ଧାନୀ କୁକୁର ଏବଂ ବମ୍ ସ୍କ୍ୱାଡ୍ ପହଞ୍ଚି ତନ୍ନତନ୍ନ କରି ଯାଞ୍ଚ କରୁଛନ୍ତି । ତେବେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନଥିବା ଜଣାପଡ଼ିଛି ।

## କଟକ ସହରରେ ହେବ ଆଉଟର ରିଙ୍ଗରୋଡ୍

ଭୁବନେଶ୍ୱର, ୯।୨ (ନିପ୍ର): ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସୋମବାର ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ କେବଳ ବଡ଼ ବଡ଼ ସହରର ଉନ୍ନୟନ ଦ୍ୱାରା ରାଜ୍ୟର ସାମଗ୍ରିକ ବିକାଶ ହୋଇପାରିବ ନାହିଁ । ଏଥି ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତି ସହରକୁ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରିବାକୁ ପଡ଼ିବ । ବିଶେଷ କରି, ଭୁବନେଶ୍ୱର ସହର ପରିବର୍ଦ୍ଧିତ ଯୋଜନା ପରି କଟକ ସହର ଆଉଟର ରିଙ୍ଗ୍ ରୋଡ୍ ନିର୍ମାଣ କରିବା ନେଇ ଯୋଜନା ପ୍ରସ୍ତୁତ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ପଶ୍ଚିମ ଓଡ଼ିଶାରୁ ପୂର୍ବ ଓଡ଼ିଶାକୁ ଯୋଗାଯୋଗ ସୁଦୃଢ଼ିକରଣ ପାଇଁ କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫କୁ ୬ ଲେନ୍ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

## ଆଗାମୀ ୧୯ରୁ ମାଟ୍ରିକ

- ୩୦୮୨ ସେଣ୍ଟରରେ ହେବ ପରୀକ୍ଷା
- ପ୍ରଶ୍ନପତ୍ର ରଖିବା ପାଇଁ ୩୨୨ ନୋଡାଲ ସେଣ୍ଟର
- ସିସିଟିଭି ନଜରରେ ରହିବ ସମସ୍ତ ନୋଡ଼ାଲ ଓ ପରୀକ୍ଷା କେନ୍ଦ୍ର



କଟକ, ୯।୨: ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଯାଉଛି। ଏ ନେଇ ବୋର୍ଡ଼ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ରାଜ୍ୟର ୩୦୮୨ ସେଣ୍ଟରରେ ମାଟ୍ରିକ ପରୀକ୍ଷା କରାଯିବ ବୋଲି ସୋମବାର ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ପ୍ରଶ୍ନପତ୍ର ରଖିବା ପାଇଁ ୩୨୨ଟି ନୋଡ଼ାଲ ସେଣ୍ଟର କରାଯାଇଛି । ଏଥର ପରୀକ୍ଷା ଦେବା ପାଇଁ ୫ଲକ୍ଷ ୬୧ହଜାର୯୭୯ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। ସମସ୍ତ ନୋଡ଼ାଲ ସେଣ୍ଟର ଓ ପରୀକ୍ଷା କେନ୍ଦ୍ରରେ ସିସିଟିଭିର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ବୋର୍ଡ଼ର କମାଣ୍ଡ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରାଯାଇଛି । ଫେବୃଆରୀ ୧୭ ତାରିଖ ମଧ୍ୟରେ ପ୍ରଶ୍ନପତ୍ର ସବୁ ଅନୁମୋଦିତ ରୁଟ୍ ଦେଇ ନୋଡ଼ାଲ ସେଣ୍ଟରରେ ପହଞ୍ଚିବ ବୋଲି ବୋର୍ଡ଼ ସଭାପତି ସୂଚନା ଦେଇଛନ୍ତି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ସାଙ୍ଗକୁ ସଂସ୍କୃତ ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଏକ ସଂଗେ ଅନୁଷ୍ଠିତ ହେବ। ଫେବୃଆରୀ ୧୯ ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ମାତୃଭାଷା ପରୀକ୍ଷା ଦେବେ। ୨୧ରେ ଇଂରାଜୀ, ୨୩ରେ ସଂସ୍କୃତ/ହିନ୍ଦୀ, ୨୫ ରେ ବିଜ୍ଞାନ ପରୀକ୍ଷା, ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ସମସ୍ତ ପରୀକ୍ଷା ସକାଳ ୯ଟା ରୁ ୧୧.୩୦ ମିନିଟ ପର୍ଯ୍ୟନ୍ତ ଗୋଟିଏ ସିଟିଂରେ କରାଯିବ। ଗଣିତ ପରୀକ୍ଷା ଲାଗି ପରୀକ୍ଷାର୍ଥୀମାନଙ୍କୁ ଅଧିକ ୧୫ ମିନିଟ ସମୟ ମିଳିବ ।

## ହଙ୍ଗାମା କାରଣରୁ ଚାଲିପାରୁନି ଲୋକସଭା

ନୂଆଦିଲ୍ଲୀ,୯।୨: ଚଳିତ ସଂସଦ ଅଧିବେଶନରେ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ଚାଲିଥିବା ବିବାଦ କମିବାର ଦେଖାଯାଉନାହିଁ। ସୋମବାର ଲୋକସଭା କାର୍ଯ୍ୟ ପ୍ରବଳ ହଟ୍ଟଗୋଳରୁ ପୁଣି ପ୍ରଭାବିତ ହୋଇଛି। ଫଳରେ ବାଚସ୍ପତି ମଙ୍ଗଳବାର ଦିନ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ବାଧ ହୋଇଛନ୍ତି। ସୋମବାର ସକାଳେ ଗୃହ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର



ସାଂସଦମାନେ ବିଭିନ୍ନ ପ୍ରସଙ୍ଗରେ ସ୍ଲୋଗାନ ଦେଇ ଗୃହର ମଧଭାଗକୁ ଚାଲିଆସିଥିଲେ। ବିରୋଧୀ ଦଳଗୁଡ଼ିକ ସାମ୍ପ୍ରତିକ ରାଜନୈତିକ ଘଟଣାବଳୀ ଏବଂ ଜ୍ୱଳନ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଜିଦ୍ ଧରିଥିଲେ। ବାଚସ୍ପତି ସାଂସଦମାନଙ୍କୁ ସେମାନଙ୍କ ଆସନକୁ ଫେରି ପ୍ରଶ୍ନକାଳ ଚାଲିବାକ ଦେବାକୁ ବାରମ୍ବାର ଅନୁରୋଧ କରିଥିଲେ, କିନ୍ତୁ ହଟ୍ଟଗୋଳ ବଢ଼ିବାରେ ଲାଗିଥିଲା। ଗୃହରେ ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବାଚସ୍ପତି ଘୋଷଣା କଲେ ଯେ ଗୃହରେ ଆଲୋଚନା କରାଯାଉ ନାରାବାଜି ନୁହେଁ। ଦେଶର ଲୋକମାନେ ଚାହାଁନ୍ତି ଯେ ସେମାନଙ୍କ ପ୍ରସଙ୍ଗ ଗୃହରେ ଆଲୋଚନା ହେଉ।' ତଥାପି, ବିରୋଧୀ ସଦସ୍ୟଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଏବଂ ଲଗାତାର ନାରାବାଜି ଯୋଗୁଁ ଗୃହର ମର୍ଯ୍ୟାଦା ବଜାୟ ରଖିବା କଷ୍ଟକର ହୋଇପଡୁଥିଲା। କଂଗ୍ରେସର ମହିଳା ସାଂସଦମାନେ ସୋମବାର ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ପତ୍ର ଲେଖି କ୍ଷମତାସୀନ ଦଳର ଚାପରେ କାମ କରୁଥିବା ଏବଂ ମହିଳା ସାଂସଦ ମାନଙ୍କର ମର୍ଯ୍ୟାଦାକୁ ଆଘାତ କରିଥିବା ନେଇ ସିଧାସଳଖ ଅଭିଯୋଗ କରିଛନ୍ତି।

## 'ପ୍ରେମ ସପ୍ତାହ'ରେ ରାଜଧାନୀରେ ଚାଞ୍ଚଲ୍ୟ

# ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ହତ୍ୟା !

### ● ବ୍ୟବହୃତ କାର୍ ଓଭରବ୍ରିଜ ତଳକୁ ଖସିଲା, ୮ ଅଳ୍ପକେ ବର୍ତ୍ତିଲେ ● ପ୍ରେମିକା ସହ ୨ ଥାନାରେ ଅଟକ, ପୋଲିସର ତନାଘନା

ଭୁବନେଶ୍ୱର,୯।୨ (ନି.ପ୍ର): 'ପ୍ରେମ ସପ୍ତାହ'ରେ ରାଜଧାନୀ ଭୁବନେଶ୍ୱରରେ ଚାଞ୍ଚଲ୍ୟକର ଅଘଟଣ ସାମ୍ନାକୁ ଆସିଛି। ପ୍ରେମ ବ୍ୟାପାରକୁ ନେଇ ଜଣେ ଟ୍ୟାକ୍ସି ଡ୍ରାଇଭରକୁ ଛୁରୀ ଭୂଷି ହତ୍ୟା କରାଯାଇଛି। ମୃତକ ଜଣକ ବ୍ରହ୍ମଗିରିର ହାସିନାପୁରର ସତ୍ୟବ୍ରତ ପ୍ରଧାନ। ପୋଲିସ ଘଟଣାକୁ ନେଇ ତନାଘନା ଚଳାଇଥିବା ବେଳେ ପ୍ରେମିକା ସହ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ ହତ୍ୟାକାଣ୍ଡରେ ବ୍ୟବହୃତ କାର୍ ଶିଶୁଭବନ ଛକ ମାଉସୀ ମା' ଓଭରବ୍ରିଜ ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଅଳ୍ପକେ ୮ଜଣ ଲୋକ ବର୍ତ୍ତି ଯାଇଛନ୍ତି। କୁହାଯାଇଛି ଯେ ଏହି ଦୁର୍ଘଟଣା ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ କରିଥିଲା। ସୂଚନା ଅନୁସାରେ, ସତ୍ୟବ୍ରତ ପେସାରେ ଜଣେ ଡ୍ରାଇଭର ଭାବେ କାମ କରୁଥିଲା। କିଛିମାସ ତଳେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ପାର୍ଲରରେ କାମ କରୁଥିବା ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ମାତ୍ର ଯୁବତୀ ଜଣକ ତାଙ୍କୁ ଧୋକା ଦେଇ ଦୀନେଶ ନାମକ ଜଣେ ଯୁବକଙ୍କୁ ଭଲ ପାଉଥିଲେ। ଏକଥା ସତ୍ୟବ୍ରତ ଜାଣି ପାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ମଧ ହୋଇଥିଲା। ତେବେ ଏବେ ଭାଲେଣ୍ଟାଇନ୍ ସପ୍ତାହ ଚାଲିଥିବାରୁ ମାମଲାର ରଫାଦଫା କରିବାକୁ ସତ୍ୟବ୍ରତ ସଂପୃକ୍ତ ଯୁବତୀଙ୍କ ପାଖକୁ ଆସିଥିଲେ। ନୀଳାଦ୍ରି ବିହାର ସେକ୍ଟର-୨ରେ ରହୁଥିବା ସଂପୃକ୍ତ ଯୁବତୀଙ୍କ ଭଡା ଘରେ ଏକ କାର୍ ଯୋଗେ ସତ୍ୟବ୍ରତ ପହଞ୍ଚିଥିଲେ। ସେତେବେଳକୁ ଭଡା ଘରେ ଦିନେଶ ସହ ସଂପୃକ୍ତ ଯୁବତୀ ଓ ଅନ୍ୟ ଦୁଇ ଯୁବକ ଉପସ୍ଥିତ ଥିଲେ। ସତ୍ୟବ୍ରତ ପହଞ୍ଚିବା କ୍ଷଣି ପ୍ରେମ ବ୍ୟାପାରକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଆଉ ସେହି ଗଣ୍ଡଗୋଳ ଭିତରେ ତାଙ୍କୁ ଛୁରାମାଡ କରାଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ସତ୍ୟବ୍ରତ ଘର ଭିତରୁ ଦୌଡି ଦୌଡି ରାସ୍ତା ଉପରକୁ ଆସିଥିଲେ। ସେଠାରୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସୋମବାର ଭୋର୍‌ରେ ଡାକ୍ତର ସତ୍ୟବ୍ରତଙ୍କୁ ମୃତ ଘୋଷଣା କରିଥିଲେ। ଆକ୍ରମଣ ଭିତରେ ଭୋର ସାଢେ ୪ଟାରେ ମାମଲାର ମାଷ୍ଟରମାଇଣ୍ଡ ଯୁବତୀ ଜଣକ ଇନଷ୍ଟାଗ୍ରାମରେ ନିଜ ଷ୍ଟାଟସରେ ଏକ ରିଲ୍ସ ବି ପୋଷ୍ଟ କରିଥିଲେ। ଅନ୍ୟପକ୍ଷରେ ଏହି ଘଟଣା ଘଟିବା ପରେ ସତ୍ୟବ୍ରତ ଆସିଥିବା କାର୍‌ଟି ଭୋର ସାଢେ ୫ଟା ବେଳେ ମାଉସୀ ମା' ଓଭରବ୍ରିଜ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏପରିକି ବ୍ରିଜର ବ୍ୟାରିକେଡ ଭାଙ୍ଗି ତଳକୁ ଖସିପଡିଥିଲା। ତଳେ ଥିବା ଘର ଉପରେ କାର୍‌ଟି ଖସି ପଡିବାରୁ ଦୁଇ ଜଣ ଆହତ ହୋଇଥିବା ବେଳେ ୮ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୋଲିସ କାର୍‌କୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ଏକ ସୂତ୍ରରୁ ପ୍ରକାଶ ଯେ, ଦୁର୍ଘଟଣାଗ୍ରସ୍ତ ହୋଇଥିବା କାର୍ ଯୋଗେ ମୃତକ ସତ୍ୟବ୍ରତ ନୀଳାଦ୍ରିବିହାର ସେକ୍ଟର-୨ରେ ରହୁଥିବା ସଂପୃକ୍ତ ଯୁବତୀଙ୍କ ଘରକୁ ଏକୁଟିଆ ଯାଇଥିଲେ। ଏଠାରେ ପ୍ରଶ୍ନ, ସତ୍ୟବ୍ରତଙ୍କ ମୃତ୍ୟୁ ପରେ କିଏ ଏହି କାରଟିକୁ ଧରି ଘଟଣାସ୍ଥଳରୁ ଫେରାର୍ ମାରୁଥିଲେ ? କୁହାଯାଉଛି, କାରର ମାଲିକାଣୀ ଅନ୍ୟ ଜଣେ ଡ୍ରାଇଭର ସହାୟତାରେ ମର୍ଡର୍ ସ୍ପଟରୁ ଗାଡିଟିକୁ ଗାଏବ କରିବା ପାଇଁ ଯୋଜନା କରିଥିଲେ। କାର୍ ଗାଏବ ଉଦ୍ୟମ ପଛରେ ମାଲିକାଣୀଙ୍କ ହାତ ଥିବା ସନ୍ଦେହ କରି ପୋଲିସ ତାଙ୍କୁ ଥାନାକୁ ଡାକି ପଚ଼ରାଉଚ଼ରା କରୁଛି। ତା'ସହ ପୋଲିସ ୩ଟି ଟିମ୍ ଗଠନ କରି ମାମଲାର ତଦନ୍ତ କରୁଛି।



## ଜାପାନର 'ଆଇରନ ଲେଡି'ଙ୍କ ଐତିହାସିକ ବିଜୟ

### ■ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ



ଟୋକିଓ,୯।୨: ଜାପାନରେ ପ୍ରଧାନମନ୍ତ୍ରୀ ସାନାଏ ତାକାଏଚିଙ୍କ ନେତୃତ୍ୱରେ ଲିବରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି) ଏକ ରେକର୍ଡ ଭାଙ୍ଗି ବିଜୟ ସହିତ କ୍ଷମତାକୁ ଫେରିଛି। ଶାସକ ଦଳ ରବିବାର ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ଦୁଇ-ତୃତୀୟାଂଶ ବହୁମତ ହାସଲ କରିଛି। ଜାପାନୀ ଗଣମାଧ୍ୟମ ପ୍ରାରମ୍ଭିକ ଫଳାଫଳକୁ ଉଦ୍ଧୃତ କରି ଏହା ରିପୋର୍ଟ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ସଂସଦୀୟ ନିର୍ବାଚନରେ ବିଜୟରେ ଜାପାନ ପ୍ରଧାନମନ୍ତ୍ରୀ ସାର୍ବଜନୀନ ଟେଲିଭିଜନ ନେଟୱାର୍କ ଏନଏଚକେ ସହିତ ଏକ ସାକ୍ଷାତକାରରେ କହିଛନ୍ତି ଯେ ତାଙ୍କର ଧ୍ୟାନ ଏପରି ନୀତିଗୁଡ଼ିକୁ ଆଗକୁ ବଢାଇବା ଉପରେ ରହିବ ଯାହା ଜାପାନକୁ ଆହୁରି ବିକାଶ ଏବଂ ମଜଭୁତ କରିବ। ତାଙ୍କ ବିଜୟ ପରେ ତାକାଏଚି ଏଲ୍‌ଡିପି ମୁଖ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେ ତାଙ୍କର ବିଜୟ ପାଳନ କରିଥିଲେ। ତାକାଏଚି ଆଶା କରିଥିଲେ ଯେ ତାଙ୍କର ଦଳ ଏହାର ନୂତନ ସହଯୋଗୀ ଜାପାନ ଇନୋଭେସନ୍ ପାର୍ଟି ସହିତ ଏହି ନିର୍ବାଚନରେ ବହୁମତ ହାସଲ କରିବ। କିନ୍ତୁ ବିରୋଧୀ ଦଳଗୁଡ଼ିକର ନୂତନ ମେଣ୍ଟ ଶାସକ ଲିବରାଲ ଡେମୋକ୍ରାଟିକ୍ ପାର୍ଟି ପାଇଁ କୌଣସି ଚ୍ୟାଲେଞ୍ଜ ସୃଷ୍ଟି କରିବାରେ ବିଫଳ ହୋଇଥିଲା। ଏନ୍‌ଏଚ୍‌କେ ଅନୁଯାୟୀ ସାନାଏ ତାକାଇଚିଙ୍କ ଲିବରାଲ ଡେମୋକ୍ରାଟିକ୍ ପାର୍ଟି ସୋମବାର ସକାଳ ସୁଦ୍ଧା ୩୧୬ ଆସନ ଜିତିଛି, ଯାହା ଜାପାନର ୪୬୫ ସଦସ୍ୟ ବିଶିଷ୍ଟ ନିମ୍ନ ସଦନରେ ୨୬୧ ଆସନ ବିଶିଷ୍ଟ ବହୁମତ ସଂଖ୍ୟା ଗରିଷ୍ଠତାକୁ ସହଜରେ ଅତିକ୍ରମ କରିଛି।

# ସନାତନ ଧର୍ମରେ ସଂସ୍କାର






ସଂସ୍କାର ଏମିତି ଏକ ଦିବ୍ୟ ଶବ୍ଦ ଯାହା ଶ୍ରବଣ କରିବା ମାତ୍ରେ ମନରେ ଏକ ଆଧ୍ୟାତ୍ମିକତାର ଭିନ୍ନ ପ୍ରକାର ସମ୍ମାନ ଭାବ ହୃଦୟରୁ ନିର୍ଗତ ହୋଇଥାଏ । ସଂସ୍କାର ଆମର ଧାର୍ମିକ ଓ ସାମାଜିକ ଜୀବନର ପରିଚୟ । ମାନବ ସମାଜକୁ ପବିତ୍ରମୟ, ଶୁଦ୍ଧ ଏବଂ ମର୍ଯ୍ୟାଦାସମ୍ପନ୍ନ କରିବାରେ ସଂସ୍କାର ଅଗ୍ରଗଣ୍ୟ ଭୂମିକା ନିର୍ବାହ କରେ । ସନାତନ ଧର୍ମରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସଂସ୍କାର ହିଁ ସମସ୍ତଙ୍କୁ ବାନ୍ଧି ରଖିଛି । ଯାହାକୁ ଷୋହଳ ସଂସ୍କାର ଭାବେ ବିଭକ୍ତ କରାଯାଇଛି ଏବଂ ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଗ୍ରହଣଯୋଗ୍ୟ । ମହର୍ଷି ବେଦବ୍ୟାସ ସ୍ମୃତିଶାସ୍ତ୍ରରେ ପ୍ରତ୍ୟେକ ମନୁଷ୍ୟକୁ ଏହି ପବିତ୍ର ଷୋହଳ ସଂସ୍କାର ଦେଇ ଜୀବନ ଅତିବାହିତ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସୁସ୍ଥ ସଭ୍ୟ ସମାଜ ପାଇଁ ସଂସ୍କାର ଅତ୍ୟନ୍ତ ଆବଶ୍ୟକ । ସଂସ୍କାର ଏକ ସୁନ୍ଦର ସାମାଜିକ ଜୀବନଯାପନରେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ବିକଶିତ କରିଥାଏ । କୁଳଧର୍ମ, କୁଳାଚାର, କୁଳପରମ୍ପରାକୁ ଯୁଗ ଯୁଗ ଧରି ଜୀବିତ ରଖିବାରେ ସହାୟକ ହୋଇଥାଏ । ଗାଁ/ ସହର, ରାଜ୍ୟ, ଦେଶର ବିକାଶରେ ଶ୍ରେଷ୍ଠ ଦାୟିତ୍ୱ ଗ୍ରହଣ କରିଥାଏ । ଇତିହାସକୁ ଅବଲୋକନ କଲେ ଦେଖାଯାଏ ଯେ ଆମ ପୂର୍ବପୁରୁଷମାନେ ପ୍ରତ୍ୟେକ କାର୍ଯ୍ୟକୁ ସଂସ୍କାରମୟ କରିବାରେ ଅତ୍ୟନ୍ତ ଗୁରୁତ୍ୱ ଦେଇଥାଆନ୍ତି । ବର୍ତ୍ତମାନ ୨୧ତମ ଶତାବ୍ଦୀରେ ମଧ୍ୟ ସଂସ୍କାର କେତେକ କ୍ଷେତ୍ରରେ ବଞ୍ଚିରହିଛି । ଏକଥା ସତ୍ୟ ଯେ, ମନୁଷ୍ୟ ଚନ୍ଦ୍ର, ମଙ୍ଗଳ ଗ୍ରହରେ ନିଜର ଆଧିପତ୍ୟ ବିସ୍ତାର କରିଛି ; ତଥାପି ସଂସ୍କାର ପ୍ରାୟ ଆମ ସହିତ ଜଡ଼ିତ ହୋଇରହିଛି । ଗୌତମଙ୍କ ସ୍ମୃତିଶାସ୍ତ୍ରରେ ୪୦ ପ୍ରକାର ସଂସ୍କାର କଥା ଉଲ୍ଲିଖିତ ଥିବା ବେଳେ ସମୟାନୁକ୍ରମେ ଯୁଗର ଉପଯୋଗିତା ଅନୁଯାୟୀ ମହର୍ଷି ଅଙ୍ଗିରା ଏହାକୁ ହ୍ରାସ କରି ୨୫ ପ୍ରକାର କରିଥିଲେ । ପୁଣି ବ୍ୟାସଦେବ ନିଜ ସ୍ମୃତିଶାସ୍ତ୍ରରେ ୧୬ ପ୍ରକାର ସଂସ୍କାର କଥା ବର୍ଣ୍ଣନା କରି ସମସ୍ତଙ୍କ ସହଜରେ ଉପଯୋଗୀ ହୋଇପାରିବ ବୋଲି ଚିନ୍ତା କରିଥିଲେ । ଋଷି ବଶିଷ୍ଠ ଭଗବାନ ଶ୍ରୀରାମଙ୍କ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ ଏବଂ ଶ୍ରୀକୃଷ୍ଣଙ୍କ ସଂସ୍କାର ସନ୍ଦିପନୀ କରିଥିଲେ । ଉତ୍ତମ ପରିବାର, ସଭ୍ୟ ସମାଜ ପାଇଁ ସଂସ୍କାର ଅତ୍ୟନ୍ତ ଆବଶ୍ୟକ । ସାଧୁ, ସନ୍ଥ, ମୁନି, ଋଷିମାନେ ମନୁଷ୍ୟ ଜୀବନକୁ ପବିତ୍ରମୟ ଏବଂ ମର୍ଯ୍ୟାଦାସମ୍ପନ୍ନ କରିବା ପାଇଁ ସଂସ୍କାର ପ୍ରଚଳନ କରିଥିଲେ ।

## ଦଶରଥଙ୍କ ନୀତିଶିକ୍ଷା

ରାଜା ଦଶରଥ ନିଜ ୪ ପୁତ୍ରଙ୍କୁ ବରବେଶରେ ସଜାଇ ବରଯାତ୍ରୀ ଦଳ ସହିତ ମିଥିଳାପୁରୀରେ ଥିବା ରାଜା ଜନକଙ୍କ ଦ୍ୱାରରେ ପହଞ୍ଚିଲେ । ରାଜା ଜନକ ସମ୍ମାନପୂର୍ବକ ବରଯାତ୍ରୀଙ୍କୁ ସ୍ୱାଗତ କଲେ । ଏହି ସମୟରେ ରାଜା ଦଶରଥ ଆଗକୁ ଆସି ରାଜର୍ଷି ଜନକଙ୍କ ପାଦ ଛୁଇଁ ପ୍ରଣାମ କଲେ । ଚକିତ ହୋଇ ଜନକ ରାଜା ଦଶରଥଙ୍କୁ ଧରିନେଲେ ଏବଂ କହିଲେ, ମହାରାଜ ଆପଣ ବରପକ୍ଷର ମୁଖ୍ୟ । ତେଣୁ ଆପଣ ମୋ ଠାରୁ ଜ୍ୟେଷ୍ଠ । ଏଭଳି ପରିସ୍ଥିତି ଆପଣ ମୋର ପାଦ ଛୁଇଁବା ଅନୁଚିତ। ଏହାଶୁଣି ରାଜା ଦଶରଥ କହିଲେ, ମହାରାଜ ! ଆପଣ ଦାତା । କନ୍ୟାଦାନ କରୁଛନ୍ତି । ମୁଁ ଯାଚକ, ଆପଣ ଦାନସ୍ୱରୂପ ଦେଉଥିବା କନ୍ୟାକୁ ନେବା ଲାଗି ଆସିଛି । ଏଥର ଆପଣ କୁହନ୍ତି, ଦାତା ଏବଂ ଯାଚକ ମଧ୍ୟରେ ବଡ଼ କିଏ ? ଏକଥା ଶୁଣି ରାଜା ଜନକଙ୍କ ଆଖିରୁ ଅଶ୍ରୁ ଝରିପଡ଼ିଲା । ସେ କହିଲେ ଦଶରଥଙ୍କ ଭଳି ପରିବାରରେ କନ୍ୟାଦାନ କରୁଥିବାରୁ ମୁଁ ଭାଗ୍ୟବାନ । ପ୍ରତ୍ୟେକ କନ୍ୟାର ଭାଗ୍ୟରେ ପିତା ଥାଆନ୍ତି, କିନ୍ତୁ ପ୍ରତ୍ୟେକ ପିତାଙ୍କ ଭାଗ୍ୟରେ କନ୍ୟା ନ ଥାନ୍ତି ।





## ପାତାଳଭେଦୀ ଲିଙ୍ଗ:

ମହାପ୍ରଭୁଙ୍କ ଲିଙ୍ଗଦେଶ ପାତାଳଭେଦୀ ବୋଲି ବିଦିତ । ଉପରକୁ ସାମାନ୍ୟ ଦୃଶ୍ୟମାନ ସ୍ୱୟଂଭୂଙ୍କ ଲିଙ୍ଗଦେଶ ଭୂତଳର କେତେଦୂର ଯାଏ ରହିଛି ତାହାର ଆଦିଅନ୍ତ ଏଯାଏ କେହି ପାଇନାହାନ୍ତି । ମହାପ୍ରଭୁଙ୍କ ମସ୍ତକରେ ଲାଗି ହେଉଥିବା ପବିତ୍ର ଜଳ, କ୍ଷୀର, ନାରିକେଳ ଜଳ ଆଦି ପାଦୁକ ଭାବେ ଏକ ଭୂତଳ ନିଷ୍କାସନ ପ୍ରଣାଳୀରେ ପ୍ରବାହିତ ହୋଇ ମନ୍ଦିର ପଶ୍ଚିମ କୋଣରେ ଥିବା ପାପନାଶିନୀ କୁଣ୍ଡରେ ପଡ଼େ । ମହାପ୍ରଭୁଙ୍କ ପାଦୁକ ସ୍ପର୍ଶରେ ପବିତ୍ର ପାପନାଶିନୀରେ ସ୍ନାନ କଲେ ସଂସାରର ସମସ୍ତ ପାପ ଧୋଇଯାଏ ବୋଲି ବିଶ୍ୱାସ ରହିଛି ।

## ହରିହର ଭେଟ:

ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରିର ସବୁଠାରୁ ଅନନ୍ୟ ନୀତି ହେଉଛି ହରିହର ଭେଟ । ଶୈବ ଓ ବୈଷ୍ଣବଙ୍କ ସମନ୍ୱୟ ଭିତ୍ତିକ ଏହି ପରମ୍ପରା ଆବହମାନ କାଳରୁ ଚାଲିଆସିଛି । ତେବେ ଏହି ପରମ୍ପରା ଦର୍ଶନର ଭାଗ୍ୟ ସମସ୍ତଙ୍କୁ ମିଳେନି । କାରଣ ଠାକୁରଙ୍କ ଚତୁର୍ଥ ପ୍ରହର ନୀତି ସମାପନ ପରେ ଏହି ପରମ୍ପରା ସମ୍ପନ୍ନ ହୁଏ । ବିଷ୍ଣୁଙ୍କ ଅବତାର କ୍ଷେତ୍ରାଧିପତି ଅନନ୍ତ ବାସୁଦେବ ଶ୍ରୀଲିଙ୍ଗରାଜ ମନ୍ଦିରରେ ବିଜେ ହୁଅନ୍ତି । ଶୁଭ ମୁହୂର୍ତ୍ତରେ ଶ୍ରୀଅନନ୍ତ ବାସୁଦେବ ମନ୍ଦିର ଗମ୍ଭୀରା ଶ୍ରୀଜିଉଙ୍କ ଶକ୍ତିଦେଶ ଠାରୁ କିଛି ବ୍ୟବଧାନରେ ଥିବା ଖଣ୍ଡଗିରି ବାଡ଼ରେ ବିଜେ କରନ୍ତି । ଶ୍ରୀଲିଙ୍ଗରାଜଙ୍କ ପକ୍ଷରୁ ପୂଜାପଣ୍ଡା ସେବାୟତ ଓ ଅନନ୍ତ ବାସୁଦେବଙ୍କ ପକ୍ଷରୁ ପୂଜାପଣ୍ଡା ସେବାୟତ ମନ୍ତ୍ରୋଚ୍ଚାରଣ ପୂର୍ବକ ଉଭୟ ଜିଉଙ୍କ ପାରମ୍ପରିକ ଭେଟଘାଟ ବିଧିମତେ ସମ୍ପନ୍ନ କରନ୍ତି ।

## ବ୍ରହ୍ମାଙ୍କୁ ପୂଜା କରାନଯିବାର କାରଣ

ହିନ୍ଦୁ ପୁରାଣରେ ବ୍ରହ୍ମାଙ୍କୁ ସୃଷ୍ଟିକର୍ତ୍ତା ବୋଲି ଉଲ୍ଲେଖ କରାଯାଇଛି । ତେବେ ବ୍ରହ୍ମାଙ୍କୁ ପୂଜା କରିବାର ପରମ୍ପରା ହିନ୍ଦୁ ଧର୍ମରେ ପ୍ରାୟତଃ ନଥିବା ଦେଖିବାକୁ ମିଳିଥାଏ । ବ୍ରହ୍ମାଙ୍କ ମନ୍ଦିରଟିଏ ଖୋଜିଲେ ମିଳିବା କଷ୍ଟ । ରାଜସ୍ଥାନର ପୁଷ୍କରରେ ବ୍ରହ୍ମାଙ୍କର ଏକମାତ୍ର ମନ୍ଦିର ରହିଛି । ଦକ୍ଷିଣ ଭାରତରେ କୁମ୍ଭକୋଣମ୍‌ରେ ଗୋଟିଏ ଛୋଟ ମନ୍ଦିର ରହିଛି । ଏହିପରି ଦେଶରେ କାଁ ଭାଁ କେତୋଟି ସ୍ଥାନରେ ବ୍ରହ୍ମାଙ୍କ ମନ୍ଦିର ରହିଛି । କିନ୍ତୁ ବ୍ରହ୍ମାଙ୍କୁ ପୂଜା କରାଯାଏ ନାହିଁ କାହିଁକି ? ଏ ସମ୍ପର୍କରେ ପୁରାଣରେ ଭିନ୍ନ ଭିନ୍ନ କାହାଣୀ ରହିଛି । ଶିବ ପୁରାଣରେ ଉଲ୍ଲେଖ ରହିଛି ଯେ ଥରେ ବ୍ରହ୍ମା ଏବଂ ବିଷ୍ଣୁଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱକୁ ନେଇ ବିବାଦ ଦେଖାଦେଲା। କିଏ ଶ୍ରେଷ୍ଠ ଏବଂ କାହାକୁ ପୂଜା କରାଯିବା ଉଚିତ, ସେହି ଜିଦ୍‌କୁ ନେଇ ଉଭୟ ବିବାଦରେ ଲିପ୍ତ ହେଲେ । ଦିନେ ବିଷ୍ଣୁଲୋକରେ ବ୍ରହ୍ମା ପହଞ୍ଚିଲେ । କିନ୍ତୁ ବ୍ରହ୍ମାଙ୍କୁ ସ୍ୱାଗତ କରିବା ଲାଗି ବିଷ୍ଣୁ ଛିଡ଼ା ହେଲେ ନାହିଁ । ବ୍ରହ୍ମା କ୍ରୋଧିତ ହୋଇପଡ଼ିଲେ । ଦୁହିଁଙ୍କ ମଧ୍ୟରେ ଥିବା ବିବାଦ ଚରମରେ ପହଞ୍ଚିଲା । ଏହି ସମୟରେ ଭଗବାନ ଶିବ ପ୍ରକଟ ହେଲେ । ସେ ଏକ ବିଶାଳକାୟ ସ୍ତମ୍ଭ ସୃଷ୍ଟି କଲେ । ସେହି ସ୍ତମ୍ଭର ଆରମ୍ଭ ଏବଂ ଶେଷ ଖୋଜି ଆଣିବା ଲାଗି ବିଷ୍ଣୁ ଏବଂ ବ୍ରହ୍ମାଙ୍କୁ ଆଜ୍ଞା ଦେଲେ । ଯିଏ ସଫଳ ହେବ ସେ ହିଁ ଶ୍ରେଷ୍ଠ ବିବେଚିତ ହେବ । ବ୍ରହ୍ମା ରାଜହଂସ ରୂପ ଧରି ସେହି ସ୍ତମ୍ଭର ଉପର ଆଡ଼କୁ ଯାତ୍ରା କଲେ । ଭଗବାନ ବିଷ୍ଣୁ ବରାହ ଅବତାର ଧରିଲେ ଏବଂ ସ୍ତମ୍ଭର ନିମ୍ନଭାଗ ଆଡ଼କୁ ଯାତ୍ରା କଲେ । କିନ୍ତୁ କେହି ହେଲେ ସ୍ତମ୍ଭର ଆରମ୍ଭ କିମ୍ବା ଶେଷ ପାଇପାରିଲେ ନାହିଁ । ବ୍ରହ୍ମା ଫେରି ଆସି ମିଛ କହିଲେ। ସେ କହିଲେ ମୁଁ ସ୍ତମ୍ଭର ସବୁଠୁ ଉପରିଭାଗରୁ ଫେରୁଛି । ହେଲେ ବ୍ରହ୍ମାଙ୍କ ମିଛ ଧରାପଡ଼ିଗଲା । ତେଣୁ ଭଗବାନ ଶିବ ତାଙ୍କୁ ଅଭିଶାପ ଦେଲେ- ମିଛ କହିଥିବାରୁ ପୃଥିବୀରେ ତୁମକୁ କେହି ପୂଜା କରିବେ ନାହିଁ । ଅନ୍ୟ ଏକ ମାନ୍ୟତା ଅନୁଯାୟୀ, ସୃଷ୍ଟିର ଆରମ୍ଭ କାଳରେ ଭଗବାନ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ସୃଷ୍ଟି ହୋଇଥିଲା। ହେଲେ ସେ ପ୍ରକଟ ହେବା ମାତ୍ରେ ଭୟଭୀତ ହୋଇପଡ଼ିଲେ। ଏହି ସମୟରେ ଭଗବାନ ବିଷ୍ଣୁ ହିଁ ତାଙ୍କର ଭୟ ଦୂର କରିଥିଲେ। ଏହି କାରଣରୁ ତାଙ୍କର ପୂଜା କରାଗଲା ନାହିଁ । କାରଣ ଭଗବାନ କେବେ ହେଲେ ଭୟଭୀତ ହୋଇନଥାନ୍ତି । ସେହିପରି ଦେବୀ ସରସ୍ୱତୀଙ୍କ ଅଭିଶାପ କାରଣରୁ ବ୍ରହ୍ମାଙ୍କୁ ପୂଜା କରାଯାଏ ନାହିଁ ବୋଲି ପୌରାଣିକ ମାନ୍ୟତା ରହିଛି । ଥରେ ବ୍ରହ୍ମା ସ୍ୱର୍ଗରୁ ପୁଷ୍କର ଆସି ଦେବୀ ଗାୟତ୍ରୀଙ୍କ ସହ ଯଜ୍ଞ କରିଥିଲେ। ଦେବୀ ସରସ୍ୱତୀ ଏଥିଯୋଗୁ ରୁଷ୍ଟ ହେଲେ ଏବଂ ପୁଷ୍କର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ବ୍ରହ୍ମାଙ୍କୁ ପୂଜା କରାଯିବ ନାହିଁ ବୋଲି ଅଭିଶାପ ଦେଇଥିଲେ ।






## ତ୍ୟାଗ


**ପ୍ରତିଟି କ୍ଷଣରେ ଚିନ୍ତା ଘେରି ରହିଥାଏ । ଯିଏ ଜାଣିଶୁଣି ସବୁକିଛି ତ୍ୟାଗ କରିଛି, ସେ ପ୍ରସନ୍ନ ରହିପାରିଥାଏ । ଯିଏ ଜାଣିଶୁଣି ସବୁକିଛି ତ୍ୟାଗ କରିଛି, ସେ ପ୍ରସନ୍ନ ରହିପାରିଥାଏ ।**

ଭଗବାନ ବୁଦ୍ଧଙ୍କ ନିକଟକୁ ଥରେ ସମ୍ରାଟ୍ ଶୌଣିକ ଆସିଲେ । ସେ ପଚାରିଲେ, ମହାତ୍ମା ! ରାଜକୁମାରଙ୍କୁ ମୁଁ ସବୁ ସୁବିଧା ଦେଇଛି । ହେଲେ ସେ ଖୁସିରେ ରହିପାରୁନାହାନ୍ତି । କିନ୍ତୁ ଅତି ସାଧାରଣ ଜୀବନ ବଞ୍ଚୁଥିବା ଆପଣଙ୍କ ଭିକ୍ଷୁମାନେ ସବୁବେଳେ କିଭଳି ପ୍ରସନ୍ନ ରହୁଛନ୍ତି ଏହାର କାରଣ କ'ଣ ଭଗବାନ ବୁଦ୍ଧ ଉତ୍ତର ଦେଲେ, ରାଜନ୍ ! ପ୍ରସନ୍ନତା ଖୋଜିବାକୁ ଚାହୁଁଛ ତ' ଅକିଞ୍ଚନ (ଯାହାପାଖରେ କିଛି ନଥାଏ)ରେ ଖୋଜ । ଯିଏ ସଂକଳ୍ପ କରି ସବୁକିଛି ଛାଡ଼ିଦେଇଛି, ସିଏ ହିଁ ପ୍ରସନ୍ନ ରହିଥାଏ । ଭିକାରି କେବେ ହେଲେ ପ୍ରସନ୍ନ ନଥାଏ । କାରଣ ସିଏ ସବୁକିଛି ତ୍ୟାଗ କରିନଥାଏ । ସେ ତ' ଅଭାବରେ ଜୀବନ ବିତାଇଥାଏ । ଅଭାବରେ ବଞ୍ଚୁଥିବା ମନୁଷ୍ୟ କେବେହେଲେ ପ୍ରସନ୍ନ ହୋଇପାରିନଥାଏ । ପ୍ରତିଟି କ୍ଷଣରେ ଚିନ୍ତା ଘେରି ରହିଥାଏ । ଯିଏ ଜାଣିଶୁଣି ସବୁକିଛି ତ୍ୟାଗ କରିଛି, ସେ ପ୍ରସନ୍ନ ରହିପାରିଥାଏ । ତ୍ୟାଗ କରିବା ଏବଂ ପ୍ରାପ୍ତ ନହେବା ଦୁଇଟି ଭିନ୍ନ ଜିନିଷ । ଯାହାକୁ ପଦାର୍ଥ ମିଳିନଥାଏ, ସେ ତ୍ୟାଗୀ ହୋଇପାରିନଥାଏ । ତ୍ୟାଗୀ ମନୁଷ୍ୟ ସେହି, ଯିଏ ସବୁକିଛି ପାଇ ମଧ୍ୟ ତ୍ୟାଗ କରି ଚାଲିଯାଇଥାଏ । ତ୍ୟାଗୀ ବ୍ୟକ୍ତି ସବୁବେଳେ ପ୍ରସନ୍ନ ରହିଥାଏ । ସାଧନ, ସୁବିଧା ଥିବା ସମ୍ପନ୍ନ ବ୍ୟକ୍ତି କେବେହେଲେ ପ୍ରସନ୍ନ ରହିପାରିନଥାଏ । ସେ ସର୍ବଦା ନିଜ ଧନର ସୁରକ୍ଷା ନିମିତ୍ତ ଚିନ୍ତାଗ୍ରସ୍ତ ରହିଥାଏ । ଭୟଭୀତ ରହିଥାଏ । ସ୍ୱେଚ୍ଛାରେ ତ୍ୟାଗ କରିଥିବା ବ୍ୟକ୍ତି ନିର୍ଭୟ ହୋଇଥାଏ ।

*ତ୍ୟାଗୀ ମନୁଷ୍ୟ ସେହି, ଯିଏ ସବୁକିଛି ପାଇ ମଧ୍ୟ ତ୍ୟାଗ କରି ଚାଲିଯାଇଥାଏ । ତ୍ୟାଗୀ ବ୍ୟକ୍ତି ସବୁବେଳେ ପ୍ରସନ୍ନ ରହିଥାଏ । ସାଧନ, ସୁବିଧା ଥିବା ସମ୍ପନ୍ନ ବ୍ୟକ୍ତି କେବେହେଲେ ପ୍ରସନ୍ନ ରହିପାରିନଥାଏ ।*



## ଓମ୍ ଜପ କଲେ ହୃତ୍‌ପିଣ୍ଡରେ ପଡ଼େ ପ୍ରଭାବ





ଓମ୍ ଜପ ଯଦିଓ ହିନ୍ଦୁ ଧର୍ମ ସହ ଯୋଡ଼ି ହୋଇ ରହିଛି, କିନ୍ତୁ ବୈଜ୍ଞାନିକଙ୍କ ମଧ୍ୟରେ ଏହାକୁ ନେଇ ଆଉ କିଛି ବିଶ୍ୱାସ ରହିଛି । ଅନେକ ଡାକ୍ତର ଓ ବୈଜ୍ଞାନିକ ଏହାକୁ ଫ୍ରିକ୍ୱେନ୍ସି ଭାବେ ମନେକରନ୍ତି । ଏମିତି ୟୁନିଭର୍ସଲ ଫ୍ରିକ୍ୱେନ୍ସି ଯାହା କି, ଆମ ଶରୀରର ଅନେକ ସମସ୍ୟାକୁ ସମାଧାନ କରି ପାରେ। ନ୍ୟୁରୋଲଜିଷ୍ଟ ଡାକ୍ତର ଶ୍ୱେତା ଅଡାତିଆ ଓମ୍ ଜପ ସହ ଜଡ଼ିତ ଏକ ଏକ୍ସପେରିମେଣ୍ଟ କରିଛନ୍ତି । ଏହାର ଫଳାଫଳ ଆପଣଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରି ପାରେ।

**ମନ୍ତ୍ରର ହୃତପିଣ୍ଡରେ ପ୍ରଭାବ:** ଡାକ୍ତର ଶ୍ୱେତା ଜଣେ ବ୍ରେନ୍ ସାଇଣ୍ଟିଷ୍ଟ । ତାଙ୍କୁ ବୈଦିକ ମନ୍ତ୍ର ଶକ୍ତି ଉପରେ ଖୁବ୍ ଭରସା ରହିଛି । ଶ୍ୱେତା ପ୍ରାଣାୟାମ ଓ ମନ୍ତ୍ର ଜପରେ ଷ୍ଟ୍ରେସ୍ ହ୍ରାସ କରିବାର ଉପାୟ ଖୋଜୁଛନ୍ତି । ସେ ଏକ ପ୍ରୟୋଗ କରିଛନ୍ତି , ଯେଉଁଥିରେ ଜାଣିବାକୁ ପାଇଲେ କି , ଓମ୍‌ର ଜପ କରିବା ଦ୍ୱାରା ଆପଣଙ୍କର ହାର୍ଟରେଟ୍ ଭାରିଏବିଲିଟି (ଏଚଆରଭି) ହ୍ରାସ ପାଇ ପାରେ।

**ବଦଳି ଗଲା ହାର୍ଟରେଟ୍:**

ଶ୍ୱେତା କହିଛନ୍ତି ଯଦି ସେ ନିଜର ହାର୍ଟରେଟ୍ ପରିବର୍ତ୍ତନକୁ ୯୦ରୁ ୬୦-୬୫ ଯାଏ ଆଣି ପାରନ୍ତି ତ ଏହି ହାର୍ଟରେଟ୍ ଭାରିଏବିଲିଟି ତାଙ୍କର ହାର୍ଟ ଓ ମସ୍ତିଷ୍କ ପାଇଁ ଖୁବ୍ ଭଲ । ଏହାପରେ ସେ ନିଜର ଆଙ୍ଗୁଠିରେ ପଲ୍ସ ଅକ୍ସିମିଟର ଲଗାଇ ଥିଲେ । ଏହାପରେ ହାର୍ଟବିଟ୍ ନୋଟ୍ କଲେ , ଯାହାକି ୮୩ ଥିଲା । ଶ୍ୱେତା କହିଛନ୍ତି କି, ଓମ୍ ୟୁନିଭର୍ସଲ ଫ୍ରିକ୍ୱେନ୍ସି ଅଟେ, ଏହାର କୌଣସି ଧର୍ମ ସହ ନେଣଦେଣ ନାହିଁ।

**ଦୁଇ ପ୍ରକାରର ଓମ୍‌ର ଉଚ୍ଚାରଣ:**

ଶ୍ୱେତା ଓମ୍‌ର ଉଚ୍ଚାରଣ ଦୁଇ ପ୍ରକାରର କରିଛନ୍ତି। ପ୍ରଥମ ଥର ସେ 'ଓ' କୁ ଲମ୍ବା ଉଚ୍ଚାରଣ କରିଛନ୍ତି । ଅକ୍ସିମିଟରରେ ଦେଖା ଦେଇଥିଲା କି ତାଙ୍କର ପଲ୍ସରେଟ୍ ୭୩ ଯାଏ ପହଞ୍ଚି ଯାଇଛି । ଏହାପରେ ଶ୍ୱେତା ଓମ୍‌ର ' ମ' କୁ ଅଧିକ ସମୟ ଯାଏ ଉଚ୍ଚାରଣ କଲେ , ଏମିତି କରିବାରେ ହାର୍ଟବିଟ୍ ୬୯ ଯାଏ ଆସି ଥିଲା । ଶ୍ୱେତା କହିଛନ୍ତି କି, ଯଦି କାହାର ମସ୍ତିଷ୍କକୁ ଆକ୍ଟିଭେଟ୍ କରିବାର ଅଛି ତ ଓମ୍‌ରେ 'ଓ' ର ଉଚ୍ଚାରଣ ଦୀର୍ଘ ସମୟ ଯାଏ କରନ୍ତୁ। ଯଦି ରିଲାକ୍ସ ଫିଲ୍ କରିବାର ଅଛି ତ ' ମ' ର ଉଚ୍ଚାରଣ ଦୀର୍ଘ ସମୟ ଯାଏ କରନ୍ତୁ। ଏଥିରେ ଏହି ଫଳ ବାହାରିବଯେ ଆପଣ ସକାଳୁ ଉଠି ଓମ୍‌ର ଉଚ୍ଚାରଣ କରନ୍ତୁ ଏବଂ 'ଓ' କୁ ଅଧିକ ସମୟ ଯାଏ ଲମ୍ବାଇ ଉଚ୍ଚାରିତ କରନ୍ତୁ। ଶୋଇବା ପୂର୍ବରୁ ଓମ୍ ଉଚ୍ଚାରଣ କରନ୍ତୁ , ଯେଉଁଥିରେ 'ମ'କୁ ଦୀର୍ଘ ସମୟ ଯାଏ କୁହନ୍ତୁ।



# ଶ୍ରୀଶଙ୍କରାଚାର୍ଯ୍ୟ ଗୋଶାଳା କାର୍ଯ୍ୟସମିତି ବୈଠକ

ତାଳଚେର,(ନିପ୍ର): ପୁରୀ ଗୋବର୍ଦ୍ଧନ ପିଠାଧୀସ ଜଗତଗୁରୁ ଶଙ୍କରାଚାର୍ଯ୍ୟ କିଛିମାସ ପୂର୍ବରୁ ତାଳଚେରରେ ଶ୍ରୀଶଙ୍କରାଚାର୍ଯ୍ୟ ଗୋଶାଳାର ଉଦ୍‌ଘାଟନ କରିଥିଲେ। ଏହାକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳାର ମୁଖ୍ୟ ଡ଼ା ସଂଜୀବ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଥମ କାର୍ଯ୍ୟ ସମିତି ବୈଠକରେ ମୁଖ୍ୟ ଅତିଥି ଭାବେ ବିଜେପି ମିଡ଼ିଆ ସେଲ ଜୋନାଲ ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ଉକ୍ତ ଗୋଶାଳାର ସମସ୍ତ



ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଗୋଶାଳା ସମ୍ପୂର୍ଣ କାର୍ଯ୍ୟକ୍ଷମ ଉପରେ ପ୍ରସ୍ତାବ ରଖିଥିଲେ । ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ର ଉଭୟ ସରକାର ଗୋଶାଳା ପାଇଁ ବିଭିନ୍ନ ପ୍ରୋତ୍ସାହନ ଦେଉଥିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଡ଼ା ସଂଜୀବ ରାଉତ ଗାଈର ଖତ ଓ ଗୋ ମୂତ୍ରରୁ ବିଭିନ୍ନ ମୂଲ୍ୟବାନ ଦ୍ରବ୍ୟ କିଭଳି ଭାବେ ପ୍ରସ୍ତୁତ ହୋଇ ଲୋକଙ୍କ ସେବାରେ ଲାଗିବ ସେ ବିଷୟରେ ଆଲୋଚନା କରିଥିଲେ । ପ୍ରଥମ କାର୍ଯ୍ୟ ସମିତି ବୈଠକ ରେ ୫୧ ଜଣ ବିଶେଷ ଭାବେ ମହିଳା ସଦସ୍ୟତା ଗ୍ରହଣ କରିଥିଲେ । ଗୋଶାଳାକୁ କାର୍ଯ୍ୟକ୍ଷମ କରି ଗୋ ସେବା ସହ ସେଠାରେ ଜନ୍ମଦିନ ପାଳନ ବିଭିନ୍ନ ମୋହତ୍ସବ, ହୋମ ଯଜ୍ଞ ଆଦି ପ୍ରତ୍ୟହ କରାଇବା ଉପରେ ବୈଠକ ରେ ମତ ପ୍ରକାଶ ପାଇଥିଲା । ଉକ୍ତ ବୈଠକରେ ମାରୱାଡି ସମିତିର ପୂର୍ବତନ ସଭାନେତ୍ରୀ ଆଶା ଅଗ୍ରୱାଲ, ନିଶା ଅଗ୍ରୱାଲ, ଶ୍ୟାମା ଅଗ୍ରୱାଲ, ଆଦିତ୍ୟ ବାହିନୀର ଆଇନଜୀବୀ ଶମ୍ଭୁନାଥ ବେହେରା, ଜଗଦୀଶ ସିଂହ, ଅଜୟ ସାହୁ, ଜଗଦୀଶ ମିଶ୍ର, ସୁନୀଲ ପଟ୍ଟନାୟକ, ଦିପେନ୍ଦ୍ର ସିଂହ, ବିଶ୍ୱନାଥ ପ୍ରଧାନ, ସଂଜୀବ ନାହାକ ଙ୍କ ସମେତ ଶତାଧିକ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ।

## ସାପ୍ତାହିକ ଖବରକାଗଜ 'ମୁକ୍ତ କଲମ'ର ୨୯ତମ ବାର୍ଷୀକ ଉତ୍ସବ

ଭୁବନେଶ୍ୱର : ସାପ୍ତାହିକ ଓଡ଼ିଆ ଖବରକାଗଜ 'ମୁକ୍ତ କଲମ' ର ୨୯ ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟା ରେ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ଏତିରେ ମୁଖ୍ୟଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଡ଼ ଦେବୀପ୍ରସନ୍ନ ପଟ୍ଟନାୟକ, ଅନ୍ୟତମ ଅତିଥିଭାବେ ଆୟ କର ବିଭାଗ ପୂର୍ବତନ ଆୟୁକ୍ତ ଶରତ ଦାସ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବିଶ୍ୱବାଣୀ ଦୈନିକ ଖବରକାଗଜର ସମ୍ପାଦକ ଅର୍ଜୁନ ମୁଦୁଲି, ଗବେଷିକା ଓ ପ୍ରକାଶିକା ଡ଼ଃ ସୁନୀତି ମୁଣ୍ଡ, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେଏ । ସାମ୍ବାଦିକମାନଙ୍କ ପ୍ରତି ସୁବିଧା ସୁଯୋଗ ସୃଷ୍ଟି କଲେ ହିଁ ଜଣେ ସମ୍ବାଦିକ ଓ ସତ୍ତ୍ୱାଧୀକାରି ବଂଚି ପାରିବେ ବୋଲି 'ମୁକ୍ତ କଲମ' ସମ୍ପାଦକ ଜ୍ଞାନ ରଞ୍ଜନ ଦାସ ନିଜର ସ୍ୱାଗତ ଭାଷଣରେ ପ୍ରକାଶ କରିଥିଲେ । ସରକାର ବିଜ୍ଞାପନ ନୀତିରେ ପରିବର୍ତ୍ତନ କଲେ ଗଣମାଧ୍ୟମ ବଂଚି ପାରିବ ଓ ଗଣମାଧ୍ୟମ ସତ୍ତ୍ୱାଧିକାରୀମାନେ ଏକମନ ଏକମତ ହୋଇ ସମ୍ବାଦପତ୍ରଗୁଡିକୁ ବଂଚାଇବାର ପ୍ରୟାସ କରନ୍ତୁ ବୋଲି ଶ୍ରୀ ମୁଦୁଲି ପ୍ରକାଶ କରିଥିଲେ। କେମିତି ପ୍ରାରମ୍ଭରୁ ଗୋଟେ ଖବରକାଗଜ ଆରମ୍ଭ ହୋଇଥାଏ ଓ ଏହାର ଖର୍ଚ୍ଚ ସମ୍ବନ୍ଧୀୟ ଅନୁଭବରୁ ବଖାଣିବା ସହ କେମିତି ସରକାରଙ୍କ ଠାରୁ ବିଜ୍ଞାପନ କମିଯାଉଛି ତା'ର ଏକ ଚିଠା ସନତ ମିଶ୍ର ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ଜଗନ୍ନାଥଙ୍କ ଭଜନରୁ ଆରମ୍ଭ ହୋଇ ଶେଷରେ କୁନି କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲେ।

## 'ରଜତ ଜୟନ୍ତୀ' ଉତ୍ସବର ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଳନ ଉପଲକ୍ଷେ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' ପରିସରରେ ସଭାପତି ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଥିଲେ ସଭାପତି, କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି, ଉପସଭାପତି ଡଃ ଗୋଲକ ବିହାରୀ ସାହୁ, ହରମୋହନ କୁଅଁର, ଶାନ୍ତନୁ କୁମାର ରାଉତ, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, କରୁଣାକର ଉପାଧ୍ୟାୟ। ଆଲୋଚନା ପରେ ସର୍ବସମ୍ମତି



କ୍ରମେ ଚଳିତ ଫେବୃୟାରୀ ମାସ ୨୨ ତାରିଖରେ 'ରଜତ ଜୟନ୍ତୀ' ଉତ୍ସବ ମହାସମାରୋହରେ ପାଳିତ ହେବାର ଧାର୍ଯ୍ୟ ହେଲା। ଉତ୍ସବକୁ ସୁରୁରୁ ଓ ଶୃଙ୍ଖଳିତ ଭାବେ ପାଳନ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ କମିଟି ଗଠିତ ହୋଇ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ପୂର୍ବାହ୍ନ ଅଧିବେଶନରେ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ବିଧିବଦ୍ଧ ଭାବେ ନିର୍ବାଚନ କରାଯିବ। ଉତ୍ସବରେ ସଂଘର 'ରଜତ ଜୟନ୍ତୀ' ଉତ୍ସବ ସ୍ମରଣିକା-୨୦୨୬ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଲୋକାର୍ପଣ କରାଯିବ। କାର୍ଯ୍ୟକ୍ରମରେ ସମସ୍ତଙ୍କର ସାହାଯ୍ୟ, ସହଯୋଗ ଓ ଉପସ୍ଥିତି କାମନା କରାଯାଇଛି।

### ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ପୂର୍ବରୁ ସମନ୍ୱୟ ବୈଠକ

# ଶୃଙ୍ଖଳିତ ଦର୍ଶନ, ଶୂନ୍ୟ ଅଘଟଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର :(ନିପ୍ର) ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ପ୍ରସିଦ୍ଧ ମହାଶିବରାତ୍ରୀର ଅବ୍ୟବହିତ ପୂର୍ବରୁ ସୋମବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଚଳିତ ବର୍ଷ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ପ୍ରସିଦ୍ଧ ମହାଶିବରାତ୍ରୀ ପର୍ବ ଆସନ୍ତା ତା.୧୫.୦୨.୨୦୨୬ ରିଖ ରବିବାର ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଭୁବନେଶ୍ୱର ଲୋକସେବା ଭବନ ସ୍ଥିତ ଆଇନ ବିଭାଗର ସମ୍ମିଳନୀ କକ୍ଷ ଠାରେ ପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କର ପବିତ୍ର ମହାଶିବରାତ୍ରୀ ପର୍ବ ପାଳନ ଅବସରରେ ଅନୁଷ୍ଠିତ ସମ୍ୱନୟ ବୈଠକରେ ଯୋଗଦେଇ ସେବାୟତ, ମନ୍ଦିର ପ୍ରଶାସନ ଓ ବିଭିନ୍ନ ସରକାରୀ ବିଭାଗ ଉପରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛି।

ବୈଠକରେ ଶାନ୍ତିପୂର୍ଣ୍ଣ ଭାବେ ମହାପ୍ରଭୁ ଲିଙ୍ଗରାଜଙ୍କ ନୀତି ସମ୍ପନ୍ନ ହେବା, ସଠିକ୍ ସମୟରେ ମହାଦୀପ ଉଠିବା, ଶୃଙ୍ଖଳିତ ଦର୍ଶନ, ଶୂନ୍ୟ ଅଘଟଣକୁ ଗୁରୁତ୍ୱ ଦେବା ସହ



ଟ୍ରାଫିକ ସୁପରିଚାଳନା, ପାରିପାର୍ଶ୍ୱିକ ରାସ୍ତାଗୁଡିକୁ ପରିଷ୍କାର ପରିଚ୍ଛନ୍ନତା, ପାଣି ଓ ବିଦ୍ୟୁତ୍ ବ୍ୟବସ୍ଥା ଆଦି ବିଷୟ ଉପରେ ବ୍ୟାପକ ଆଲୋଚନା କରିବା ସହ ଶୃଙ୍ଖଳିତ ଭାବେ ମହାଶିବରାତ୍ରୀ ପାଳନ ପାଇଁ ପରାମର୍ଶ ଦେଇଛି।

ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ , ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ପବିତ୍ର ମୋହନ ସାମଲ, ଦେବୋତର ଆୟୁକ୍ତ ଲଲାଟେନ୍ଦୁ ଜେନା, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ରତୁରାଜ, ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ପୋଲିସ କମିଶନର ଡଃ ସୁରେଶ ଦେବ ଦତ ସିଂହ, ଅତିରିକ୍ତ ପୋଲିସ କମିଶନରସିଂହ ଭୋଳ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି , କର୍ପୋରେଟର ଗଣ, ଅନ୍ୟ ପୋଲିସ ଅଧିକାରୀ ଗଣ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ, ପ୍ରମୁଖ ସେବା ନିଯୋଗର ପ୍ରତିନିଧି ବୃନ୍ଦ , ବିଦ୍ୟୁତ ବିଭାଗ ଅଧିକାରୀ ଓ କର୍ମଚାରୀ,ଜଳ ନିଗମ ଅଧିକାରୀ , ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ , ସ୍ୱେଚ୍ଛାସେବୀ ସଂଗଠନ ସହ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ବଲାଙ୍ଗିରରେ ବିଜେଡିର ଚାଷୀ ସମାବେଶ: ପଞ୍ଚାୟତ ନିର୍ବାଚନ ବିଗୁଲ ବାଜିଲା

ବଲାଙ୍ଗିର, (ନିପ୍ର): ଚାଷୀମାନଙ୍କ ସମସ୍ୟା ଓ ବର୍ଦ୍ଧିତ ମହିଳା ନିର୍ଯାତନା ଓ ଅନ୍ୟାନ୍ୟ ଲୋକଙ୍କ ସମସ୍ୟା ସମାଧାନ ତ ଦୂରେ ଥାଇ ରାଜ୍ୟରେ ଦୁଇ ବର୍ଷ ଅତିବାହିତ ହେବାକୁ ଯାଇଥିବା ବେଳେ ଡବଲ ଇଞ୍ଜିନ ନାରା ଦେଇ ଆସିଥିବା ବିଜେପି ସରକାର ସବୁ ଦିଗରେ ଫେଲ୍ ମାରିଥିବାକୁ ବିତାଡିତ କରି ଆଗାମୀ ୨୦୨୭ ରେ ୨୪ ବର୍ଷ ସୁଶାସନ ଦେଇଥିବା ନବୀନ ପଟ୍ଟନାୟକଙ୍କୁ ପୁଣି ଶାସନ ଭାର ଦେବାକୁ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନ ପାଇଁ ଚାଷୀ ସମାବେଶରେ ନିର୍ବାଚନୀ ବିଗୁଲ୍ ଫୁଙ୍କିଛି। ବଲାଙ୍ଗୀର ଜିଲ୍ଲାପାଳଙ୍କୁ ଚାଷୀ ମାନଙ୍କ ଦାବି ନେଇ ଦିଆଯାଇଥିବା ଦାବିପତ୍ର ଦେବା ସହିତ ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ବିଜେଡ଼ି ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବଲାଂଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ବଲାଂଗିର ନଗରପାଳ ଲୀକା ସାହୁ, ଚାଷୀ ନେତା ଆକାଶ ମିଶ୍ର, ଦେଓଗାଁ ପୂର୍ବତନ ଅଧକ୍ଷ ଲକ୍ଷ୍ମଣ ମେହେର, କଣ୍ଟାବାଞ୍ଜିର ଅଜୟ ଦାସ ପ୍ରମୁଖ ସମାବେଶରେ ଉଦବୋଧନ ଦେଇ ଲୋକଙ୍କୁ ଅନେକ ଲୋଭନୀୟ ଆଶ୍ୱାସନା ଦେଇ ସରକାର ଗଢିଥିବା ମୋହନ ସରକାର କୌଣସି କାର୍ଯ୍ୟ କରିପାରିନାହାନ୍ତି।

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ


## ଇଲେଭେନ ଷ୍ଟାର ଯାଜପୁର ଚାମ୍ପିଅନ



ଧାମନଗର,(ନିପ୍ର): ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର କାଳୀ ପଡିଆରେ ମା' ଶ୍ୟାମାକାଳୀ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଉଦ୍‌ଯାପନୀ ଦିନରେ ପାରାଦୀପ କ୍ରିକେଟ୍ କ୍ଲବ ଓ ଇଲେଭେନ୍ ଷ୍ଟାର ଯାଜପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଇଲେଭେନ୍ ଷ୍ଟାର ଯାଜପୁର ପ୍ରଥମେ ପାରାଦୀପ କ୍ରିକେଟ୍ କ୍ଲବକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ଦେଇଥିଲା। ପାରାଦୀପ ଦଳ ୧୭.୩ ଓଭରରେ ସମସ୍ତ ୱିକେଟ ହରାଇ ୧୦୭ ରନ କରିଥିଲା। ଜବାବରେ ଇଲେଭେନ ଷ୍ଟାର ଯାଜପୁର ୧୩.୪ ଓଭରରେ ୪ଟି ୱିକେଟ୍ ହରାଇ ୧୦୮ ରନ୍ ସଂଗ୍ରହ କରି ଫାଇନାଲ ମ୍ୟାଚରେ ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚର ଅମ୍ପାୟାର ଭାବେ ସନ୍ୟାସୀ ନାୟକ ଓ ପିନାକୀ ସାହୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟକ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଯାତ୍ରା ଅଭିନେତା ଗୌର ଦାସ ଯୋଗଦେଇ ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।


## କାଶୀନଗର ସହରରେ ସିରିଜ ଚୋରି ଉଦ୍ୟମ ବିଫଳ

କାଶୀନଗର,(ନିପ୍ର): ରାତିରେ ଏକ ଚୋର ଦଳ କାଶୀନଗର ୱାର୍ଡ ନଂ ୧୦ ନୂଆ କାଶୀନଗରର ବାସିନ୍ଦା ଦାସରୀ ସୁଗୁଣା, ୱାର୍ଡ ନଂ ୧୧ର ତମଡା ଦାଶରଥି ଦୁହିଁଙ୍କ ଗ୍ରିଲ କବାଟ କଟର ସାହାଯ୍ୟରେ କାଟି କୌଣସି କାରଣରୁ ଘର ଭିତରେ ନ ପଶି ଚାଲିଯାଇଥିବା ବେଳେ ୱାର୍ଡ ନଂ ୧୨ର ରେଗେଡି ଭେଙ୍କେଟ ରାଓଙ୍କ ଘରେ ମଧ୍ୟ ସେହି ଭଳି ଗ୍ରିଲ କବାଟ କଟର ଦ୍ୱାରା କାଟି ରାତି ପ୍ରାୟ ୧୨ଟା ସମୟରେ ଘରେ ପଶି ଗଡ଼ରେଜ ବେରୁଆ ଚାବି ତାଡି କିଛି ନ ପାଇବାରୁ ସେମିତି ଛାଡି ଚାଲିଯାଇ ଥିବା ଦୃଷ୍ଟି ଗୋଚର ହୋଇଛି। ରାତି ପ୍ରାୟ ଘଣ୍ଟେ ସମୟରେ କାଶୀନଗର ଥାନା ସୂଚନା ପାଇ ଥାନା ଅଧିକାରୀ ତ୍ରିନାଥ ସେଠୀ ଏକ ଟିମ ତୁରନ୍ତ ପଠେଇ ଅନୁସନ୍ଧାନ କରି ୨୨/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। କାଶୀନଗର ସହରରେ ରାତ୍ରି ପେଟ୍ରୋଲିଂକୁ



ଆହୁରି କଡାକଡ଼ି କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସେଠୀ କହିଛନ୍ତି।

# ୨୦୩୦ ସୁଦ୍ଧା ଶୂନ୍ୟ ଜଳାତଙ୍କ ମୃତ୍ୟୁ ଲକ୍ଷ୍ୟ



ଭୁବନେଶ୍ୱର,(ନିପ୍ର) : ୨୦୩୦ ସୁଦ୍ଧା ଜଳାତଙ୍କରେ ଶୂନ୍ୟ ମୃତ୍ୟୁ ଟାର୍ଗେଟ୍। ଏନେଇ ନ୍ୟାସନାଲ ରାବିଜ୍ କଣ୍ଟ୍ରୋଲ ପ୍ରୋଗ୍ରାମ (ଏନ୍‌ଆରସିପି) ମାଧ୍ୟମରେ ଯୋଜନା ପ୍ରସ୍ତୁତ କରାଯାଇଛି । ସେଥିପାଇଁ ତୃଣମୂଳସ୍ତରରେ ଆଣ୍ଟି-ରାବିଜ୍ ଭ୍ୟାକ୍‌ସିନ (ଏଆରଭି) ରାବିଜ୍ ଇମ୍ୟୁନୋ ଗ୍ଲୋବ୍ୟୁଲିନ(ଆରଆଇଜି) ସର୍ଭେଲାନ୍ସ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ଆଉ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ 'ମଡେଲ୍ ଆଣ୍ଟି-ରାବିଜ୍ କ୍ଲିନିକ୍' ବା ଜଳାତଙ୍କ ଚିକିତ୍ସା କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ଏନେଇ ସ୍ୱାସ୍ଥ୍ୟ ବିଭାଗ ଏକ ଆକ୍ସନ୍ ଟେକେନ୍ ରିର୍ପୋଟ ପ୍ରସ୍ତୁତ କରିଛି । ସ୍ୱାସ୍ଥ୍ୟ ବିଭାଗର ଆକ୍ସନ୍ ଟେକେନ୍ ରିର୍ପୋଟ ଅନୁଯାୟୀ, ଜିଲ୍ଲା ମୁଖ୍ୟ ହସ୍ପିଟାଲଠାରୁ ସିଏଚ୍‌ସି ଓ ପିଏଚ୍‌ସି ସ୍ୱାସ୍ଥ୍ୟାନୁଷ୍ଠାନରେ ଗାଇଡ୍‌ଲାଇନ୍ ଅନୁଯାୟୀ ପର୍ଯ୍ୟାପ୍ତ ଆଣ୍ଟି ରାବିଜ୍ ଇଞ୍ଜେକ୍ସନ୍ ମହଜୁଦ ରହିବ । ୨୦୨୬ ମାର୍ଚ୍ଚ ସୁଦ୍ଧା ସମସ୍ତ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ପର୍ଯ୍ୟାୟ କ୍ରମେ 'ମଡେଲ୍ ଆଣ୍ଟି-ରାବିଜ୍ କ୍ଲିନିକ୍' ପ୍ରତିଷ୍ଠା ହେବ । ସେଠାରେ ଆଣ୍ଟି ରାବିଜ୍ ଇଞ୍ଜେକ୍ସନ୍ ସହିତ ସଂକ୍ରମିତ ରୋଗୀଙ୍କ ପାଇଁ ଚିକିତ୍ସା ସୁବିଧା ରହିବ । କୁକୁର କାମୁଡ଼ା ଉପରେ ତୀକ୍ଷ୍ଣ ନଜର ରଖାଯିବ। କୁକୁର କାମୁଡ଼ା ବ୍ୟକ୍ତିଙ୍କ ସମ୍ପର୍କରେ ପୋର୍ଟାଲରେ ସୂଚନା ଅପ୍‌ଲୋଡ୍ ହେବ । ଉକ୍ତ ତଥ୍ୟକୁ ଗୁରୁତ୍ୱର ସହିତ ମନିଟରିଂ କରାଯିବ । ତୃଣମୂଳସ୍ତରରେ କୁକୁର କାମୁଡ଼ା ସଂକ୍ରମଣ ଉପରେ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ। ବିଶେଷ କରି ରାବିଜ୍ ଫ୍ରି ସିଟି ପାଇଁ ପଦକ୍ଷେପ ନିଆଯିବ। ଭୁବନେଶ୍ୱର, କଟକ ଓ ରାଉରକେଲାରେ କୁକୁର ବନ୍ଧ୍ୟାକରଣ ଉପରେ ଗୁରୁତ୍ୱ ଦିଆଯିବ। କୁକୁର କାମୁଡ଼ା ପରିଚାଳନା କ୍ଷେତ୍ରରେ ୨୧୩୦ଜଣ ପ୍ରଶିକ୍ଷଣ ପାଇଛନ୍ତି । ଏମାନଙ୍କୁ ନେଇ ରାଜ୍ୟରେ ଜଳାତଙ୍କ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରାଯିବ । ରାଜ୍ୟରେ ୨୦୩୦ ବେଳକୁ ଯେପରି ଜଣେ ହେଲେ ରାବିଜ୍ ସଂକ୍ରମିତଙ୍କ ମୃତ୍ୟୁ ହେବନି ସେନେଇ ପଦକ୍ଷେପ ନିଆଯିବ। ସମୂହ ଭାବେ ୭୦ ପ୍ରତିଶତ କୁକୁରଙ୍କୁ ଭ୍ୟାକ୍ସିନେସନ୍ ଓ ବନ୍ଧ୍ୟାକରଣ କରାଗଲେ କଲେ ରାବିଜ୍ ସଂକ୍ରମଣ ଚେନ୍‌କୁ ରୋକା ଯାଇପାରିବ।

## କୁଟିଣ୍ଡାରେ ଠିକାଦାର ସଂଘର ନୂତନ କର୍ମକର୍ତ୍ତା

କୁଟିଣ୍ଡା, (ନିପ୍ର): ଅଭିଳାଷ ଅଗ୍ରୱାଲଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ କୁଟିଣ୍ଡା,ବାମରା, ଜମନକିରା ବ୍ଲକ ଓ କୁଟିଣ୍ଡା ଏନଏସିର ଶତାଧିକ ଠିକାଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ୩ କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ସମ୍ବଲପୁର ଜିଲ୍ଲା ବାହାର ଠିକାଦାରଙ୍କୁ ପୁରାଇ ନ ଦେଇ ବିରୋଧ କରାଯିବା,୦.୧୦ କମ ମୂଲ୍ୟରେ ଟେଣ୍ଡର ପକାଇବା ନିଷ୍ପତ୍ତି ଏବଂ ଅନୁସୂଚିତ ଜାତି ଓ ଜନଜାତି ଠିକାଦାର ମାନେ ପ୍ରାଇସ ପ୍ରିଫରେନ୍ସ ମାଗି ପାରିବେ ନାହିଁ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ପରେ ସ୍ୱର୍ବସମ୍ମତି କ୍ରମେ ଉପଖଣ୍ଡ ସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା।

# ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ସଚେତନତା

ଗଞ୍ଜାମ, (ହି.ସ.): ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା (ଏନପିଏସ) ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜନ ହୋଇଯାଇଛି । ଏହି ଶିବିରରେ ରାଜ୍ୟ ସରକାରଙ୍କ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟ, ଭୁବନେଶ୍ୱରରୁ ହିସାବ ଅଧିକାରୀ ମନୋରଞ୍ଜନ ସାହୁ ଓ ଅରବିନ୍ଦ ସାହୁ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ବିଭିନ୍ନ ପ୍ରାୟୋଗିକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ଖାତା ଖୋଲିବା, ଅଂଶ ଧନ ଜମା, ସଂଶୋଧନ ପ୍ରକ୍ରିୟା, ଅଭିଯୋଗ ନିରାକରଣ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଅଂଶଗ୍ରହଣକାରୀମାନେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନାକୁ ମନରେ ଥିବା ସଂଶୟ ପ୍ରକାଶ କରିଥିଲେ, ତାଲିମ ଦେଉଥିବା ଅଧିକାରୀମାନେ ସେମାନଙ୍କର ବିଭିନ୍ନ ସଂଶୟ ଉପରେ ଯଥାଯଥ ମାର୍ଗଦର୍ଶନ ଦେଇଥିଲେ । ଏପରି ସଚେତନତା କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ରେ ଅନୁବନ୍ଧିତ ହୋଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଛି ବୋଲି ମତ ପ୍ରକାଶ ପାଇବା ସହ ନିୟମିତ ବ୍ୟବଧାନରେ ଏଭଳି ସଚେତନତା ଶିବିର ଆୟୋଜନ କରିବାକୁ ଅନୁରୋଧ ଆସିଥିଲା । ଶିବିରରେ ଜିଲ୍ଲା କୋଷାଗାର ଅଧିକାରୀ କୁମୁଦ ଚନ୍ଦ୍ର କହଁର, ଅତିରିକ୍ତ କୋଷାଗାର ଅଧିକାରୀ ଅଳକାନନ୍ଦା ତ୍ରିପାଠୀ, ଉପ-କୋଷାଗାର ଅଧିକାରୀ, ବିଭିନ୍ନ ବିଭାଗର ଉଠାଣ ଓ ବିତରଣ ଅଧିକାରୀ, ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ଅନ୍ତର୍ଗତ କର୍ମଚାରୀମାନଙ୍କ ସହିତ କୋଷାଗାର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ଅତିରିକ୍ତ କୋଷାଗାର ଅଧିକାରୀ ଅଳକାନନ୍ଦା ତ୍ରିପାଠୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଦଶମ ସତ୍ୟବାଦୀ ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀ

ପିପିଲି,(ନିପ୍ର): ସତ୍ୟବାଦୀ ମହୋତ୍ସବର ତୃତୀୟ ସନ୍ଧ୍ୟାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ସାଂସଦ ଡ.ସମ୍ବିତ କୁମାର ପାତ୍ର ସହିତ ସତ୍ୟବାଦୀ ମହୋତ୍ସବର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନଙ୍କୁ ମହୋତ୍ସବର ସମ୍ପାଦକ ଦୀପକ ଶତପଥୀ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କ୍ଷୀରୋଦ ପ୍ରଧାନଙ୍କ



ନେତୃତ୍ୱରେ ଷ୍ଟାର ଧମାକା ନୃତ୍ୟ ପରିବେଷଣ କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଶିଳ୍ପିକା କ୍ରିଏଟିଭ ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ। ସାକ୍ଷୀଗୋପାଳ ହାନା ତାଇକୁଣ୍ଡର ଛାତ୍ରଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ ସାଇସମୃଦ୍ଧି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ। ପରେ ପରେ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ସତ୍ୟବାଦୀ ସଂଳାପ ପରିବେଷଣ କରିଥିଲେ। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡ଼ିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକା ଉପସ୍ଥିତ ରହିଥିଲେ।

## ୭୩ ଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି

ନୂଆପଡ଼ା,(ହି.ସ.): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ଦ୍ୱାରିକା ନାଥ ଶତପଥୀ, ବ୍ଲକ୍ ଉପାଧ୍ୟକ୍ଷା ମୀନା ଘିବେଲା, ବିଡ଼ିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ, ଖଡ଼ିଆଳ ଏସଡିପିଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ନୂଆପଡାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସାମିଲ ହୋଇଥିଲେ । ଉକ୍ତ ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତ ତଥା ଗ୍ରାମ ଗୁଡିକରୁ ୬୩ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ମୋଟ ୭୩ ଗୋଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ହାତିବନ୍ଧାର ଅସହାୟ ମହିଳା ହେମକାନ୍ତୀ ମେହେରଙ୍କୁ ରେଡକ୍ରସ୍ ପାଣ୍ଠିରୁ ଦଶ ହଜାର ଟଙ୍କା ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇଥିଲା । ଶୁଣାଣି ଶିବିର ଉପଲକ୍ଷେ ଘୁଚାଗୁଡ଼ା ପଞ୍ଚାୟତରେ ଏକ ରକ୍ତଦାନ ଶିବିର ଓ ଝାରବନ୍ଧ ଗ୍ରାମପଞ୍ଚାୟତରେ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଓ ପ୍ରବାସୀ ଶ୍ରମିକ ନିରାକରଣ ନିମିତ୍ତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ଏକ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଡାହାଣୀ ପ୍ରଥା ନିଷେଧ ସଚେତନତା

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାସମାଜକୁ ବଞ୍ଚାଇବା ଡାହାଣୀ ସନ୍ଦେହରେ ନିର୍ଯାତନା ବନ୍ଦ କରିବା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଡାହାଣୀ ପ୍ରଥା ନିଷେଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମୁନୀଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ପୋଲିସ ଅଧିକାରୀ ମାଧବ ନନ୍ଦ ନାୟକ, ଆଇନ ସେବା ପ୍ରାଧିକରଣ ସଭାପତି ବିମଳ ରାଉଳ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରାଣ ରଞ୍ଜନ ନାୟକ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ , ଆଇନଜୀବୀ ପ୍ରମୋଦ ରାଉଳ ପ୍ରମୁଖ ମଞ୍ଚାସୀନ ରହି ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରଥାକୁ ସଚେତନତା କରି ଅନ୍ଧ ବିଶ୍ୱାସ ଦୂର କରିବାକୁ ଅବଗତ କରାଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଗଣ ସଚେତନତା ବାର୍ତ୍ତା ମାଧ୍ୟମରେ କହିଥିଲେ ଯେ ପ୍ରାଚୀନ ଯୁଗରେ ଗୁଣିଗାରେଡ଼ି, ଯାଦୁବିଦ୍ୟା, ତନ୍ତ୍ରସାଧନ, ଝଡ଼ାଫୁଙ୍କା ଆଦି ଅନ୍ଧବିଶ୍ୱାସ ଉପରେ ଲୋକମାନେ ଅଧିକ ବିଶ୍ୱାସ କରୁଥିଲେ। ଏବେ ବିଜ୍ଞାନର ଅଗ୍ରଗତି ପରେ ମଧ୍ୟ କେତେ ଲୋକଙ୍କ ମନରୁ ଏହି ଅନ୍ଧବିଶ୍ୱାସ ଦୂର ହୋଇପାରୁନାହିଁ। ଫଳରେ ଏହାକୁ ନେଇ ବିଭିନ୍ନ ପ୍ରକାର ଅପରାଧ ବୃଦ୍ଧି ପାଉଛି। ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ




ଯୋଗୁ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି, ଯାହା ଚିନ୍ତାର ବିଷୟ ହୋଇଛି। ପୂର୍ବରୁ ଉପାନ୍ତ ଅଞ୍ଚଳରେ ଏଭଳି ଘଟଣା ନଜରକୁ ଆସୁଥିଲା। ହେଲେ ଏବେ ଅନ୍ୟ ଜିଲ୍ଲାଗୁଡ଼ିକ ଅପେକ୍ଷା ଆମ ଜିଲ୍ଲାରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳୁଛି। କେତେବେଳେ ତନ୍ତ୍ର ସାଧନ ପାଇଁ ନିରୀହ ଶିଶୁଙ୍କୁ ବଳି ଚଢ଼ାଯାଉଛି ତ ଆଉ କେତେବେଳେ ତନ୍ତ୍ର ସାଧନ କରୁଥିବା ବ୍ୟକ୍ତିଙ୍କୁ ଗୁଣିଆ କହି ହତ୍ୟା କରାଯାଉଛି। ଗୁଣିଗାରେଡ଼ି ଯୋଗୁ ଏଭଳି ହିଂସାକାଣ୍ଡ ଘଟୁଥିବାରୁ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରୁଛି।

ବିଭିନ୍ନ ଅଞ୍ଚଳରେ ଲୋକଙ୍କ ପାଖରେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଠିକ୍ ଭାବେ ପହଞ୍ଚ ପାରିନାହିଁ। ତେଣୁ ଲୋକମାନଙ୍କ ମଧ୍ୟରେ ପାରମ୍ପାରିକ ଅନ୍ଧବିଶ୍ୱାସ ଆଦି ରହିଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସହ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀର ପ୍ରସାର କରାଇପାରିଲେ ଏହି ଅନ୍ଧବିଶ୍ୱାସ ଦୂର ହୋଇପାରିବ।

ସେହିପରି ଏହା ବିରୋଧରେ ରହିଥିବା ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ଦରକାର। ତୃଣମୂଳସ୍ତର ଠାରୁ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ। ସେହିପରି ଶିକ୍ଷାର ବିକାଶ ହେବା ସହିତ ସଚେତନତା ହେଲେ ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରତି ଲୋକଙ୍କ ଦୂର ହୋଇପାରିବ। ଗ୍ରାମାଞ୍ଚଳରେ ବିଶେଷ କରି ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ଏହା ଏବେ ବି ଏକ ଭୟଙ୍କର ସମସ୍ୟା ହୋଇରହିଛି। ଗୁଣିଗାରେଡ଼ିକୁ ନେଇ କେବଳ ହତ୍ୟା ବା ଶାରୀରିକ ଆକ୍ରମଣ ହିଁ ହେଉନି। ବରଂ ଗୁଣିଆ ବା ଡାହାଣୀ ବୋଲି ସନ୍ଦେହରେ ସମ୍ପୃକ୍ତ ବ୍ୟକ୍ତିକୁ ସାମାଜିକ ବାସନ୍ଦ, ଜୋରିମାନା, ଗାଁରୁ ତଡ଼ିଦେବା, ମୁଣ୍ଡ ଲଣ୍ଡା କରିବା, ଦାନ୍ତ ଭାଙ୍ଗିବା , ପଶୁଙ୍କ ମଳକୁ ଜବରଦସ୍ତ ପୂରାଇବା ଆଦି ଅନେକ ଘଟଣା ବି ଘଟୁଛି, ଯାହାକି ଅନେକ ସମୟରେ ରିପୋର୍ଟ ଲୋକଲୋଚନକୁ ଆସିପାରୁନି। ଅନେକ କ୍ଷେତ୍ରରେ ଲୋକଙ୍କ ଅସଚେତନତାର ଅଭାବ ରହିଛି। ଆମ ସମାଜରେ ବିଶେଷ କରି ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଆଜି ବି ଅଶିକ୍ଷିତ ଅଛନ୍ତି । ତେଣୁ ଶିକ୍ଷାର ଅଭାବରୁ ଗୁଣିଗାରେଡ଼ି, ଡାହାଣୀ ପ୍ରଥା ଆଦି ଅନ୍ଧ ବିଶ୍ୱାସରୁ ସେମାନେ ମୁକ୍ତ ହୋଇପାରିନାହାନ୍ତି। ସେମାନଙ୍କ ମନରେ ଥିବା ଏହି ଅହେତୁକ ବିଶ୍ୱାସକୁ ଦୂର କରି ବୈଜ୍ଞାନିକ ମନୋଭାବ ଜାଗ୍ରତ କରିବା ଓ ବୈଜ୍ଞାନିକ ମନୋଭାବକୁ ବଢ଼େଇବା ପାଇଁ ବହୁ ମାତ୍ରାରେ ସଚେତନତା ଆବଶ୍ୟକ ରହିଛି । ଆମ ଜିଲ୍ଲାରେ ସମସ୍ତ ବ୍ଲକ,ଗ୍ରାମପଞ୍ଚାୟତ ଓ ଗ୍ରାମଗୁଡିକରେ ସ୍ଥାନୀୟ ଜନପ୍ରତିନିଧି , ସିଡ଼ିପିଓ, ସୁପରଭାଇଜର, ଅଙ୍ଗୱାଡ଼ି ଓ ଆଶା କର୍ମୀଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ । ଅନ୍ଧବିଶ୍ୱାସ ଠାରୁ ଦୂରେଇ ରୁହନ୍ତୁ, ସଚେତନ ହୁଅନ୍ତୁ, ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ କାହାରି କ୍ଷତି କରନ୍ତୁ ନାହିଁ, ଜାଣିଶୁଣି ଆଇନକୁ ହାତକୁ ନିଅନ୍ତୁ ନାହିଁ,କାହାରିକୁ ଅପମାନିତ କିମ୍ବା ଆକ୍ରମଣ କରନ୍ତୁ ନାହିଁ । ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ଅନ୍ୟ ଲାଇନ ବିଭାଗୀୟ ଅଧିକାରୀ ସମେତ କାର୍ଯ୍ୟକ୍ରମକୁ ମହିଳା ସୁରକ୍ଷା ଅଧିକାରୀ ସାରଳା ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଙ୍ଗନୱାଡ଼ି ଓ ଆଶା କର୍ମୀ, ଏଏନମ, ସିଡ଼ିପିଓ, ସୁପରଭାଯର, ଏନଜିଓ କର୍ମକର୍ତ୍ତା,ସ୍ଥାନୀୟ ମହିଳା ଓ ଯୁବକ ଯୁବତୀ ପ୍ରମୁଖ ଉପସ୍ଥିତ ଥିଲେ।

ତିଥି : (ଅଷ୍ଟମୀ) : (ବିଶାଖା ବିଛା)
ଅମୃତବେଳା: ଦିବା ଘ.୮ ।୪୫ ଗତେ ୧୧ ।୦୯ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ସାଧକମାନଙ୍କର ଚିତ୍ତ ଅବ୍ୟକ୍ତ ପ୍ରତି ଆସକ୍ତ, ସେମାନଙ୍କୁ ନିଜ ସାଧନାରେ ଅଧିକ କ୍ଲେଶ ହୁଏ, କାରଣ ଦେହାଭିମାନଙ୍କ ଦ୍ୱାରା ବହୁ କଷ୍ଟରେ ଅବ୍ୟକ୍ତ ବିଷୟକ ଗତି ପ୍ରାପ୍ତ କରାଯାଏ।।।

- ଶ୍ରୀମଦ୍ ଭଗବଦ୍ ଗୀତା

# ବଜେଟ ପ୍ରସ୍ତୁତି ଅନୁଚିନ୍ତା

ଆଗାମୀ ୨୦୨୬-୨୭ ରାଜ୍ୟ ବଜେଟ ରାଜ୍ୟବାସୀଙ୍କ ହିତ ତଥା ଲୋକଙ୍କ ମତାମତକୁ ଆଧାର କରି ପ୍ରସ୍ତୁତ କରାଯିବ ବୋଲି ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଏହାର ଅର୍ଥ ଲୋକଙ୍କ ସରକାର ପାଇଁ ଲୋକେ ବଜେଟ ପ୍ରସ୍ତୁତିରେ ଅଂଶ ଗ୍ରହଣ କରୁଛନ୍ତି ଯାହା ଲୋକସଭା ଭବନରୁ ବାହାରି ଲୋକଙ୍କ ପାଖକୁ ଯିବ। ଉଲ୍ଲେଖ କରାଯାଇପାରେ ଯେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଉତ୍ସ ଜନମତ ଆଧାରିତ । ଆଗକୁ କାର୍ଯ୍ୟକାରୀ ହେବ ଶ୍ରୀଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ ଓ କଟକ-ଭୁବନେଶ୍ୱର-ପାରାଦୀପ-ପୁରୀ ଅର୍ଥନୈତିକ କରିଡ଼ର। ଏହା ମଧ୍ୟ ଜନମତ ଆଧାରିତ ହେଉଥିବା ସୂଚନା ମିଳିଛି। ଯେଉଁ ଜନମତ ମିଳୁଛି ତାହା କାର୍ଯ୍ୟକାରୀ କରାଯିବା ବେଳେ ଅବଶ୍ୟ ଆବଶ୍ୟକ ପରିବର୍ତ୍ତନ ସମୟାନୁସାରୀ ତଥା ସରକାରଙ୍କ ନୀତି ଯୋଜନାକୁ ନିଶ୍ଚୟ ଭରସା କରିବ। ନିକଟରେ ପ୍ରାକ୍-ବଜେଟ ପରାମର୍ଶ ସଭା ଅବସରରେ ବିଭିନ୍ନ କ୍ଷେତ୍ରରୁ ୫୦ ରୁ ଅଧିକ ବିଶେଷଜ୍ଞ ଯୋଗ ଦେଇଥିଲେ। ଯେଉଁମାନଙ୍କ ସୁଚିନ୍ତିତ ପରାମର୍ଶ ରେକର୍ଡ ପୂର୍ବକ ବିଚାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ତାହାଛଡ଼ା ବଜେଟ ପ୍ରସ୍ତୁତି ବେଳେ ୱେବପୋର୍ଟାଲ, ଇ-ମେଲ, ଏସ୍ଏମ୍ଏସ୍, ହ୍ୱାଟସଅପ୍ ଜରିଆରେ ରାଜ୍ୟ ସରକାରଙ୍କ ନିକଟରୁ ମତାମତ ଜାରି ରହିବା ନିଶ୍ଚୟ ଶୁଭ ଲକ୍ଷଣ। ରାଜ୍ୟରେ ବ୍ୟାପକ ଶିଳ୍ପାୟନ ହେଉ କି ଆର୍ଥିକ ଅଭିବୃଦ୍ଧି ଲାଗି ପ୍ରୋତ୍ସାହନ, ରୋଜଗାର ସୃଷ୍ଟି, ମହିଳା ଓ କୃଷକଙ୍କ ଲାଗି ପଦକ୍ଷେପ ଜରିଆରେ ଗ୍ରାମୀଣ ଅର୍ଥନୀତିର ସଶକ୍ତିକରଣ ଯେ କୌଣସି ବାବଦରେ ଯାହାସବୁ କୁହାଯାଉଛି, ତାହା ବାସ୍ତବରେ କେତେ ମାତ୍ରାରେ କାର୍ଯ୍ୟରେ ପ୍ରତିଫଳିତ ହେଉଛି, ତାହାର ଉପଯୁକ୍ତ ସମୀକ୍ଷା ଲୋଡ଼ା। ଏ ପରିପ୍ରେକ୍ଷୀରେ ପୂର୍ବ ବର୍ଷ ବଜେଟ ଲାଗି ହୋଇଥିବା ଅର୍ଥବ୍ୟୟ ଓ ସେଥିରୁ ମିଳିଥିବା ସୁଫଳଗୁଡ଼ିକ ବାସ୍ତବରେ ବିକଶିତ ଓଡ଼ିଶା ପାଇଁ ଅଭିଳଷିତ ସ୍ୱପ୍ନ ପଶ୍ଚାତ୍‌ରେ କେତେ ବାଟ ଅତିକ୍ରମ କରିଛି, ତାହାର ସୂଚନା ସାର୍ବଜନୀନ ହେବାର ଆବଶ୍ୟକତା ରହିଛି। ଯାହାଦ୍ୱାରା ସ୍ୱଚ୍ଛତା ତଥା ନିରପେକ୍ଷତା ସଂପର୍କିତ ଚିତ୍ର ମିଳିପାରିବ। ଯଦି ପ୍ରକଳ୍ପ ବା ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ ବ୍ୟୟ ହୋଇଥିବା ଅର୍ଥ ଠିକଣା ବାଟରେ ଖର୍ଚ୍ଚ ହୋଇ ନ ଥାଏ ତାହା ଅଭିଳଷିତ ସଫଳତା ସୃଷ୍ଟିରେ ନିଶ୍ଚୟ ବାଧା ଉପୁଜାଇବ।

ଉଲ୍ଲେଖ କରାଯାଇପାରେ ଯେ ସରକାରୀ କାଗଜପତ୍ରରେ ବ୍ୟୟ ବିବରଣୀ ସମୀକ୍ଷା ଅପେକ୍ଷା ତୃଣମୂଳସ୍ତରରେ ତାହାର ବାସ୍ତବତା କେତେ ହାସଲ, ତାହା ହେଉଛି ଅସଲ। ଶାସନ ସମ୍ଭାଳୁଥିବା 'ବଡ଼ବାବୁ' /'ନେତା'ମାନଙ୍କ ଜରିଆରେ କ୍ଷେତ୍ର ଅନୁଧ୍ୟାନ ହେଲେ ତାହାର ପ୍ରକୃତ ତଥ୍ୟ ଆସିଯିବ ତାହା ନୁହେଁ, ପ୍ରାକ୍ ବଜେଟ ପରାମର୍ଶରେ ଯୋଗ ଦେଇଥିବା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ମଧ୍ୟ ସେଥିରେ ସାମିଲ କରାଯିବାର ଆବଶ୍ୟକତା ବାସ୍ତବତା ଆଧାରିତ ହେବ। ତାହାଦ୍ୱାରା ବଜେଟର ଫଳଶ୍ରୁତି ଗତାନୁଗତିକତାରୁ ମୁକ୍ତ ପାଇଁ ବାସ୍ତବମୁଖୀ ଅଭିମୁଖେ ଗତି କରିପାରିବ।

# ବାୟୁ ପ୍ରଦୂଷଣ ଏବେ ଏକ ଚ୍ୟାଲେଞ୍ଜ

## ସୌଭାଗ୍ୟ ରଂଜନ ମହାନ୍ତି

ଦେଶରେ ବାୟୁ ପ୍ରଦୂଷଣ ଏବେ ଆଉ କେବଳ ଜାତୀୟ ରାଜଧାନୀ ଦିଲ୍ଲୀର ଏବଂ ଶୀତକାଳୀନ ସମସ୍ୟା ହୋଇ ରହିନାହିଁ ବୋଲି ସେଣ୍ଟର ଫର ରିସର୍ଚ୍ଚ ଅନ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର ପକ୍ଷରୁ ହୋଇଥିବା ଏକ ସାଟେଲାଇଟ୍‌ଭିତ୍ତିକ ମୂଲ୍ୟାୟନ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଦେଶର ୬୦ପ୍ରତିଶତ ଅଞ୍ଚଳ ତଥା ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୭୪୯ଟି ଜିଲ୍ଲା ମଧ୍ୟରୁ ପ୍ରାୟ ୪୪୭ଟି ଜିଲ୍ଲାରେ ବାୟୁର ଗୁଣବତ୍ତା ମାନକ ଜାତୀୟ ବାର୍ଷିକ ମାନକ ୨.୫ ସ୍ତର ଅତିକ୍ରମ କରିଛି। ତେବେ ସବୁଠୁ ଚିନ୍ତାଜନକ ପ୍ରସଙ୍ଗ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ଗାଇଡଲାଇନ ପ୍ରସଙ୍ଗ । କୌଣସି ଗୋଟିଏ ହେଲେ କାର୍ଯ୍ୟକାରୀ କରିଯାଇନାହିଁ। ସେହିପରି ବାୟୁ ପ୍ରଦୁଷଣ ସମସ୍ୟା ଏବେ ଆଉ କେବଳ ଶୀତଦିନିଆ ସମସ୍ୟା ହୋଇ ରହିନାହିଁ। କେବଳ ବର୍ଷାଦିନ ତଥା ମୌସୁମୀ ଋତୁକୁ ଛାଡିଦେଲେ ଏହା ଏବେ ଦେଶ ପାଇଁ ଏକ ବାର୍ଷିକ ସମସ୍ୟା ଭାବେ ଉଭା ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ।

ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ତ୍ରିପୁରା, ପଂଜାବ, ହରିଆନା, ହିମାଚଳ ପ୍ରଦେଶ, ମେଘାଳୟ ଏବଂ କେନ୍ଦ୍ରଶାସିତ ଅଂଚଳ ଚଣ୍ଡିଗଡରେ କେବଳ ବର୍ଷାଋତୁ ବ୍ୟତୀତ ଅନ୍ୟ ସମସ୍ତ ଋତୁରେ ଶତପ୍ରତିଶତ ସ୍ତରରେ



ବାୟୁ ପ୍ରଦୂଷଣ ରହିଛି। ତେବେ ଦେଶର ସର୍ବୋଚ୍ଚ ୫୦ଟି ପଦୂଷିତ ଜିଲ୍ଲା ୪ଟି ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ରାଜ୍ୟ ତଥା ଦିଲ୍ଲୀ, ଆସାମ, ହରିଆନା ଏବଂ ବିହାରରେ ରହିଛି। ଆଶ୍ଚର୍ଯ୍ୟଜନକ ଭାବେ ଲୋକପ୍ରିୟ ସ୍ଥାନଗୁଡିକରେ ରାଜ୍ୟସ୍ତରର ପିଏମ-୨.୫ ଅପ୍ରକାଶିତ ରହିଛି। ଉଦାହରଣ ସ୍ୱରୁପ ନ୍ୟାଶନାଲ ଆମ୍ବିଏଂଟ ଏୟାରକ୍ୱାଲିଟ୍ (ଏନଏଏକ୍ୟୁ) ମାନଦଣ୍ଡ ତଳେ ମହାରାଷ୍ଟ୍ରର ପ୍ରଦୂଷଣସ୍ତର ପିଏମ ୨୫ ତଳେ ଥିବାବେଳେ ୧୪ଟି ଜିଲ୍ଲାର ସ୍ତର ଏନଏଏକ୍ୟୁ ମାନଦଣ୍ଡ ଉପରେ ରହିଛି। ଏହି ପରିସ୍ଥିତି ଋତୁଭିତ୍ତିକ ବୃଦ୍ଧି ନୁହେଁ କିନ୍ତୁ ସବୁଦିନିଆ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପଂଜାବ, ହରିଆନା ସମେତ କେତେକ ଉତ୍ତରଭାରତୀୟ ରାଜ୍ୟରେ ବ୍ୟାପକ ନଡାମୂଳ ପୋଡି ଏବଂ ଦୀପାବଳୀ ଉତ୍ସବରେ ଅତ୍ୟଧିକ ମାତ୍ରାରେ ବାଣଫୁଟା ଯୋଗୁଁ ଶୀତଦିନରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ବୋଲି କୁହାଯାଇଥାଏ।

ନିକଟରେ ଦିଲ୍ଲୀର ପ୍ରଦୂଷଣ ନେଇ ଏକ ପିଟିସନର ଶୁଣାଣି କରିବା ବେଳେ ନଡାମୂଳ ପୋଡି ଓ ବାଣଫୁଟାକୁ ବାୟୁପ୍ରଦୁଷଣର ମୁଖ୍ୟ କାରଣ ଥିବା କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିଶେଷ କରି ଇଟାଭାଟି, ଶିଳ୍ପ, ଡିଜେଲ ଜେନେରେଟର, ନଡାମୂଳ, ଘରୋଇ ଜାଳେଣି, ତାପଜ କେନ୍ଦ୍ର, ଆଖିବୁଜା ନିର୍ମାଣ, ଆବର୍ଜନା ପୋଡି, ବ୍ୟାପକ ଭାବେ ଡିଜେଲ ଓ ପେଟ୍ରୋଲ ଯାନବାହନ ଚଳାଚଳରୁ ନିର୍ଗତ ଧୂଆଁ ବାୟୁପ୍ରଦୂଷଣର କାରଣ ପାଲଟିଛି। ଦିଲ୍ଲୀରେ ଏହାର ସ୍ଥାୟୀ ମୁକାବିଲା ବର୍ତ୍ତମାନ ସୁଦ୍ଧା ଅବଲମ୍ବନ କରାଯାଇନଥିବା ବେଳେ ସାମୟିକ ଯାନବାହନ ଚଳାଚଳ ଉପରେ କଟକଣା, ନିର୍ମାଣ ଉପରେ କଟକଣା ଲାଗୁ ହେଉଛି। ବାୟୁପ୍ରଦୂଷଣ ଦିଲ୍ଲୀରେ କେବଳ ସ୍ୱାସ୍ଥ୍ୟ ଉପରେ ପକାଇ ନାହିଁ, ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବିଶେଷ କରି ପିଲାଙ୍କ ପାଠପଢା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଲମ୍ବା ସମୟ ସ୍କୁଲ ଛୁଟି ଏବଂ ସ୍କୁଲ ସମୟ କାଟ୍‌ଛାଟ୍ ଏବେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଦିଲ୍ଲୀର ପିଲାଙ୍କ ପାଇଁ ସ୍ୱଚ୍ଛ ବାୟୁ ଦୁଃସ୍ୱପ୍ନ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ। ଶୁଦ୍ଧବାୟୁ ପାଇଁ କୃତ୍ରିମ ଅମ୍ଳଜାନ ସିଲିଣ୍ଡର ଏବେ ଜନସାଧାରଣଙ୍କ ଜୀବନ ରକ୍ଷକ ହୋଇଥିବା କୁହାଯାଏ। ଏହା ନିଃସନ୍ଦେହ ଯେ, ବାୟୁ ପ୍ରଦୂଷଣ ଯକ୍ଷ୍ମା, ଶ୍ୱାସ, ହୃଦ୍‌ଘାତ, ଫୁସଫୁସ୍ ସଂକ୍ରମଣ ଆଦି ରୋଗର ବାହକ ହୋଇଥିବାବେଳେ ବାର୍ଷିକ ୧.୫ ମିଲିଅନ ଲୋକଙ୍କର ଜୀବନ ଯାଉଥିବା ନେଇ ଦି ଲାନ୍‌ସେଟ୍ ପ୍ଲାନେଟାରୀ ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଆମ ରାଜ୍ୟରେ ବାୟୁ ପ୍ରଦୂଷଣ ମଧ କିଛି କମ ନୁହେଁ। ଦେଶର ୧୦ଟି ସର୍ବାଧିକ ସହର ମଧ୍ୟରେ ଅନୁଗୁଳର ସ୍ଥାନ ଷଷ୍ଠ ସ୍ଥାନରେ ରହିଛି। ସେହିପରି ରାଜଧାନୀ ଭୁବନେଶ୍ୱରର ବହୁ ଅଂଚଳ ମଧ 'ହୁ'ର ମାନଦଣ୍ଡ ଅତିକ୍ରମ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଏହା ନିଃସନ୍ଦେହ ଯେ, ବାୟୁ ପ୍ରଦୂଷଣ ଏବେ ଏକ ଜାତୀୟ ସଂକଟରେ ପରିଣତ ହୋଇଛି। ବାୟୁ ପ୍ରଦୂଷଣର ସ୍ଥାୟୀ ପ୍ରତିକାର କରାନଗଲେ ଭବିଷ୍ୟତରେ ଆମକୁ ସ୍ୱଚ୍ଛବାୟୁ ପାଇଁ ସଂଗ୍ରାମ କରିବାକୁ ହେବ।

ମୋ-୯୪୩୭୯୯୪୩୭୯

"ଦୀର୍ଘ ଦୁଇ ଦଶନ୍ଧି ଧରି ଭାରତ ଓ ଇଉରୋପୀୟ ସଂଘ ଏହି ଚୁକ୍ତିକୁ ଅନ୍ତିମ ରୂପ ଦେବା ପାଇଁ ପ୍ରୟାସରତ ଥିଲେ କିନ୍ତୁ ଆମେରିକା ସହ ଚୁକ୍ତି ଭଳି ଏଥିରେ ମଧ କିଛି ବାଧାମାନ ରହିଥିଲା। ପ୍ରମୁଖ ବାଧାଟି ହେଉଛି ଆମର କୃଷି ବଜାରରେ, ୟୁରୋପୀୟ ଦେଶର କୃଷି ଦ୍ରବ୍ୟର ଉପଲବ୍ଧି। ଏହା ଭାରତ ପକ୍ଷରେ ଏ ପର୍ଯ୍ୟନ୍ତ ଗ୍ରହଣୀୟ ହୋଇପାରିନାହିଁ। ତେଣୁ କୃଷିଜାତ ଦ୍ରବ୍ୟକୁ ଏହି ଚୁକ୍ତିରୁ ପ୍ରାୟତଃ ଅଲଗା ରଖାଯାଇଛି। ସେହିପରି ଭାବରେ ଇସ୍ପାତ ଓ କାର୍ବନ ନିର୍ଗମନ (ସି.ବି.ଏ.ଏମ୍) କ୍ଷେତ୍ରରେ ଭାରତ କିଛି ବିଶେଷ ରିହାତି ଆଶା କରିଥିଲେ ମଧ ଏହା ଫଳପ୍ରଦ ହୋଇପାରିନାହିଁ।

# ଭାରତ - ଇଉରୋପ ମୁକ୍ତ ବାଣିଜ୍ୟ ଚୁକ୍ତି: ନୂଆ ଆଶା, ନୂଆ ଦିଶା

## ଡାକ୍ତର ରାଜକିଶୋର ପଣ୍ଡା

ଏହା ମଧ୍ୟରେ ଭାରତ ଓ ଇଉରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। ଏହା ଉଭୟ ଐତିହାସିକ ଓ ବର୍ତ୍ତମାନ ସମୟର ଆବଶ୍ୟକତା ଅଟେ। ଗତ ଜାନୁୟାରୀ ସତେଇଶି ତାରିଖରେ ଏହା ସମ୍ପନ୍ନ ହେବା ସହିତ ପାଖାପାଖି ଦୁଇ ଦଶନ୍ଧି ଧରି ଚାଲି ଆସୁଥିବା ଦ୍ୱିପାକ୍ଷିକ ଆଲୋଚନାରେ ମଧ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପ୍ରଥମେ ଆମେ ଏହି ଚୁକ୍ତିର ଇତିହାସ ଉପରେ ସାମାନ୍ୟ ଆଲୋକପାତ କରିବା। ଏହି ଆଲୋଚନା ପ୍ରଥମେ ଆରମ୍ଭ ହୋଇଥିଲା ତତ୍କାଳୀନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ସମୟରେ। କିନ୍ତୁ ଶୁଳ୍କ, ବଜାର ପ୍ରବେଶ ଓ ବୌଦ୍ଧିକ ସମ୍ପତ୍ତି ଉପରେ ଅଧିକାରକୁ କେନ୍ଦ୍ର କରି କିଛି ନିଷ୍କର୍ଷ ବାହାରି ନ ପାରିବାରୁ ୨୦୧୩ ମସିହାରେ ଏହା ସ୍ଥଗିତ ରହିଲା। ପୁନର୍ବାର ୨୦୨୨ ଜୁଲାଇ ମାସରେ ଏହି ପ୍ରସଙ୍ଗରେ ଆଲୋଚନା ଆରମ୍ଭ ହୋଇଥିଲା। ପରିଶେଷରେ ଫେବୃୟାରୀ ୨୦୨୫ରେ ଭାରତ ଓ ଇଉରୋପୀୟ ସଂଘ ଏକ ଲକ୍ଷ୍ୟ ଧାର୍ଯ୍ୟ କରି ବର୍ଷ ଶେଷ ସୁଦ୍ଧା ଚୁକ୍ତି ସମାପନ କରିବା ପାଇଁ ସ୍ଥିର କରିଥିଲେ। ଫଳସ୍ୱରୂପ ୨୭ ଜାନୁୟାରୀ ୨୦୨୬ରେ ଦିଲ୍ଲୀର ଐତିହାସିକ ହାଇଦ୍ରାବାଦ ହାଉସ୍‌ରେ ଏହି ଚୁକ୍ତିଟି ସ୍ୱାକ୍ଷରିତ ହେଲା। ଏ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଏହାକୁ "ସବୁ ଚୁକ୍ତିର ଜନନୀ" ବୋଲି ମଧ କହିଛନ୍ତି। ମୋଦି ଏପରି କହିବାର ଯଥାର୍ଥତା ମଧ ରହିଛି। ସଦ୍ୟ ସରକାରୀ ରିପୋର୍ଟରୁ ଜଣାପଡ଼ିଛି ଯେ ଭାରତ ଓ ଇଉରୋପୀୟ ସଂଘ ମଧ୍ୟରେ ବାର୍ଷିକ କାରବାର ପରିମାଣ ୨୦୨୪-୨୫ ରେ ପ୍ରାୟ ୧୩୬ ବିଲିୟନ ଡଲାର। ଯେତେବେଳେ କି ଏହି ସମୟ ମଧ୍ୟରେ ଆମେରିକା ସହିତ ଭାରତର କାରବାର ୧୩୨ ବିଲିଅନ ଡଲାର। ଦଶନ୍ଧି ଧରି ଇଉରୋପୀୟ ସଂଘ, ଭାରତର ଘନିଷ୍ଠ ବ୍ୟବସାୟିକ ସହଯୋଗୀ ହେବା ସତ୍ତ୍ୱେ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମ କିନ୍ତୁ ଆମେରିକା ଓ ଭାରତ ମଧ୍ୟରେ ବ୍ୟାବସାୟିକ ଚୁକ୍ତିକୁ ଗୁରୁତ୍ୱ ଦେଇଆସିଛି। ଟ୍ରମ୍ପଙ୍କର ଟିକସ ଧମକ ଜନିତ ରୋଚକ ନାଟକ ଏହାର ଏକ କାରଣ ହୋଇପାରେ। ନିକଟ ଅତୀତରେ ଟ୍ରମ୍ପ ଡାଭୋସ୍‌ଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଅର୍ଥନୈତିକ ସମ୍ମିଳନୀରେ ଇଉରୋପୀୟ ସଂଘକୁ ଗ୍ରୀନଲ୍ୟାଣ୍ଡଠାରୁ ଆରମ୍ଭ କରି ନାଟୋ ପ୍ରସଙ୍ଗରେ ସମାଲୋଚନା ଓ ଧମକ



ଦେବାପରେ ଏହାର ଜବାବରେ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ମଧ ଇଉରୋପୀୟ ଦେଶ ସମୂହକୁ ବିଶ୍ୱ ରାଜନୀତିରେ ଏକ ନୂତନ ମେଣ୍ଟ ଗଠନ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଆମେରିକା ୟୁରୋପର ସମସ୍ତ ପଦାର୍ଥ ଉପରେ ପନ୍ଦର ପ୍ରତିଶତ ଆମଦାନି ଶୁଳ୍କ ଲଗାଇବା ସହିତ ଏହା ମଧ ତାଗିଦ କରିଛି କି ସେମାନେ ଆମେରିକାର ଦ୍ରବ୍ୟ ସମୂହ ଉପରେ କୌଣସି ଶୁଳ୍କ ଲଗାଇପାରିବେ ନାହିଁ ଏବଂ ଆମେରିକାରେ ଛଅଶହ ବିଲିଅନ ଡଲାର ନିବେଶ କରିବା ପାଇଁ ୟୁରୋପୀୟ ସଂଘକୁ ନିର୍ଦ୍ଦେଶ ଦିଆଯାଇଥିଲା।

ତେଣୁ ଉପରୋକ୍ତ କାରଣ ଯୋଗୁଁ ଇଉରୋପୀୟ ସଂଘର ଶୀର୍ଷ ନେତାମାନେ ଦିଲ୍ଲୀରେ ଉପସ୍ଥିତ ହେବା ସହ ଗଣତନ୍ତ୍ର ଦିବସରେ ଭାରତବର୍ଷର ସମ୍ମାନିତ ଅତିଥି ମଧ ହୋଇଥିଲେ। ଏହାକୁ ଉଲ୍ଲେଖ କରି "ଦି ହିନ୍ଦୁ"ର ଡିପ୍ଲୋମେଟିକ୍ ଏଡିଟର ସୁହାସିନୀ ହାଇଦର ଏକ୍ସରେ ଲେଖିଛନ୍ତି, "ଗଣତନ୍ତ୍ର ଦିବସର ପ୍ୟାରେଡ୍‌ରେ ଭାରତର କୂଟନୈତିକ ସ୍ୱାୟତ୍ତତା ସମ୍ପୂର୍ଣ୍ଣ ଭାବେ ପ୍ରଦର୍ଶିତ ହୋଇଅଛି। ମୁଖ୍ୟ ଅତିଥି ହୋଇଥିବା ଇଉରୋପୀୟ ସଂଘର ଶୀର୍ଷ ନେତାମାନଙ୍କ ସମ୍ମୁଖରେ ଭାରତର ସୈନ୍ୟବାହିନୀ, ଏସ୍- ୪୦୦ ମିସାଇଲ୍ ସିଷ୍ଟମ୍, ଟି- ୯୦ ଟ୍ୟାଙ୍କ୍ ଓ ବ୍ରହ୍ମୋସ୍ ମିସାଇଲ୍‌ର ପ୍ୟାରେଡ୍‌ର ଦୃଶ୍ୟ ବାସ୍ତବିକ ଅବର୍ଣ୍ଣନୀୟ।" ଅର୍ଥାତ ଏହି ପ୍ୟାରେଡ୍ ସମଗ୍ର ବିଶ୍ୱକୁ ଭାରତର, ଇଉରୋପ ଏବଂ ରୁଷିଆ ସହିତ ଘନିଷ୍ଠ କୂଟନୈତିକ ସମ୍ପର୍କକୁ ଦେଖାଉଛି।

ଗଣତନ୍ତ୍ର ଦିବସର ଠିକ୍ ପରେ ଭାରତ ଓ ଇଉରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ଏକ ଅତ୍ୟନ୍ତ ପ୍ରକୃଷ୍ଟ ସମୟ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହି ନିର୍ଦ୍ଦିଷ୍ଟ ସମୟରେ ମଧ ଇଉରୋପ, ଆମେରିକା ଉପରେ ନିଜର ନିର୍ଭରଶୀଳତା ହ୍ରାସ କରିବା ପାଇଁ ସତତଃ ଚେଷ୍ଟିତ।

ଇଉରୋପୀୟ ସଂଘର ଭାରତ ସହିତ ଚୁକ୍ତି ଏସିଆ ମହାଦେଶରେ ତୃତୀୟ। ପୂର୍ବରୁ ଜାପାନ ଓ ଦକ୍ଷିଣ କୋରିଆ ସହିତ ଏହାର ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇସାରିଛି। ବର୍ତ୍ତମାନ ଗ୍ରୀନ୍‌ଲ୍ୟାଣ୍ଡଠାରୁ ଆରମ୍ଭ କରି ନାଟୋ ପର୍ଯ୍ୟନ୍ତ ଘଟଣାରେ ୟୁରୋପ ଉପରେ ଟ୍ରମ୍ପ ଭୀଷଣ ଚାପ ପକାଉଛନ୍ତି। ଭାରତ ମଧ ଟ୍ରମ୍ପ ପ୍ରଶାସନର ଅନୈତିକତାର ଶିକାର ହେଉଛି। ୟୁରୋପର ଦେଶମାନେ ଭାରତୀୟ ବଜାର ଏବଂ ଅର୍ଥବ୍ୟବସ୍ଥାର ଭବିଷ୍ୟତକୁ ଗୁରୁତ୍ୱର ସହ ଗ୍ରହଣ କରିବା ଫଳରେ ଦୁଇ ଦେଶ ପରସ୍ପରର ନିକଟବର୍ତ୍ତୀ ହୋଇଛନ୍ତି।

ବିଶେଷ କରି ବର୍ତ୍ତମାନ ସମୟରେ ଆମେରିକାର ଏକଛତ୍ରବାଦୀ ମନୋଭାବକୁ ଏହି ଚୁକ୍ତି ବହୁମାତ୍ରାରେ ପ୍ରତିହତ କରିପାରିବ। ଏହା ସତ୍ୟ ଯେ ଟ୍ରମ୍ପ ଓ ଇଉରୋପ ଉଭୟ ଚାହାନ୍ତି ଯେ ଭାରତ ରୁଷ୍‌ରୁ ତେଲ କିଣା ବନ୍ଦ କରୁ କିନ୍ତୁ ଏହି ପ୍ରସଙ୍ଗକୁ କେନ୍ଦ୍ର କରି ଇଉରୋପ ଆମେରିକା ପରି ଭାରତ ଉପରେ କୌଣସି ଦଣ୍ଡାତ୍ମକ ଶୁଳ୍କ ଲଗାଇ ନାହିଁ। ଆମେରିକାରେ ନିଜର ଦ୍ରବ୍ୟ ବିକ୍ରୟ କରିବା ପାଇଁ ଭାରତ ପଚାଶ ପ୍ରତିଶତ ଶୁଳ୍କ ଦେଉଥିବାବେଳେ ଇଉରୋପର ସତେଇଶଟି ଦେଶରେ ବିକ୍ରି କରିବା ପାଇଁ ଦେଉଥିଲା ପନ୍ଦର ପ୍ରତିଶତ। ବର୍ତ୍ତମାନ ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଭାରତ ଓ ଇଉରୋପ ମଧ୍ୟରେ ପ୍ରତିଷ୍ଠା ହେଲା ମୁକ୍ତ ବାଣିଜ୍ୟ। ଏହା ଆମେରିକାକୁ ଚେତାବନୀ ଦେବା ପାଇଁ ମଧ ଉପଯୁକ୍ତ କୂଟନୀତି। ଅନ୍ୟ ଗୋଟିଏ ପ୍ରସଙ୍ଗ ଏଠାରେ ଉଲ୍ଲେଖ କରିବା ସମୀଚୀନ ହେବ ଯେ, ଟ୍ରମ୍ପଙ୍କର ଦ୍ୱିତୀୟ ପାଳିରେ ଆମେରିକାରେ ସହଯୋଗଭିତ୍ତିକ ଦ୍ୱିପାକ୍ଷିକ ରାଜନୀତିରେ ଯଥେଷ୍ଟ ହ୍ରାସ ଘଟିଛି। ଏବେ ଏହା ମୁଖ୍ୟତଃ ଧମକ ଉପରେ ପର୍ଯ୍ୟବସିତ। ଯଦିଓ ସର୍ବଦା ଭାରତ, ଆମେରିକା ସହିତ ସହଭାଗିତା ମାଧ୍ୟମରେ ସମ୍ପର୍କ ରଖିବାକୁ ଆଗ୍ରହୀ, ଏହା କିନ୍ତୁ ସବୁବେଳେ ସମ୍ଭବ ନୁହେଁ, ବିଶେଷ କରି ଟ୍ରମ୍ପଙ୍କ ଭଳି ବ୍ୟକ୍ତିତ୍ୱମାନଙ୍କ କ୍ଷେତ୍ରରେ। ଏହି ପରିପ୍ରେକ୍ଷୀରେ ଭାରତ ସର୍ବଦା ଆମେରିକା ସମ୍ମୁଖରେ ମୁଣ୍ଡ ନୁଆଇବା ଠିକ୍ ନୁହେଁ। ଆହୁରି ଏକ ବୈକଳ୍ପିକ ପନ୍ଥା ସବୁବେଳେ ରହିବା ଆବଶ୍ୟକ ଗୋଟିଏ ବ୍ୟକ୍ତି ଓ ଗୋଟିଏ ରାଷ୍ଟ୍ର ପକ୍ଷରେ ସବୁ କ୍ଷେତ୍ରରେ। ବିଶିଷ୍ଟ ବୈଦେଶିକ ବ୍ୟାପାର ବିଶେଷଜ୍ଞ ଏବଂ ସ୍ତମ୍ଭକାର ବ୍ରହ୍ମା ଚେଲାନି ମଧ ସ୍ୱୀକାର କରିଛନ୍ତି କି, ଏହି ଚୁକ୍ତିଦ୍ୱାରା ଭାରତର, ଆମେରିକା ଓ ଚୀନ ଉପରେ ନିର୍ଭରଶୀଳତା କମିବ। ଏକ୍ସରେ ଚେଲାନୀ ଲେଖିଛନ୍ତି କି ଏହି ଚୁକ୍ତି ଗୋଟିଏ କୂଟନୀତିକ ବୀମା ଭଳି, ଯାହାକି ଭାରତ ଓ ଇଉରୋପୀୟ ସଂଘକୁ ଚୀନର ସରକାର ନିୟନ୍ତ୍ରିତ ବାଣିଜ୍ୟ ଅପେକ୍ଷା ଏକ ଗଣତାନ୍ତ୍ରିକ ମୂଲ୍ୟବୋଧଭିତ୍ତିକ ବାଣିଜ୍ୟ ବ୍ୟବସ୍ଥା ପ୍ରଦାନ କରିବ ଓ ଟ୍ରମ୍ପଙ୍କର ଶୁଳ୍କଭିତ୍ତିକ ରଣନୀତିକୁ ମଧ ମୁକାବିଲା କରିବା ପାଇଁ ସମର୍ଥ ହେବ।

ଦୀର୍ଘ ଦୁଇ ଦଶନ୍ଧି ଧରି ଭାରତ ଓ ଇଉରୋପୀୟ ସଂଘ ଏହି ଚୁକ୍ତିକୁ ଅନ୍ତିମ ରୂପ ଦେବା ପାଇଁ ପ୍ରୟାସରତ ଥିଲେ କିନ୍ତୁ ଆମେରିକା ସହ ଚୁକ୍ତି ଭଳି ଏଥିରେ ମଧ କିଛି ବାଧାମାନ ରହିଥିଲା। ପ୍ରମୁଖ ବାଧାଟି ହେଉଛି ଆମର କୃଷି ବଜାରରେ, ୟୁରୋପୀୟ ଦେଶର କୃଷି ଦ୍ରବ୍ୟର ଉପଲବ୍ଧି। ଏହା ଭାରତ ପକ୍ଷରୁ ଗ୍ରହଣୀୟ ହୋଇନାହିଁ।

ଏବେ ଆସିବା ଲାଭକ୍ଷତି ହିସାବକୁ। ୟୁରୋପୀୟ ସଂଘର ଅଧ୍ୟକ୍ଷ- ଉର୍ସୁଲା ଭାନ ଡେର ଲେନ୍ ଏହି ଚୁକ୍ତି ସ୍ୱାକ୍ଷରିତ ହେବା ପରେ କହିଛନ୍ତି କି, ଏହାଦ୍ୱାରା ପାଖାପାଖି ପଇଁଚାଳିଶ ହଜାର କୋଟି ଟଙ୍କା, ଶୁଳ୍କ ବାବଦକୁ କମ୍ ହୋଇଯିବ। ଭାରତର ନବେ ପ୍ରତିଶତରୁ ଅଧିକ ଦ୍ରବ୍ୟ ଇଉରୋପୀୟ ଦେଶମାନଙ୍କରେ ନିଶୁଳ୍କରେ ବିକ୍ରୟ ହୋଇପାରିବ। ଆମେରିକାର ବର୍ଦ୍ଧିତ ଟିକସ ଫଳରେ ଭାରତର ଯେଉଁ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥିଲା, ବିଶେଷ କରି ବସ୍ତ୍ର, ଚମଡ଼ା, ଗହଣା ଆଦି ଶିଳ୍ପ ଉପରୋକ୍ତ ଚୁକ୍ତିଦ୍ୱାରା ବିଶେଷ ଲାଭବାନ ହେବେ। ଏଥିରେ ରୋଜଗାରର ମଧ ଅବସର ବୃଦ୍ଧି ପାଇବ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏହି ଚୁକ୍ତିଦ୍ୱାରା ଭାରତ ଓ ଇଉରୋପରେ ପାଖାପାଖି ଦୁଇ ବିଲିଅନ ଲୋକଙ୍କ ଏକ ବୃହତ୍ ବଜାର ସୃଷ୍ଟି ହେବ ଏବଂ ଏହା କିଛି ସାମାନ୍ୟ କଥା ନୁହେଁ। ଇଉରୋପ୍ ଦୃଷ୍ଟିକୋଣରୁ ଦେଖିଲେ ଜର୍ମାନୀ ଓ ଫ୍ରାନ୍ସ ଯେଉଁମାନେ ଅଟୋମୋବାଇଲ ଶିଳ୍ପରେ ସମୃଦ୍ଧ, ଏହି ଚୁକ୍ତି ଫଳରେ ଭାରତକୁ ଯାନବାହନ ରପ୍ତାନି କରି ବିଶେଷ ଲାଭବାନ ହେବେ। ଆହୁରି ଭାରତର ସେବା କ୍ଷେତ୍ର (ଆର୍ଥିକ)ରେ ଇଉରୋପୀୟ କମ୍ପାନୀମାନେ ପ୍ରବେଶ ସୁଯୋଗ ପାଇବା ସହିତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ବୌଦ୍ଧିକ ସମ୍ପତ୍ତି (ଟ୍ରେଡମାର୍କ) ଉପରେ ଅଧିକାର ମଧ ସୁରକ୍ଷିତ ରହିବା ନେଇ ଚୁକ୍ତିରେ ବ୍ୟବସ୍ଥା ରହିଛି।

ବିଶ୍ୱ ବାଣିଜ୍ୟ ଦୃଶ୍ୟପଟ୍ଟରେ ସର୍ବଦା ବିକଶିତ ରାଷ୍ଟ୍ରମାନେ ସମସ୍ତ ସୁଖ, ସୁବିଧା, ଭୋଗ କରିଆସୁଛନ୍ତି। ଏହାର କାରଣ ସେମାନଙ୍କ ପାଖରେ ଥିବା ଆଧୁନିକ ବୈଷୟିକ ଜ୍ଞାନକୌଶଳର ସୁଲଭତା। ଏହି ହେତୁ ବର୍ତ୍ତମାନ ସମୟରେ ସନ୍ତୁଳିତ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଉଛି ଏବଂ ଭାରତ ଇଉରୋପ ବାଣିଜ୍ୟ ଚୁକ୍ତି ଏ ମଧ୍ୟରୁ ଗୋଟିଏ। ଏହି ଚୁକ୍ତିଦ୍ୱାରା ଭାରତୀୟ ଛାତ୍ରମାନେ ଇଉରୋପୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଉଚ୍ଚଶିକ୍ଷା ଲାଭ କରିପାରିବା ସହିତ ଭାରତୀୟ ଆଇଟି କମ୍ପାନୀମାନଙ୍କ ପାଇଁ ଇଉରୋପରେ ବୃହତ୍ ବଜାର ମଧ ମିଳିପାରିବ। ପୂର୍ବରୁ ନ୍ୟୁଜିଲ୍ୟାଣ୍ଡ ସହ ଭାରତ ନିକଟ ଅତୀତରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ କରିସାରିଛି। ଆଗାମୀ ସମୟରେ ଭାରତ ଓ ଇଉରୋପୀୟ ସଂଘର ମିଳିତ ସାମ୍ମୁଖ୍ୟରେ ଯଦି ଆଫ୍ରିକୀୟ ଏବଂ ଲାଟିନ ଆମେରିକୀୟ ଦେଶମାନେ ଯୋଗ ଦିଅନ୍ତି ତେବେ ଚୀନ ଓ ଆମେରିକାକୁ ବାଦ୍ ଦେଇ ଏକ ସର୍ବବୃହତ୍ ବୈଶ୍ୱିକ ବାଣିଜ୍ୟ ମଞ୍ଚ ସହଜରେ ଗଠନ କରାଯାଇପାରିବ। ବିଶ୍ୱ ଅର୍ଥନୀତିରେ ଇଉରୋପୀୟ ସଂଘ ଦ୍ୱିତୀୟ ଥିଲାବେଳେ ଭାରତର ସ୍ଥାନ ଚତୁର୍ଥ ଏବଂ ଉଭୟେ ମଧ ଗଣତାନ୍ତ୍ରିକ ତେଣୁ ନିଶ୍ଚିତ ଭାବେ ଏହି ଚୁକ୍ତିଟି ଯୁଗାନ୍ତକାରୀ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

"ଭବିଷ୍ୟତର ସୃଜନଶୀଳ ଛାତ୍ର ସେ ହେବ ଯିଏ ଏ.ଆଇ. କୁ ଭୟ କରେ ନାହିଁ, ତାହାର ପୂଜା ମଧ କରେ ନାହିଁ, ବରଂ ସଚେତନ ଭାବେ ତାହାକୁ ନିଜ ଚିନ୍ତାର ସହାୟକ ଭାବେ ବ୍ୟବହାର କରି ନିଜ ଅଭିଜ୍ଞତା, ଆବେଗ ଓ ମୂଲ୍ୟବୋଧର ଆଲୋକରେ ନୂତନ ଧାରଣାକୁ ଜନ୍ମ ଦେଇପାରେ। କାରଣ ମାନବ ପ୍ରଜ୍ଞାର ସବୁଠାରୁ ବଡ଼ ଆହ୍ୱାନ ଏହା ନୁହେଁ ଯେ ଯନ୍ତ୍ର କେତେ ଶକ୍ତିଶାଳୀ ହେବ, ବରଂ ଏହା ଯେ ମଣିଷ ନିଜ ଚେତନା, ସୃଜନଶୀଳତା ଓ ମାନବୀୟତାକୁ ସେହି ଶକ୍ତିର ଛାୟାରେ ହରାଇଦେବ କି ନାହିଁ, ଏବଂ ଯଦି ଆମେ ଏହି ସମୟରେ ଏ.ଆଇ.କୁ ଏକ ଚକ୍ରବ୍ୟୂହ ନୁହେଁ ବରଂ ଏକ ସେତୁ ଭାବେ ଦେଖିପାରୁ, ତେବେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଏହି ଯନ୍ତ୍ରୀୟ ଯୁଗରେ ମଧ ନୂତନ ରୂପରେ, ନୂତନ ଆଲୋକରେ ଓ ନୂତନ ଦାୟିତ୍ୱ ସହିତ ପୁନର୍ଜୀବିତ ହୋଇଉଠିବ।

# ଏଆଇର ଚକ୍ରବ୍ୟୂହରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା

## ଅଜିତ କୁମାର ପ୍ରଧାନ

କାରଣ ଯନ୍ତ୍ର ଯେତେବେଳେ ଉତ୍ତର ଦେଇପାରେ, ସେତେବେଳେ ମଣିଷଙ୍କୁ ପ୍ରଶ୍ନ କରିବାର ଧୈର୍ଯ୍ୟ ରହୁନାହିଁ। ଏହାର ଫଳରେ ଶିକ୍ଷା ଏକ ସମ୍ପର୍କମୟ ଅନୁଭବ ନ ରହି ଏକ ବ୍ୟକ୍ତିଗତ ଓ ଯାନ୍ତ୍ରିକ ପ୍ରକ୍ରିୟାରେ ପରିଣତ ହୋଇଯାଉଛି। ଯେଉଁଠାରେ ମାନବୀୟ ମୂଲ୍ୟ, ନୀତିବୋଧ ଓ ଆଦର୍ଶ ଯାହା ପିଢ଼ିରୁ ପିଢ଼ିକୁ ସଂକ୍ରମିତ ହେଉଥିଲା, ସେଗୁଡ଼ିକ ଏବେ ଡିଜିଟାଲ୍ ଶବ୍ଦର ଭିଡ଼ରେ ହରାଇଯାଉଛି। ଯଦିଓ ପାରମ୍ପରିକ ଶିକ୍ଷା ପ୍ରଣାଳୀର ସମସ୍ତ ଦିଗ ସଂପୂର୍ଣ୍ଣ ଥିଲା ନୁହେଁ, ତଥାପି ସେଥିରେ ଥିବା ଧୈର୍ଯ୍ୟ, ଶିଷ୍ଟାଚାର ଓ ମାନବୀୟ ସଂବେଦନଶୀଳତା ଛାତ୍ରକୁ କେବଳ ଜ୍ଞାନୀ ନୁହେଁ ବରଂ ମଣିଷ ହେବାକୁ ଶିଖାଉଥିଲା। କିନ୍ତୁ ଏ.ଆଇ. ଆଧାରିତ ଶିକ୍ଷା ପ୍ରଣାଳୀ ଏହି ମାନବୀୟ ଦିଗକୁ ଗୁରୁତ୍ୱ ନ ଦେଇ କେବଳ କାର୍ଯ୍ୟକୁଶଳତା, ଦ୍ରୁତତା ଓ ଫଳାଫଳକୁ ମୂଲ୍ୟ ଦେଉଛି, ଯାହା ଦୀର୍ଘକାଳରେ ଏକ ଏମିତି ପିଢ଼ି ଗଢ଼ିପାରେ ଯେଉଁଠାରେ ଜ୍ଞାନ ତ ଅସୀମ ହେବ, କିନ୍ତୁ ବୁଦ୍ଧିର ଗଭୀରତା, ସମ୍ବେଦନଶୀଳତା ଓ ମାନବୀୟ ଦାୟିତ୍ୱବୋଧ ଧୀରେ ଧୀରେ କ୍ଷୀଣ ହୋଇଯିବ, ଯାହା ସଭ୍ୟତାର ଭବିଷ୍ୟତ ପାଇଁ ଏକ ଗଭୀର ଚେତାବନୀ ସ୍ୱରୂପ।

ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଏ.ଆଇ. କୁ ସହାୟକ ଭାବେ ଗ୍ରହଣ କରାଯିବ କି ମାନବୀୟ ବୁଦ୍ଧିର ବିକଳ୍ପ ଭାବେ, କାରଣ ଯଦି ଏହା ସାଧନ ଭାବେ ବ୍ୟବହୃତ ହୁଏ ତେବେ ଏହା ଛାତ୍ରକୁ ନିଜ ଚିନ୍ତାକୁ ଶାଣିତ କରିବା, ନିଜ ପ୍ରଶ୍ନକୁ ସଂଗଠିତ କରିବା ଓ ନିଜ ଧାରଣାକୁ ସ୍ପଷ୍ଟ କରିବାରେ ସହଯୋଗ କରିପାରେ, କିନ୍ତୁ ଯଦି ଏହା ବିକଳ୍ପ ହୋଇଯାଏ, ତେବେ ମଣିଷର ଚିନ୍ତନଶୀଳ ସ୍ୱାଧୀନତା ଧୀରେ ଧୀରେ ହ୍ରାସ ପାଇ ଏକ ନିର୍ଭରଶୀଳ ମାନସିକତାରେ ପରିଣତ ହୋଇଯାଏ, ଏହି କାରଣରୁ ଶିକ୍ଷା ପ୍ରଣାଳୀରେ ଏକ ସଚେତନ ସମତୁଳନର ଆବଶ୍ୟକତା ଅଛି। ଯେଉଁଠାରେ ଏ.ଆଇ. କୁ ଉତ୍ତର ଦେବାର ଯନ୍ତ୍ର ଭାବେ ନୁହେଁ ବରଂ ପ୍ରଶ୍ନ ଜନ୍ମ ଦେବାର ଉତ୍ସ ଭାବେ ବ୍ୟବହାର କରାଯିବ। ଯେଉଁଠାରେ ଛାତ୍ରକୁ ପ୍ରଥମେ ନିଜେ ଭାବିବାକୁ, ଭୁଲ କରିବାକୁ ଓ ସନ୍ଦେହରେ ରହିବାକୁ ଅବକାଶ ଦିଆଯିବ। ଏ.ଆଇ. କେବଳ ସେହି ପ୍ରକ୍ରିୟାକୁ ଆଲୋକିତ କରିବାର ଏକ ଆଇନା ହେବ, ଏହି ଧାରଣା ଗଢ଼ିଉଠିଲେ ମାତ୍ର ଛାତ୍ର ଏ.ଆଇ. ସହ ସହଅବସ୍ଥାନ କରିପାରିବ ନ ତାହାର ଅଧୀନରେ ନୁହେଁ, କାରଣ ମଣିଷର ସବୁଠାରୁ ବଡ଼ ଶକ୍ତି ହେଉଛି ତାହାର ସ୍ୱୟଂଚେତନା, ନୀତିବୋଧ ଓ ମୂଲ୍ୟବୋଧ, ଯାହା କୌଣସି ଆଲଗୋରିଦମ୍ ଶିଖିପାରେ ନାହିଁ, ଏବଂ ଯଦି ଛାତ୍ରଛାତ୍ରୀମାନେ ଏହି ସତ୍ୟକୁ ଉପଲବ୍ଧି କରି ଏ.ଆଇ. କୁ ନିଜ ସୃଜନଶୀଳ ଯାତ୍ରାର ଏକ ସହଯାତ୍ରୀ ଭାବେ ଦେଖିବେ। ତେବେ ଏହି ଯନ୍ତ୍ର ମଣିଷର ସ୍ୱପ୍ନକୁ ଓଟାରି ନେବ ନାହିଁ, ବରଂ ସେହି ସ୍ୱପ୍ନକୁ ଆଉ ଦୂର ପର୍ଯ୍ୟନ୍ତ ନେଇଯିବାରେ ସାହାଯ୍ୟ କରିପାରିବ। ଭବିଷ୍ୟତର ଶିକ୍ଷା ପ୍ରଣାଳୀ କେମିତି ହେବ, ତାହା ନିର୍ଭର କରିବ ଏହି ସମୟରେ ଆମେ କେଉଁ ମୂଲ୍ୟକୁ ଗୁରୁତ୍ୱ ଦେଉଛୁ ତାହାର ଉପରେ, କାରଣ ଯଦି ଶିକ୍ଷାକୁ କେବଳ ଦକ୍ଷତା, ରୋଜଗାର ଓ ପ୍ରତିଯୋଗିତାର ସାଧନ ଭାବେ ଦେଖାଯାଏ, ତେବେ ଏ.ଆଇ. ନିଶ୍ଚୟ ସେହି ପଥକୁ ଅଧିକ ଦ୍ରୁତ, ସହଜ ଓ କାର୍ଯ୍ୟକୁଶଳ କରିଦେବ, କିନ୍ତୁ ଯଦି ଶିକ୍ଷାକୁ ମଣିଷ ହେବାର ଏକ ଅଭ୍ୟାସ, ନିଜକୁ ଚିହ୍ନିବାର ଏକ ଯାତ୍ରା ଓ ସମାଜ ପ୍ରତି ଦାୟିତ୍ୱଶୀଳ ଚେତନା ଗଢ଼ିବାର ଏକ ପ୍ରକ୍ରିୟା ଭାବେ ବୁଝାଯାଏ, ତେବେ ସେହି ଶିକ୍ଷାର କେନ୍ଦ୍ରବିନ୍ଦୁରେ ମଣିଷ ନିଜେ ରହିବ, ଯେଉଁଠାରେ ଛାତ୍ର କେବଳ ଉତ୍ତର ଖୋଜୁଥିବା ଏକ ବୁଦ୍ଧିଜୀବୀ ନୁହେଁ ବରଂ ପ୍ରଶ୍ନ ଉଠାଉଥିବା, ସନ୍ଦେହ କରୁଥିବା, ଭୁଲ କରୁଥିବା ଓ ସେହି ଭୁଲରୁ ନିଜ ଚିନ୍ତାକୁ ଶାଣିତ କରୁଥିବା ଏକ ସୃଜନଶୀଳ ସତ୍ତା ଭାବେ ଗଢ଼ିଉଠିବ। କାରଣ ଭବିଷ୍ୟତର ସମାଜକୁ ଯନ୍ତ୍ର ଚାଲାଇପାରିବ, କିନ୍ତୁ ଦିଗ ଦେଖାଇପାରିବ କେବଳ ମଣିଷ। ସେହି ଦିଗ ଦେଖାଇବା ପାଇଁ ଆବଶ୍ୟକ ହେଉଛି ଦୃଷ୍ଟି, ମୂଲ୍ୟବୋଧ ଓ ସାହସ, ଯାହା କୌଣସି ଆଲଗୋରିଦମ୍ ଉତ୍ପାଦନ କରିପାରେ ନାହିଁ।

ତେଣୁ ଭବିଷ୍ୟତର ସୃଜନଶୀଳ ଛାତ୍ର ସେ ହେବ ଯିଏ ଏ.ଆଇ. କୁ ଭୟ କରେ ନାହିଁ, ତାହାର ପୂଜା ମଧ କରେ ନାହିଁ, ବରଂ ସଚେତନ ଭାବେ ତାହାକୁ ନିଜ ଚିନ୍ତାର ସହାୟକ ଭାବେ ବ୍ୟବହାର କରି ନିଜ ଅଭିଜ୍ଞତା, ଆବେଗ ଓ ମୂଲ୍ୟବୋଧର ଆଲୋକରେ ନୂତନ ଧାରଣାକୁ ଜନ୍ମ ଦେଇପାରେ। କାରଣ ମାନବ ପ୍ରଜ୍ଞାର ସବୁଠାରୁ ବଡ଼ ଆହ୍ୱାନ ଏହା ନୁହେଁ ଯେ ଯନ୍ତ୍ର କେତେ ଶକ୍ତିଶାଳୀ ହେବ, ବରଂ ଏହା ଯେ ମଣିଷ ନିଜ ଚେତନା, ସୃଜନଶୀଳତା ଓ ମାନବୀୟତାକୁ ସେହି ଶକ୍ତିର ଛାୟାରେ ହରାଇଦେବ କି ନାହିଁ, ଏବଂ ଯଦି ଆମେ ଏହି ସମୟରେ ଏ.ଆଇ.କୁ ଏକ ଚକ୍ରବ୍ୟୂହ ନୁହେଁ ବରଂ ଏକ ସେତୁ ଭାବେ ଦେଖିପାରୁ, ତେବେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଏହି ଯନ୍ତ୍ରୀୟ ଯୁଗରେ ମଧ ନୂତନ ରୂପରେ, ନୂତନ ଆଲୋକରେ ଓ ନୂତନ ଦାୟିତ୍ୱ ସହିତ ପୁନର୍ଜୀବିତ ହୋଇଉଠିବ।ଏହି ସମଗ୍ର ଚର୍ଚ୍ଚାର ଶେଷରେ ଏହା ସ୍ପଷ୍ଟ ହୋଇଉଠେ ଯେ ଏ.ଆଇ. ମାନବ ସଭ୍ୟତା ପାଇଁ କୌଣସି ଅଟଳ ଶତ୍ରୁ ନୁହେଁ। ବରଂ ଏହା ଏକ ଆଇନା ଯେଉଁଥିରେ ମଣିଷ ନିଜକୁ ଦେଖୁଛି ଓ ନିଜ ଚୟନକୁ ପରୀକ୍ଷା କରୁଛି। କାରଣ ଯଦି ଛାତ୍ରଛାତ୍ରୀମାନେ ଏହି ଆଇନାରେ ନିଜର ସହଜପ୍ରବୃତ୍ତି, ଆଳସ୍ୟ ଓ ଭୟକୁ ଦେଖନ୍ତି, ତେବେ ଏ.ଆଇ. ଏକ ଚକ୍ରବ୍ୟୂହରେ ପରିଣତ ହୋଇ ସେମାନଙ୍କୁ ମଧ୍ୟଭାଗରେ ବନ୍ଦୀ କରିଦେବ। କିନ୍ତୁ ଯଦି ସେମାନେ ଏହି ଆଇନାରେ ନିଜର ଜିଜ୍ଞାସା, ସାହସ ଓ ସୃଜନଶୀଳ ଆକାଂକ୍ଷାକୁ ଚିହ୍ନିପାରନ୍ତି, ତେବେ ସେହି ଏ.ଆଇ. ଏକ ସେତୁରେ ପରିଣତ ହୋଇ ସେମାନଙ୍କୁ ନୂତନ ଚିନ୍ତାର ଭୂମିକୁ ନେଇଯିବ। କାରଣ ଚକ୍ରବ୍ୟୂହ ଭିତରେ ପ୍ରବେଶ କରିବାରେ ଦୋଷ ନାହିଁ, ଦୋଷ ହେଉଛି ତାହାରୁ ବାହାରିବାର ପଥକୁ ଭୁଲିଯିବା, ଏବଂ ଆଜିର ଶିକ୍ଷା ପ୍ରଣାଳୀର ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ଛାତ୍ରକୁ ସେହି ପଥ ଦେଖାଇବା ଯେଉଁ ପଥ ଚିନ୍ତାର, ସନ୍ଦେହର, ଭୁଲର ଓ ସୃଜନର, କାରଣ ମଣିଷର ମହତ୍ତ୍ୱ ତାହାର ଉତ୍ତରରେ ନୁହେଁ ବରଂ ତାହାର ପ୍ରଶ୍ନରେ ଲୁଚିଥାଏ, ତାହାର ସଫଳତାରେ ନୁହେଁ ବରଂ ତାହାର ସଂଘର୍ଷରେ ପ୍ରକାଶ ପାଏ। ତେଣୁ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ସବୁଠାରୁ ବଡ଼ ପ୍ରଶ୍ନ ଏହା ନୁହେଁ ଯେ ସେମାନେ କେତେ ଶୀଘ୍ର ଉତ୍ତର ପାଇପାରିବେ, ବରଂ ଏହା ଯେ ସେମାନେ କେତେ ଗଭୀର ଭାବେ ପ୍ରଶ୍ନ କରିପାରିବେ, କେତେ ସାହସ ସହ ଅନିଶ୍ଚିତତାକୁ ସ୍ୱୀକାର କରିପାରିବେ ଓ କେତେ ସତ୍ୟନିଷ୍ଠ ଭାବେ ନିଜ ଅଭିଜ୍ଞତା, ଆବେଗ ଓ ମୂଲ୍ୟବୋଧରୁ ନୂତନ ଧାରଣାକୁ ଜନ୍ମ ଦେଇପାରିବେ, କାରଣ ସୃଜନଶୀଳତା କୌଣସି ଆଲଗୋରିଦମ୍‌ର ଫଳ ନୁହେଁ, ଏହା ହେଉଛି ମଣିଷର ଭୁଲ, ଭୟ, ସ୍ୱପ୍ନ ଓ ସଂଘର୍ଷର ସଂଗ୍ରହ, ଏବଂ ଯଦି ଏହି ସଂଗ୍ରହକୁ ଆମେ ଏ.ଆଇ.ର ସୁବିଧା ସହ ବଦଳାଇ ଦେବା, ତେବେ ଭବିଷ୍ୟତ ହୋଇପାରେ ଅତ୍ୟଧିକ ବୁଦ୍ଧିମାନ। କିନ୍ତୁ ଭିତରୁ ଶୂନ୍ୟ, ତେଣୁ ଆଜିର ଆହ୍ୱାନ ଏହା ଏ.ଆଇ.କୁ ଶିକ୍ଷାର ଦାସ କରିବା, ଶିକ୍ଷାକୁ ଏ.ଆଇ.ର ଦାସ ହେବାକୁ ଦେବା ନୁହେଁ, କାରଣ ଯେତେଦିନ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ନିଜ ମନକୁ ପ୍ରଶ୍ନ କରିବାର ସାହସ ଓ ସୃଜନ କରିବାର ସ୍ୱାଧୀନତା ଦେଇରଖିବେ। ସେତେଦିନ ପର୍ଯ୍ୟନ୍ତ କୌଣସି ଚକ୍ରବ୍ୟୂହ ସେ ଯେତେ ଆଧୁନିକ ହେଉ ମାନବ ସୃଜନଶୀଳତାକୁ ବନ୍ଦୀ କରିପାରିବ ନାହିଁ। (ଶେଷଭାଗ)

ନୀଳଗିରି, ବାଲେଶ୍ୱର
ମୋ - ୯୭୭୮୧୪୫୪୧

## ଭାପୁର: ୩ କେନ୍ଦ୍ରରେ ଯୁକ୍ତ ଦୁଇ ପରୀକ୍ଷା ଦେବେ ୭୬୯ ପରୀକ୍ଷାର୍ଥୀ

ଭାପୁର,୯।୨(ନିପ୍ର): ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ଵାରା ପରିଚାଳିତ ଯୁକ୍ତଦୁଇର କଳା, ବାଣିଜ୍ୟ ଏବଂ ବିଜ୍ଞାନ ପରୀକ୍ଷା ଚଳିତ ଫେବୃଆରୀ ମାସ ୧୮ ତାରିଖ ଠାରୁ ଆରମ୍ଭ ହେବ। ପରୀକ୍ଷା ପରିଚାଳନା ପାଇଁ ଭାପୁର ବ୍ଲକ ଶିକ୍ଷାବିଭାଗ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବାଇଗୁଣିଆ ଗ୍ରାମରେ ଅବସ୍ଥିତ ପଠାଣିସାମନ୍ତ ମହାବିଦ୍ୟାଳୟ ହବ୍ କେନ୍ଦ୍ର ହେବ ବୋଲି ନିର୍ଦ୍ଧାରିତ ହୋଇଛି। ଭାପୁର ବ୍ଲକର ୩ ଗୋଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଭାପୁର ସଦର ମହକୁମାରେ ଅବସ୍ଥିତ ଭାପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରର କଳା ବିଭାଗରେ ରେଗୁଲାର ୭୨ ଓ ଏକ୍ସ ରେଗୁଲାର ୯ ଜଣ,ପଦ୍ମାବତୀ ଗ୍ରାମରେ ଅବସ୍ଥିତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରର କଳା ବିଭାଗରେ ୧୧୯, ବାଣିଜ୍ୟ ବିଭାଗରେ ୧୪, ବିଜ୍ଞାନ ବିଭାଗରେ ୨୨ ଏବଂ ବାଇଗୁଣିଆ ଗ୍ରାମରେ ଅବସ୍ଥିତ ପଠାଣି ସାମନ୍ତ ମହାବିଦ୍ୟାଳୟ କଳା ବିଭାଗରେ ରେଗୁଲାର ୪୨୨ ଓ ଏକ୍ସ-ରେଗୁଲାର ୧୨ ଏବଂ ବିଜ୍ଞାନ ବିଭାଗରେ ରେଗୁଲାର ୯୭ ଓ ଏକ୍ସ-ରେଗୁଲାର ୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ।

## ରେଳରୋକକୁ ସଫଳ କରିବା ପାଇଁ ବୈଠକ

ଘଣ୍ଟେଶ୍ଵର/ଚାନ୍ଦବାଲି/ଭଦ୍ରକ,୯।୨(ନିପ୍ର):ଭଦ୍ରକ-ଧାମରା ରେଳପଥରେ ସରକାରୀ ଯାତ୍ରୀବାହୀ ରେଳ ଚଳାଚଳ କରିବା, ଧାମରା ବନ୍ଦର ଓ ଧାମରା- ଭଦ୍ରକ ରେଳପଥକୁ ସରକାରଙ୍କ ମାଲିକାନାକୁ ଫେରାଇ ଆଣିବା ଦାବିରେ ଆସନ୍ତା ଫେବୃଆରୀ-୨୦ରେ ଭଦ୍ରକ-ଧାମରା ରେଳପଥରେ ଜନ୍ତୁଆଳି ଛକ ଠାରେ ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ରେଳରୋକ ଆନ୍ଦୋଳନ ଡାକରା ଦିଆଯାଇଛି । ଏହି ରେଳରୋକ ଆନ୍ଦୋଳନକୁ ସିପିଆଇ(ଏମ) ଘଣ୍ଟେଶ୍ଵର ଶାଖା ପକ୍ଷରୁ ଗୋପିନାଥପୁର ଠାରେ ଆହୂତ ସାଧାରଣ ବୈଠକରେ ସମର୍ଥନ କରାଯାଇଛି । ହଜାର ହଜାର ଏକର ଚାଷଜମି, ସାଧାରଣ ଲୋକଙ୍କ ଘରଡିହ, ବିଭିନ୍ନ ଗ୍ରାମର ସ୍ମଶାନ ଜମି, ଗୋଚର ଆଦି ଭଦ୍ରକ ଜିଲ୍ଲା ବାସୀ ସବୁଦିନ ପାଇଁ ହରାଇଥିବା ବେଳେ ଭଦ୍ରକ- ଧାମରା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ଜିଲ୍ଲାବାସୀଙ୍କ ନ୍ୟାଯ୍ୟ ଦାବି ବୋଲି ସିପିଆଇ(ଏମ) ପକ୍ଷରୁ ସାଧାରଣ ବୈଠକରେ ପ୍ରକାଶ କରାଯାଇଛି। ଚାନ୍ଦବାଲି ବ୍ଲକ ବାଂଶଡା ଥାନା ଅଧିନସ୍ଥ ଚର୍ଦିଆ ଠାରେ ଭିଡହିଂସା ଯୋଗୁଁ ଜଣେ ଚାଷୀ ଆତ୍ମହତ୍ୟା କରିବା, ମଉସୁଧା ଠାରେ ଭୂଇଁବୃତି ପଞ୍ଚାୟତର ଜଣେ ନାବାଳକକୁ କିଛି ଅସାମାଜିକ ଯୁବକ ଗଛରେ ବାନ୍ଧି ପିଟିବା ଘଟଣା କୁ ସିପିଆଇ(ଏମ) ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ରାଜ୍ୟରେ ସୃଷ୍ଟି ହୋଇଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୁଧରେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

## ନବ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୟାଗଡ଼,୯।୨ (ନିପ୍ର): ନୟାଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁଡିପି-ଦର୍ପନାରାୟଣପୁର ନବ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ସଭାପତିତ୍ଵରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଉମାର ମଲ୍ଲିକ, ମୁଖ୍ୟ ଅତିଥି ଭାବେ ବିଜୟ କୁମାର ଜେନା ଏବଂ ଶୁକ୍ର ବେହେରା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉପଜିଲ୍ଲାପାଳ ଶ୍ରୀ ସମାଦ୍ଦାର ବିଭିନ୍ନ ମହାପୁରୁଷଙ୍କ ଉଦାହରଣ ଦେଇ କିପରି ସାମଗ୍ରିକ ବିକାଶ ହୋଇ ପାରିବ ଏବଂ ବିକଶିତ ଓଡ଼ିଶାର ଗଠନ ଦିଗରେ ଛାତ୍ର ଛାତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ନିମନ୍ତ୍ରିତ ଅତିଥିମାନେ ନୈତିକ ଶିକ୍ଷା ଓ ଅନ୍ତର୍ନିହିତ ଶିକ୍ଷାର ଶିକ୍ଷାର ପରିପ୍ରକାଶ କରିବା ନିମନ୍ତେ ଛାତ୍ର ଛାତ୍ରୀଙ୍କ ଆହ୍ୱାନ ଦେବା ସହ ଶୃଙ୍ଖଳିତ ଜୀବନ ଭବିଷ୍ୟତ ପାଇଁ ସଫଳତା ଆଣେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଶ୍ରୀ ମଲ୍ଲିକ ଜାତୀୟ ତୀୟ ଶିକ୍ଷା ନୀତି ୨୦୨୦ର ଶିକ୍ଷା, ସଂସ୍କୃତି ଏବଂ କୌଶଳ ବ୍ୟାଖ୍ୟା କରିବା ସହ ଭାରତୀୟ ଜାତୀୟତା ଉପରେ ସଚେତନ କରିଥିଲେ ।

## ମାଧ୍ୟମିକ ଶିକ୍ଷକ ସଂଘର ବନ୍ଧୁମିଳନ

ଭଦ୍ରକ,୯।୨ (ନିପ୍ର): ସହର ଉପକଣ୍ଠସ୍ଥ ନଳାଙ୍ଗଠାରେ ଭଦ୍ରକ ମାଧ୍ୟମିକ ଶିକ୍ଷକ ସଂଘ ର ବାର୍ଷିକ ବନ୍ଧୁମିଳନ ଓ ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସ୍ଵାଗତ ସମ୍ବର୍ଦ୍ଧନା ସଭା ମହା ଆଡମ୍ବର ରେ ଅନୁଷ୍ଠିତ ହୋଇ ଯାଇଛି । ସଂଘର ସଭାପତି ନବକିଶୋର ମଲ୍ଲିକ ସଭାପତିତ୍ଵରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କର୍ମଚାରୀ ନେତା ପ୍ରଭାତ ମହାନ୍ତି ତଥା ସମ୍ମାନୀୟ ଅତିଥି ଭାବେ ରାଜ୍ୟ ସ୍ତରୀୟ ଶିକ୍ଷକ ନେତୃତ୍ୱ ରାଜେନ୍ଦ୍ର ମଲ୍ଲିକ, ଶୁଭ୍ରଜିତ୍ ପ୍ରତିହାରୀ, ରଶ୍ମିରଞ୍ଜନ ଜେନା,ପ୍ରଶାନ୍ତ କୁମାର ରାଉତରାଏ ଓ ମନୋଜ ଜେନା ପ୍ରମୁଖ ଯୋଗ ଦେଇ ସଂଘର ଏତାଦୃଶ କାର୍ଯକ୍ରମକୁ ଭୂୟଶୀ ପ୍ରଶଂସା କରିବା ସହ ଏକତ୍ର ହୋଇ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନିଜର ମତ ପ୍ରକାଶ କରିଥିଲେ । ସଂଘ ର ସମ୍ପାଦକ ଚନ୍ଦନ କୁମାର ରାଉତ ଜିଲ୍ଲା ତଥା ରାଜ୍ୟସ୍ତରରେ ସଂଘ କୁ ସୁଦୃଢ କରିବା ପାଇଁ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ସଂଘର କାର୍ଯ୍ୟକାରୀ ସଭାପତି ମଧୁସୂଦନ ମଲ୍ଲିକ ମଂଚ ପରିଚାଳନା କରିଥିଲେ । ରାଜ୍ୟ ସଂଯୋଜକ ଦେବାଶିଷ ଜେନା ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ରାଜକିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରରେ ୪୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ ।

## ଧାମନପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଗୋଲାମୁଣ୍ଡା,୯।୨ (ନିପ୍ର); କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଅମିତ ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମାଧବ ଲହଜଲ ଅଧ୍ୟାପକ ଭୂଗୋଳ ବିଭାଗ ପଞ୍ଚାୟତ ମହାବିଦ୍ୟାଳୟ ଧର୍ମଗଡ,ସମ୍ମାନିତ ଅତିଥି ଭାବରେ ନବ କିଶୋର ସାହୁ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋଲାମୁଣ୍ଡା , ସୁବ୍ରତ ମିଶ୍ର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗୋଲାମୁଣ୍ଡା, ସମାଜସେବୀ କାର୍ତିକେଶ୍ୱର ପୁରୋହିତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଶରୀ ମାଝୀ ଓ ଭାରାପ୍ରାପ୍ତ ଅଧ୍ୟକ୍ଷ ଉମେଶ ପଧାନ ପ୍ରମୁଖ ମଞ୍ଚାସିନ ଥିଲେ।ସହ ଶିକ୍ଷକ ଦୀପକ ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମର ଆରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସୁନ୍ଦର ସ୍ୱାଗତ ସଙ୍ଗୀତ ପ୍ରସ୍ତୁତ କରାଯାଇଥିଲା।ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ କୁବେର ନାଏକ ସଂଯୋଜନା କରିଥିବା ବେଳେ ଭକ୍ତେଶ୍ୱର୍ ଘିଭେଲା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶ୍ରୀ ସମୀର ରଞ୍ଜନ ଠେଲା, ପ୍ରହଲ୍ଲାଦ ସେନାପତି, ସୁଧାଂଶୁ ବାଗ, ପରୀକ୍ଷିତ ମେହେର, ଆଶିଷ ରାଉତ,ସୁଜାତା ପ୍ରଧାନ,ବିନ୍ଦୁଲତା ମେହେର ଓ ସମସ୍ତ ଅତିଥି ଅଧ୍ୟାପକ ସହଯୋଗ କରିଥିଲେ।

## ମହିଳା ପତ୍ରିକା 'ସିନ୍ଧୁଜା'ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୯।୨ (ନିପ୍ର); ମାସିକ ମହିଳା ପତ୍ରିକା 'ସିନ୍ଧୁଜା'ର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅୟୋଜିତ ସଭାରେ ଅତିଥିଭାବେ ଅବସରପ୍ରାପ୍ତ ଆଇଏଏସ୍ ତଥା ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଡ. ଅରୁଣ ପଣ୍ଡା, ବରିଷ୍ଠ ଆଇପିଏସ୍ ଅମିତାଭ ଠାକୁର ଓ ଅଭିନେତ୍ରୀ ତଥା ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସମ୍ପାଦିକା ପିଙ୍କି ପ୍ରଧାନ ପ୍ରମୁଖ ଯୋଗଦେଇ ମହିଳା ସଶକ୍ତିକରଣ ଉପରେ ଆଲୋଚନା କରିଥିଲେ। ମହିଳାମାନଙ୍କୁ ଆଗକୁ ବଢିବାକୁ ଦେବା କ୍ଷେତ୍ରରେ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ମୁଖ୍ୟ ଅତିଥି ଡ. ପଣ୍ଡା କହିଥିଲେ। ସେହିପରି ଅନ୍ୟତମ ଅତିଥି ଆଇପିଏସ୍ ଶ୍ରୀ ଠାକୁର ସଶକ୍ତ ମହିଳା ରାଜ୍ୟ ଓ ଦେଶ ପାଇଁ ସମୃଦ୍ଧିକର ବୋଲି କହିଥିଲେ। ନାରୀମାନଙ୍କୁ ସକରାତ୍ମକ ଦିଗରେ ବର୍ଦ୍ଧନା କରିବାକୁ ଅଭିନେତ୍ରୀ ପିଙ୍କି ପ୍ରଧାନ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସୁଲେଖିକା ସାହିତ୍ୟିକା ଡ. ଅର୍ଚ୍ଚନା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ମହିଳାମାନେ ଆଗକୁ ଆସିଲେ ସମାଜରେ ବ୍ୟାପକ ପରିବର୍ତ୍ତନ ଆସିବ। ଏଥିସହିତ ସମାଜରେ ଦେଖାଦେଉଥିବା ଘରୋଇ ହିଂସାର ବିଲୋପ ହେବ ଓ ସରକାରଙ୍କ ପକ୍ଷରୁ ନିଆଯାଉଥିବା ଯୋଜନା ଗୁଡ଼ିକର ସୁଫଳ ପାଇପାରିବେ। ସେହିପରି ନାରୀଶିକ୍ଷା ଓ ସଚେତନତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ ଜଣଙ୍କୁ ସିନ୍ଧୁଜା ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଛି। ସିନ୍ଧୁଜା ଗଳ୍ପ ସମ୍ମାନ ଡ. ଗଣେଶ୍ୱର ଜେନା, ସିନ୍ଧୁଜା କବିତା ସମ୍ମାନ ଅଖିଳ କୁମାର ମିଶ୍ର, ପ୍ରବନ୍ଧ ସମ୍ମାନ ସୁଶ୍ରୀ ରୂପାଲି ମହାରଣା, କର୍ପୋରେଟ ସମ୍ମାନ ସୁଧୀ ରଞ୍ଜନ ମିଶ୍ର ଓ ସିନ୍ଧୁଜା ସେବା ସମ୍ମାନ ସ୍ୱରୂପ ରାଜ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦେବଯାନୀ ଦାସଙ୍କୁ ପ୍ରଦାନ କରାଯାଇଛି।

# ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଆଦିବାସୀଙ୍କ ୧୨ ଘର ନିର୍ମାଣର ଯାଞ୍ଚ




ଲାଞ୍ଜିଗଡ଼,୯।୨ (ନିପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ତ୍ରିଲୋଚନପୁର ପଞ୍ଚାୟତର ଦୁର୍ଗମ କୁନ୍ନାକାଡୁ ଗାଁକୁ ଶନିବାର ଜିଲ୍ଲାପାଳ ସଚିନ ପାଓ୍ୱାର ପ୍ରକାଶ ଗସ୍ତ କରିଛନ୍ତି। ଗାଁ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ (ଜନମନ) ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାହାଡ଼ ତଳେ ନିର୍ମାଣାଧୀନ ୮ଟି ଘରର ସ୍ଥିତି ଅନୁଧ୍ୟାନ କରିବାପରେ ଜିଲ୍ଲାପାଳ ପାଦଚଲା ରାସ୍ତା ଦେଇ ୧୨ ଶହ ଫୁଟ ପାହାଡ଼ ଉପରେ ଥିବା ଏହି ଗାଁକୁ ପହଞ୍ଚିଥିଲେ। ତେବେ ଘର ନିର୍ମାଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସେମାନେ ବସବାସ କରୁଥିବା ଗାଁରେ ପାନୀୟ ଜଳ, ଚାଷ ପାଇଁ ନିୟମଗିରି ଝରଣାରୁ ଚେକ୍ ଡ୍ୟାମ୍ ଜରିଆରେ ଜଳଯୋଗାଣ, ଗାଁରୁ ନୂତନ ଘର ପର୍ଯ୍ୟନ୍ତ ରାସ୍ତା, ପରିବାର ପ୍ରତିପୋଷଣ ଆଦି ସଂପର୍କରେ ଜିଲ୍ଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହାଛଡ଼ା ଜିଲ୍ଲାପାଳ ତ୍ରିଲୋଚନପୁର, ଫୁଲଡୁମେର ଗାଁକୁ ପରିଦର୍ଶନରେ ଯାଇ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ସେଠାରେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଆଦିବାସୀଙ୍କ ୧୨ଟି ଘର ନିର୍ମାଣ କାର୍ଯ୍ୟର ବି ଯାଞ୍ଚ କରିଥିଲେ। ଜିଲ୍ଲାପାଳଙ୍କ ସହିତ ଆଇଏଏସ୍ ପ୍ରୋବେସନର ଅନିମେଶ ପ୍ରଧାନ, ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଜିଲ୍ଲା ଗ୍ରାମ୍ୟ ଗୃହନିର୍ମାଣ ପ୍ରକଳ୍ପ ପରିଚାଳକ ଅମୂଲ୍ୟ ବାଉଲ, କନିଷ୍ଠଯନ୍ତ୍ରୀ କାହ୍ନୁ ଟୁଡୁ,ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନିୟମଗିରି ପାହାଡ଼ ଉପରେ ଥିବା କୁନ୍ନାକାଡୁ ଗାଁରେ ୮ଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ଗାଁକୁ ରାସ୍ତା ନାହିଁ। ନଳକୂଅ ପାଣି, ବିଜୁଳି ଏବେ ବି ଅପହଞ୍ଚ ପାହାଡ଼ି ଝରଣାରୁ ପିଇବା ପାଣି ଆଣିବାକୁ ୯ ଶହ ଫୁଟ ତଳକୁ ଓହ୍ଲାଇବାକୁ ପଡ଼େ କାହାର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଲେ ଡାକ୍ତରଖାନା ନେବାକୁ ମଧ୍ଯ ସୁବିଧା ନାହିଁ। କିଛିବର୍ଷ ତଳେ ବ୍ଲକ୍ ପ୍ରଶାସନ ପକ୍ଷରୁ ଗାଁ ଲୋକଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରୟାସ କରାଯାଇଥିଲା। ପାହାଡ଼ରୁ ତଳକୁ ଆସିଲେ ସେମାନଙ୍କ ପାଇଁ ସବୁ ସୁବିଧା କରି ଦିଆଯିବ ବୋଲି ଲୋକଙ୍କୁ ବୁଝାଇଥିଲା ପ୍ରଶାସନ। ହେଲେ ଗାଁ ମାଟି, ଧରଣୀକୁ ଛାଡ଼ିକି ଯିବେନି ସେମାନେ ସେଠାରୁ ଚାଲିଗଲେ ଧରନୀ ଦେବତା କୋପ କରିବ ବୋଲି କହି ଆସି ନ ଥିଲେ। ୨୦୨୪ ମସିହାରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ତ୍ରିଲୋଚନପୁର ପଞ୍ଚାୟତ କୁନ୍ନାକାଡୁ ଗାଁକୁ ଗସ୍ତ କରି ଗାଁର ୮ ପରିବାରଙ୍କୁ ପାହାଡ଼ ଉପରୁ ତଳକୁ ଆଣିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁଙ୍କ ସହ ଯାଇ ବହୁ ବୁଝାଇବା ପରେ ଗ୍ରାମବାସୀ ଶେଷରେ ତଳକୁ ଆସିବାକୁ ରାଜି ହୋଇଥିଲେ।

୨୦୨୪ ଡିସେମ୍ବର ୪ ତାରିଖରେ କୁନ୍ନାକାଡୁ ଗାଁର ୮ଟି ପରିବାରଙ୍କୁ ଗାଁରୁ ୧୨ ଶହ ଫୁଟ ତଳେ ଜାଗା ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ (ଜନମନ) ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍ଏଓ୍ୱାଇ-ଜି) ଯୋଜନାରେ ଘର ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଥିଲା।

## ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଏଫ୍ଆଇଏଚ୍ ପ୍ରୋ ଲିଗ୍

ରାଉରକେଲା ୯/୨ (ନିପ୍ର):୧୦ ତାରିଖରୁ ୧୫ ତାରିଖ ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆରମ୍ଭ ହେବ ପୁରୁଷ ହକି ପ୍ରୋ ଲିଗ୍ ୨୦୨୫-୨୬। ପ୍ରାୟ ଏକ ବର୍ଷ ପରେ ରାଉରକେଲାକୁ ଫେରୁଛି ଆନ୍ତର୍ଜାତିକ ହକି ମ୍ୟାଚ୍। ଏହି ହକି ପ୍ରୋ ଲିଗ୍ ୨୦୨୫-୨୬ ପ୍ରତିଯୋଗିତାରେ ଭାରତ, ଆର୍ଜେଣ୍ଟିନା ଓ ବେଲଜିୟମ୍ ହକି ଦଳ ଅଂଶଗ୍ରହଣ କରୁଛନ୍ତି। ଭାରତୀୟ ହକି ଦଳରେ ସୁନ୍ଦରଗଡ଼ ଜିଲ୍ଲାରୁ ୫ ଜଣ ଖେଳାଳି ଅମିତରୋହି ଦାସ , ଅମନଦୀପ ଲାକ୍ରା , ରୋଷନ୍ କୁଜୁର୍ , ଶିଳାନନ୍ଦ ଲାକ୍ରା , ନିଲମ୍ ସଂଜିପ ଖେସ୍ ସାମିଲ ଥିବାରୁ ରାଉରକେଲାର କ୍ରୀଡାବିତଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ୨୦୨୬ ଫେବୃଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଏହି ପ୍ରତିଯୋଗିତାରେ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି କ୍ୟାପଟେନ୍ ହରମନପ୍ରୀତ ସିଂହ ଏବଂ ମୁଖ୍ୟ କୋଚ୍ କ୍ରେଗ୍ ଲୁକାସ୍ ରେ। ସେହିପରି ବେଲଜିୟମ୍ ହକି ଦଳର ନେତୃତ୍ୱ ନେବେ କ୍ୟାପଟେନ୍ ଶେନ୍ ମେକ୍ ଲିଓଡ୍ ଏବଂ କୋଚ୍ ଆର୍ଥର୍ ଭାନ୍ ଡୋରେନ୍। ଆର୍ଜେଣ୍ଟିନା ହକି ଦଳର ନେତୃତ୍ୱ ନେବେ କ୍ୟାପଟେନ୍ ଲୁକାସ୍ ରେ ଏବଂ କୋଚ୍ ମାତିଆସ୍ ରେ। ଫେବୃଆରୀ ୧୦ ବେଲଜିୟମ ବନାମ୍ ଆର୍ଜେଣ୍ଟିନା ମଧ୍ୟରେ ପ୍ରୋ ଲିଗ୍ ୨୦୨୫-୨୬ର ହକି ମ୍ୟାଚ୍ ଖେଳାଯିବ। ସେହିପରି ଫେବୃଆରୀ ୧୧ ତାରିଖ ସନ୍ଧ୍ୟା ୭ଟା ୩୦ ସମୟରେ ଭାରତ ବନାମ୍ ବେଲଜିୟମ୍ ମଧ୍ୟରେ ଦ୍ୱିତୀୟ ଦିନର ହକି ମ୍ୟାଚ୍ ଖେଳାଯିବ। ଫେବୃଆରୀ ୧୨ ତାରିଖ ସନ୍ଧ୍ୟା ୭ଟା ୩୦ରେ ଭାରତ ବନାମ୍ ଆର୍ଜେଣ୍ଟିନା ମଧ୍ୟରେ ତୃତୀୟ ଦିନର ହକି ମ୍ୟାଚ୍ ଅନୁଷ୍ଠିତ ହେବ। ଫେବୃଆରୀ ୧୩ ତାରିଖ ସନ୍ଧ୍ୟା ୭ଟା ୩୦ ସମୟରେ ଆର୍ଜେଣ୍ଟିନା ବନାମ ବେଲଜିୟମ ମଧ୍ୟରେ ଚତୁର୍ଥ ଦିନର ହକି ମ୍ୟାଚ୍ ଅନୁଷ୍ଠିତ ହେବ। ଫେବୃଆରୀ ୧୪ ତାରିଖ ସନ୍ଧ୍ୟା ୭ଟା ୩୦ରେ




ଭାରତ ବନାମ ବେଲଜିୟମ୍ ମଧ୍ୟରେ ପଞ୍ଚମ ଦିନର ମ୍ୟାଚ ଅନୁଷ୍ଠିତ ହେବାକୁ ଥିବାବେଳେ ଫେବୃଆରୀ ୧୫ ତାରିଖ ସନ୍ଧ୍ୟା ୭ଟା ୩୦ରେ ଭାରତ ବନାମ ଆର୍ଜେଣ୍ଟିନା ମଧ୍ୟରେ ହକି ପ୍ରୋ ଲିଗ୍ ୨୦୨୫-୨୬ର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନ୍ତିମ ମ୍ୟାଚ ଅନୁଷ୍ଠିତ ହେବ। ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଏକ ସାମ୍ବାଦିକ ସମ୍ମିଳନୀରେ ବେଲଜିୟମ୍ କୋଚ୍ ଶେନ୍ ମେକ ଲିଓଡ୍ ଓ କ୍ୟାପଟେନ୍ ଅର୍ଥର ଭାନ ଡୋରେନ୍, ଆର୍ଜେଣ୍ଟିନା କୋଚ୍ ଲୁକାସ୍ ରେ ଓ କ୍ୟାପଟେନ୍ ମାତିଆସ ରେ ଏବଂ ଭାରତୀୟ ଦଳର କୋଚ୍ କ୍ରେଗ୍ ଲୁକାସ୍ ରେ ଓ କ୍ୟାପଟେନ୍ ହରମନପ୍ରୀତ ସିଂହ ଉପସ୍ଥିତ ରହି ସମସ୍ତ ପ୍ରୋ ଲିଗ୍ ମ୍ୟାଚରେ ଉତ୍ତମ ପ୍ରଦର୍ଶନ କରିବେ ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ।

## କେଲିଆ ଶୈବପୀଠରେ ଶିବରାତ୍ରୀ ପାଇଁ ସମୀକ୍ଷା

ଡାବୁଗାଁ ,୯।୨ (ନିପ୍ର); ଡାବୁଗାଁ ବ୍ଲକର ଚଚରାଗୁଡା ପଞ୍ଚାୟତ ଅନ୍ତର୍ଗତ ଦେଓବନ୍ଦ କେଲିଆ ଶୈବପୀଠରେ ଶିବରାତ୍ରି ପାଳିତ ନେଇ ସୋମବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପେବୃଆରି ମାସ ୧୫ ତାରିଖରେ ମହାଶିବରାତ୍ରି ଥିବାରୁ ସମସ୍ତ କାମ କିଭଳି ସୁରୁଖୁରୁରେ ହେବ ଏନେଇ ଅପରାହ୍ନ ରେ ସମୀକ୍ଷା ବୈଠକ ହୋଇଯାଇଛି ।ନବରଙ୍ଗପୁର ଜିଲ୍ଲାର ବିଖ୍ୟାତ ଶୈବପୀଠ କେଲିଆରେ ପ୍ରତିବର୍ଷ ହଜାର ହଜାର ଉର୍ଦ୍ଧ୍ୱ ଶୈବ ଭକ୍ତଙ୍କ ଜନସମାଗମ ଦେଖିବାକୁ ମିଳେ। ମନ୍ଦିର କମିଟି ତରଫରୁ ଭକ୍ତଙ୍କ ସୁରକ୍ଷାକୁ ବିଶେଷ ଭାବରେ ଧ୍ୟାନ ଦିଆଯିବ ବୋଲି ମନ୍ଦିର



କମିଟିର ସମ୍ପାଦକ ଦେବରାଜ ପାତ୍ର ଏବଂ କମିଟିର ସଦସ୍ୟମାନେ ମତବ୍ୟକ୍ତ କରିଛନ୍ତି। ଏହା ଖାଲି ଶୈବପୀଠ ନୁହେଁ ଓଡ଼ିଶାର ଏକ ପର୍ଯ୍ୟଟନସ୍ଥଳୀ । ଏଠାରେ ଦର୍ଶନ ପାଇଁ ଜିଲା ବାହାରୁ ତଥା ପଡ଼ୋଶୀରାଜ୍ୟ ଛତିଶଗଡ଼ ରୁ ମଧ ଦର୍ଶକ ଆସନ୍ତି । ଶିବ ମନ୍ଦିର ଠାରୁ ଜଙ୍ଗଲ ମଧ ଦେଇ ୨ କିଲୋମିଟର ଚାଲିକି ଗଲେ ଏକ ପର୍ବତ ଗୁମ୍ଫାରେ ମା ପାର୍ବତୀଙ୍କ ମନ୍ଦିର ଅବସ୍ଥିତ ଯାହାକି କେଲିଆ ମନ୍ଦିରର ଏକ ମୁଖ୍ୟ ଆକର୍ଷଣ ଅଟେ । ଏହା ଏକ ପଞ୍ଜୀକୃତ କମିଟି ଦ୍ୱାର ପରିଚାଳିତ। ଆୟୋଜିତ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ଡାବୁଗାଁ ତହସିଲଦାର ଗୀତ ମୁର୍ମୁ, ମନ୍ଦିର କମିଟିର ସମ୍ପାଦକ,କୋଷାଧ୍ୟକ୍ଷ ସହ କମିଟିର ସଦସ୍ୟମାନେ ଏବଂ ଆଖ ପାଖ ଅଂଚଳର ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ ।

## ପୋଲିସ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

କେନ୍ଦୁଝର,୯।୨(ନିପ୍ର);ସହରସ୍ଥିତ ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିବ କୁମାର ରାଠୋରଙ୍କର ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ପୂର୍ବତନ ଶିକ୍ଷକ ସଞ୍ଜୟ କୁମାର ସାମଲ ଓ ୬୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀମାନେ ଯୋଗ ଜୟନ୍ତି ପାଳନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ସ୍କୁଲର ୫୦ତମ ପ୍ରତିଷ୍ଠା ଦିବସକୁ ଡିସେମ୍ବର ମାସରେ ସୁବର୍ଣ୍ଣ ଜୟନ୍ତୀ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ପ୍ରତି ମାସରେ ଗୋଟିଏ ଲେଖାଏ ସେମିନାର ଓ କାର୍ଯ୍ୟକ୍ରମ କରି ଜୟନ୍ତିକୁ ସଫଳ କରିବାକୁ ସମସ୍ତେ ମତ ବ୍ୟକ୍ତ କରିଛନ୍ତି । ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଏକାଠି କରି ବିଭିନ୍ନ କମିଟି ଗଠନ କରି ଦାୟିତ୍ୱ ନେଇ ଏକ ଆଦର୍ଶ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ମତ ପ୍ରକାଶ ପାଇଥିଲା।

## ଜିଲ୍ଲା ମହୋତ୍ସବ ଯତରା: ରଙ୍ଗାରଙ୍ଗ ସାଂସ୍କୃତିକ ଶୋଭାଯାତ୍ରାରେ ସ୍ଥାନିତ ମଶାଲ ଶୋଭାଯାତ୍ରା

ସୁନ୍ଦରଗଡ଼,୯।୨(ନିପ୍ର);ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯତରା - ୨୦୨୬ । ସ୍ଥାନୀୟ ଯତରା ପଡ଼ିଆ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଉପ ବାଚସ୍ପତି, ଓଡ଼ିଶା ବିଧାନସଭା ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ନାୟକ, ବିଧାୟକ, ସଦର ଯୋଗେଶ କୁମାର ସିଂ, ସଦର ସୁନ୍ଦରଗଡ଼ର ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଯତରାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ହେବାକୁ ଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଏବଂ ସୁଭଦ୍ରା ଶକ୍ତି ମେଳା ଉପରେ ସୂଚନା ଦେଇଥିଲେ ଏବଂ ଏହି ସମସ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେଇ ଦେବାକୁ ଅନୁରୋଧ କରିଥିଲେ।ମୁଖ୍ୟ ଅତିଥି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଓରାମ ଏହି ଅବସରରେ ଯତରାରେ



କିଭଳି ଅଧିକରୁ ଅଧିକ କଳାକାରମାନଙ୍କ ସମାଗମ ହେବ ତାହା ଉପରେ ନିଜ ବକ୍ତବ୍ୟ ରଖି ଥିଲେ। ସେହିପରି ଶିଳ୍ପୀ, କାରିଗରମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ, ଉପକରଣ ଆଦିର ବଜାର ବ୍ୟବସ୍ଥା ଉପରେ ନିଜର ବକ୍ତବ୍ୟ ରଖିଥିଲେ ଏବଂ ଭୋକାଲ ଫୋର୍ ଲୋକାଲ ଉପରେ ଗୁରୁତ୍ୱାରୋପ କରିଥିଲେ।

ଉଦଘାଟନୀ ଉତ୍ସବରେ ବିଭିନ୍ନ ଦଳ ଦ୍ୱାରା କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିଭଳି ପ୍ରଖ୍ୟାତ କଣ୍ଠ ଶିଳ୍ପୀ ରକୁ ସୁନା, ଅନ୍ତରା ଚକ୍ରବର୍ତ୍ତୀ ଓ ବର୍ଣାଲି ହୋତାଙ୍କ ଦ୍ୱାରା ତାରକା ରାତ୍ରି ଅନୁଷ୍ଠିତ ହୋଇଥିଲା। ସେହିଭଳି ଆଜି ସକାଳେ ସମଲେଇ ମନ୍ଦିର ଠାରୁ ଯତରା ପଡ଼ିଆ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା ମାଧ୍ୟମରେ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ମଶାଲ ଶୋଭାଯାତ୍ରା କୁ ବିଭିନ୍ନ ଛକ ମାନଙ୍କ ରେ ଜିଲ୍ଲା ର ବିଭିନ୍ନ ସଂଗଠନ , ଅନୁଷ୍ଠାନଗୁଡ଼ିକ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସାଂସଦ ସୁନ୍ଦରଗଡ଼ ଜୁଏଲ ଓରାମ, ଉପ ବାଚସ୍ପତି, ଓଡ଼ିଶା ବିଧାନସଭା ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ସମସ୍ତ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସଂପୃକ୍ତ ବ୍ଲକର କଳାକାର, ସୁନ୍ଦରଗଡ଼ ପୌରାଞ୍ଚଳର କଳାକାର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ।

# ପର୍ଯ୍ୟଟନ ସହାୟକ କେନ୍ଦ୍ର ପାଲଟିଛି 'ଭୂତ ବଙ୍ଗଳା'

ରାୟଗଡା,୯।୨ (ନିପ୍ର); ପର୍ଯ୍ୟଟନ ସହାୟକ କେନ୍ଦ୍ର ପାଲଟିଛି ଭୂତ ବଙ୍ଗଳା। ରାୟଗଡା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ଜିଲ୍ଲାକୁ ଆକାଂକ୍ଷା ଜିଲ୍ଲାରେ ସରକାର ଅନ୍ତର୍ଭୁକ୍ତ କରିଛନ୍ତି। ଏହାର ସାମଗ୍ରିକ ବିକାଶ ସରକାରଙ୍କ ଏକାନ୍ତ ଲକ୍ଷ୍ୟ। ସେହିପରି ରାୟଗଡା ଜିଲ୍ଲାରେ ପର୍ଯ୍ୟଟନ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ କରିବା ନେଇ ରାଜ୍ୟ ସରକାର ଅନେକ ଯୋଜନା କରୁଛନ୍ତି, କାରଣ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଆସିଲେ ଏହି ଜିଲ୍ଲାକୁ ଅନେକ ପର୍ଯ୍ୟଟକ ଆକର୍ଷିତ ହୋଇ ଆସିବେ। ଏହି ଜିଲ୍ଲାରେ ରହିଛି ଅନେକ ପର୍ଯ୍ୟଟନସ୍ଥଳୀ। ଜିଲ୍ଲାଟି ଖଣିଜ ସମ୍ପଦରେ ଭରା। ଏହାର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନମୁଗ୍ଧକର। ଏଠାରେ ରହିଛି ଅନେକ ପ୍ରାଚୀନ କୀର୍ତି। ଜିଲ୍ଲାରେ ରହିଛି ଦେବଗିରି,ଥେରୁବାଲି ପାଇକପଡାର ପାତାଳେଶ୍ୱର, ମୁନିଗୁଡାର ମିନାଝୋଲାର ମୀନକେତନେଶ୍ୱର ଯାହାକି ତ୍ରିବେଣୀସଙ୍ଗମ ସ୍ଥଳୀରେ ଜଳ ମଧ୍ୟରେ ସମାହିତ ହୋଇ ରହିଛନ୍ତି। ମହା ଶିବରାତ୍ର ଜାଗର ଯାତ୍ରା କରିବା ପାଇଁ ରାଜ୍ୟ କୋଣ ଅନୁକଣରୁ ତଥା ପଡୋଶୀ ରାଜ୍ୟରୁ ମୀନକେତନେଶ୍ୱରଙ୍କ ଦର୍ଶନ ପାଇଁ ଆସିଥାଆନ୍ତି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। କେବଳ ଏହି ମହା ଶିବରାତ୍ରିରେ ହିଁ ଦର୍ଶନ ଦେଇଥାନ୍ତି ଭଗବାନ ଶିବ। ଏଠାର ପଦ୍ମପୁର ବ୍ଲକ ସ୍ଥିତ ଜଗମଣ୍ଡା ରେ ରହିଛି ବୌଧ କୀର୍ତ୍ତିରାଜି। ପାଇକପଡା ପାତା ଳେଶ୍ୱର ମନ୍ଦିର ବେଢାରେ ରହିଛି କାରୁକାର୍ଯ୍ୟ ପୂର୍ଣ୍ଣ ଅନେକ ମନ୍ଦିର ଆଉ ପାର୍ଶ୍ୱ ଦେବତା। ବିଷମକଟକର ଶୈବ ପୀଠ ଆଉ ଗୁଦଗୁଦା ଜଳପ୍ରପାତ, ଅନେକ ଜଳପ୍ରପାତ, ମନୋଲୋଭା ଦୃଶ୍ୟରାଜୀ, ବନ ଜଙ୍ଗଲ, କଳା ସଂସ୍କୃତି, ଲାଞ୍ଜିଆ ସୌରାଙ୍କ ଇଡିତାଲ ଚିତ୍ରକଳା, ନିୟମଗିରି ପାର୍ବତମାଳା, ଏହି ଅଞ୍ଚଳରେ ବସବାସ କରି ରହିଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ, ସେମାନଙ୍କ କଳା ସଂସ୍କୃତି, ନାଚ, ଗୀତ, ସେମାନେ ବୁଣୁଥିବା କପଡା ଗୁନ୍ଦା ସାଲ, ଦେଶ, ବିଦେଶରେ ଏହାର



ଚାହିଦା, ଏହା ଜିଆଇ ମାନ୍ୟତା ପାଇସାରିଛି, ଏହା ମଧ୍ୟ ଫେସନ ଜଗତରେ ବେସ ଆକର୍ଷଣୀୟ ହୋଇପାରିଛି, ଏହାର ଗହଣା ଗାଣ୍ଠି ସ୍ୱତନ୍ତ୍ର ଏହାର ଏକ ବିଶେଷତ୍ୱ ରହିଛି। ଏଠାକୁ ଅନେକ ପର୍ଯ୍ୟଟକ ଆସିଥାଆନ୍ତି। ରାୟଗଡା ଜିଲ୍ଲାରେ ପର୍ଯ୍ୟଟନ ସ୍ଥଳୀର ବିକାଶ ସକାଶେ ଅନେକ ଯୋଜନା ସରକାର ପ୍ରଣୟନ କରୁଛନ୍ତି। ହେଲେ ଯୋଜନା ଲୋକଙ୍କ ପାଖରେ ପହଞ୍ଚି ପାରୁନି। ରାଜ୍ୟର ବିଭିନ୍ନ ସ୍ଥାନରୁ ତଥା ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି ଏହି ରାୟଗଡା ଜିଲ୍ଲାକୁ। ଅନ୍ୟ ସ୍ଥାନରୁ ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ କୋଲନାରା ବ୍ଲକ ସ୍ଥିତ ପାଇକପଡା ଠାରେ ନିର୍ମିତ କରାଯାଇଛି ଏକ ବିଶାଳ ପର୍ଯ୍ୟଟକ ସହାୟକ କେନ୍ଦ୍ର ବା ଅଭ୍ୟର୍ଥନା କେନ୍ଦ୍ର। ହେଲେ ବର୍ଷ ବର୍ଷ ଧରି ସେମିତି ପଡି ରହି ଭୂତକୋଠି ପାଲଟିଛି। ଏଠାରେ ଅସାମାଜିକ ମାନଙ୍କ ଆଡାସ୍ଥଳୀ ପାଲଟିଛି। ଏହା ଉଦଘାଟନ ହୋଇ ଦଶ ବର୍ଷ ବିତିଗଲାଣି। କାମରେ ଆସୁନି କୋଠା। ଏହି ପାଇକପଡାକୁ ସରକାର ପର୍ଯ୍ୟଟନସ୍ଥଳୀ ର ମାନ୍ୟତା ପାଇସାରିଛି। ଏଠାକୁ ଭ୍ରମଣରେ ଆସୁଥିବା ଯାତ୍ରୀ ମାନଙ୍କ ପାଇଁ ଅତିଥି ସତ୍କାର ନିବାସ ମଧ୍ୟ ରହିଛି।

ବିଗତ ଅଗଷ୍ଟ ୬ ତାରିଖ ୨୦୧୬ ମସିହାରେ ତତ୍କାଳୀନ କ୍ୟାବିନେଟ ପାହ୍ୟା ଆଦିବାସୀ ବିକାଶ ଓ ପଛୁଆ ବର୍ଗ ମନ୍ତ୍ରୀ ଲାଲବିହାରି ହିମିରିକା ଏହି ପର୍ଯ୍ୟଟନ ସହାୟକ କୋଠାର ଉଦଘାଟନ କରିଥିଲେ। ଦୀର୍ଘ ଦଶ ବର୍ଷ ବିତିଯାଇଥିଲେ ସୁଦ୍ଧା ଏହା ଉପରେ କାହାର ଦୃଷ୍ଟି ପଡିନି। ବିଡମ୍ବନାର ବିଷୟ ରକ୍ଷଣା ବେକ୍ଷଣ ଅଭାବରୁ କୋଠାଟି ନଷ୍ଟ ହେବାରେ ଲାଗି, କବାଟ ଝରକା ରେ ଉଇ ଖାଇଗଲାଣି, ଲଟା ବୁଦା ଅନାବନା ଘାସ, ଗଛ ରେ ଭରା ଏହି କୋଠାଟି ଚମକ ହରେଇ ସରିଛି। ଏହା ଏକ ଜଙ୍ଗଲିଆ ପାହାଡ଼ ଉପରେ ନିର୍ମାଣ କରାଯାଇଥିଲା। ଏହି ସ୍ଥାନକୁ ଯିବାକୁ ରାସ୍ତା ନାହିଁ, ପଦାଚଲା ବାଟଟେ। ଏହା ପାଇକପଡା ଠାରୁ ଦୂରରେ ରହିଛି। ଏହାକୁ ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ବିଭାଗ ନିର୍ମାଣ କରିଥିଲା। ଏହି ପର୍ଯ୍ୟଟନ ସାହାଯ୍ୟ କେନ୍ଦ୍ରଟି ୨୦୧୪-୧୫ ମସିହାରେ ନିର୍ମିତ ହୋଇଥିଲା। ଏ ବିଷୟରେ ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କୁ ବୁଝିଲାରୁ ସେ କହିଥିଲେ ଯେ, ଏହା ସରକାରଙ୍କ ଦ୍ୱାରା ନିର୍ମିତ କରାଯାଇଛି। ଏହା ଉପରେ ଅନୁଧ୍ୟାନ କରି, ମୁଁ ସେ ସ୍ଥାନକୁ ନିଜେ ଯାଇ ଦେଖିବି, ଆଉ କିଛି ଅର୍ଥ ଖର୍ଚ୍ଚ କରି ପର୍ଯ୍ୟଟନ ସହାୟକ କେନ୍ଦ୍ରକୁ ମରାମତି କରି, ଯାହା ଆବଶ୍ୟକ ରହିଛି ତାହା କରାଯାଇ କାର୍ଯ୍ୟକ୍ଷମ କରାଯିବ। ଏ ବିଷୟରେ ରାୟଗଡା ଜିଲ୍ଲାପାଳ କହିଛନ୍ତି ଯେ, ଏହାକୁ ଏକ ମୋଡେଲ କରାଯିବ, ଏହାର ପୁନଃରୁଦ୍ଧାର ପାଇଁ ଲୋକାଲ ପଂଚାୟତକୁ ଦାୟିତ୍ୱ ଅର୍ପଣ କରିବାକୁ ପଡିବ। ଏହାପାଇଁ ସରକାର ଟଙ୍କା ଖର୍ଚ୍ଚ କରିଛନ୍ତି। ଏହା ଉପରେ ଅନୁଧ୍ୟାନ କରି ଆଉ ଯାହା ଅର୍ଥ ଆବଶ୍ୟକ ପଡିବ ଖର୍ଚ୍ଚ କରାଯାଇ ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି।

■ ଆତ୍ମବିଶ୍ୱାସ ଓ ଅନୁଶାସନରୁ ହିଁ ଡରମୁକ୍ତ ହୋଇଥାଏ ଭବିଷ୍ୟତ

# ପରୀକ୍ଷାକୁ ବୋଝ କରନ୍ତୁନି: ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ, ୯/୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପରୀକ୍ଷାପେ ଚର୍ଚ୍ଚା'ର ନବମସଂସ୍କରଣର ଦ୍ୱିତୀୟ ଏପିସୋଡ୍‌ରେ ଛାତ୍ରଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସ, ଶିଷ୍ଟାଚାର ଏବଂ ଭୟମୁକ୍ତ ଚିନ୍ତାଧାରାର ମନ୍ତ୍ର ଦେଇ କହିଛନ୍ତି ଯେ,"ଯାହାର ନିଜ ଉପରେ ଭରସା ଅଛି, ସେ କେବେ ଭୟଭୀତ ହୁଏନାହିଁ।" ସେ କହିଛନ୍ତି ଯେ, ପରୀକ୍ଷା ଜୀବନର ଶେଷ ନୁହେଁ, ବରଂ ଶିଖିବା ଏବଂ ନିଜକୁ ବୁଝିବାର ଏକ ସୁଯୋଗ ଅଟେ। ସଠିକ୍‌ମାର୍ଗଦର୍ଶନ, ନିରନ୍ତର ଅଭ୍ୟାସ ଏବଂ ସମତୁଳିତ ଜୀବନଶୈଳୀ ମାଧ୍ୟମରେ ଛାତ୍ରଛାତ୍ରୀମାନେ କେବଳ ପରୀକ୍ଷାରେ ସଫଳ ହେବେନୁହେଁ, ବରଂ ନିଜ ସ୍ୱପ୍ନକୁ ମଧ୍ୟ ସାକାର କରିପାରିବେ। ସୋମବାର ପ୍ରସାରିତ ହୋଇଥିବା ଏହି ବିଶେଷ ଏପିସୋଡ୍‌ରେ ପ୍ରଧାନମନ୍ତ୍ରୀ ମୋଦୀ ତାମିଲନାଡୁର କୋଏମ୍ବାଟୁର, ଛତିଶଗଡ଼ର ରାୟପୁର, ଆସାମର ଗୁଓ୍ୱାହାଟି ଏବଂ ଗୁଜରାଟର ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ସହ ସିଧାସଳଖ ସମ୍ବାଦ କରିଥିଲେ। ସେ କହିଛନ୍ତି ଯେ, ଏଥର 'ପରୀକ୍ଷା ପେ ଚର୍ଚ୍ଚା' କିଛି ଭିନ୍ନ ଏବଂ ବିଶେଷ, କାରଣ ଛାତ୍ରଛାତ୍ରୀମାନଙ୍କ ପ୍ରସ୍ତାବ ଅନୁଯାୟୀ ଦେଶର ବିଭିନ୍ନଅଞ୍ଚଳକୁ ଯାଇ ସେମାନଙ୍କ ସହ କଥାବାର୍ତ୍ତା ହୋଇଛି। ପ୍ରଧାନମନ୍ତ୍ରୀ ଏହାକୁ ଛାତ୍ରଛାତ୍ରୀମାନଙ୍କ ସହ ବସି ପରସ୍ପରଙ୍କୁ ଶିଖିବାର ଏକ ପ୍ରୟାସ ବୋଲି କହିଛନ୍ତି। କୋଏମ୍ବାଟୁରରେ ଛାତ୍ରଛାତ୍ରୀମାନଙ୍କ ସହ କଥାବାର୍ତ୍ତା କରିବା ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଜୀବନରେ ଶିଷ୍ଟାଚାର ପ୍ରେରଣାକୁ ଶକ୍ତିଶାଳୀ କରେ। ଯଦି ଶିଷ୍ଟାଚାର ନାହିଁ, ତେବେ କେତେ ପ୍ରେରଣା ଥିଲେ ମଧ୍ୟ ସେ ଭାର ହୋଇଯାଏ ଏବଂ ନିରାଶା ସୃଷ୍ଟି କରେ। ଉଦାହରଣ ଦେଇ ସେ କହିଛନ୍ତି ଯେ, ଯେପରି ଚାଷକାମରେ ସମୟରେ କାମ ନହେଲେ ଫସଲ ନଷ୍ଟ ହୋଇଯାଏ, ସେହିପରି ପଢ଼ାଶୁଣା ଏବଂ ଜୀବନରେ ଶିଷ୍ଟାଚାର ବିନା ସଫଳତା ସମ୍ଭବନୁହେଁ। ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଯେ, ପଢ଼ାଶୁଣା ଏବଂ ପ୍ୟାସନ୍‌କୁ ଅଲଗା ଭାବେ ନଦେଖି, ଉଭୟକୁ ଏକତ୍ର କରି ଆଗକୁ ବଢ଼ନ୍ତୁ।

## ରାହୁଲ ପୁଣିଥରେ ଚୀନ୍ ପ୍ରସଙ୍ଗ ଉଠାଇବାରୁ ଲୋକସଭାରେ ହଙ୍ଗାମା

ନୂଆଦିଲ୍ଲୀ, ୯/୨: ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ପୁଣିଥରେ ଲୋକସଭାରେ ୨୦୨୦ ଗଲଓ୍ୱାନ ସଂଘର୍ଷ ପ୍ରସଙ୍ଗ ଉଠାଇବାକୁ ଚାହିଁବାରୁ ଏହାକୁ ନେଇ ସରକାର ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ଆରମ୍ଭ ହେବା ପୂର୍ବରୁ ରାହୁଲ ତାଙ୍କୁ ଗୃହରେ କହିବା ପାଇଁ ଅନୁମତି ଦେବାକୁ ଜିଦ୍ ଧରିଥିଲେ। ରାହୁଲ କହିଥିଲେ ଯେ, ବଜେଟ୍ ଆଲୋଚନା ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା ତାଙ୍କୁ କହିବା ପାଇଁ ଅନୁମତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ଆରମ୍ଭ ହେବା ପୂର୍ବରୁ ରାହୁଲ ଗାନ୍ଧୀଙ୍କୁ କହିବାକୁ ଅନୁମତି ଦେବା ଦାବିକୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ବିବାଦ ଯୋଗୁଁ ସୋମବାର ଲୋକସଭାକୁ ମୁଲତବୀ ରଖାଯାଇଛି। ଦୁଇ ଥର ମୁଲତବୀ ହେବା ପରେ ଅପରାହ୍ନ ୨ଟାରେ ଗୃହ ବସିବା ପରେ ଅଧ୍ୟକ୍ଷ ଥିବା ସନ୍ଧ୍ୟା ରାୟ କଂଗ୍ରେସ ସଦସ୍ୟ ଶଶୀ ଥରୁରଙ୍କୁ ବଜେଟ୍ ଉପରେ ବିତର୍କ ଆରମ୍ଭ କରିବାକୁ କହିଥିଲେ। ଥରୁର କହିଥିଲେ ଯେ, ବିରୋଧୀ ଦଳ ନେତା (ଏଲ୍‌ଓପି) ହୋଇଥିବାରୁ ସେ ଭାଷଣ ଆରମ୍ଭ କରିବା ପୂର୍ବରୁ ରାହୁଲ ଗାନ୍ଧୀଙ୍କୁ କିଛି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବା ଉଚିତ।

# ପୁଣି ମଣିପୁରରେ ହିଂସା; ଜଳିଲା ଏକାଧିକ ଘର



ନୂଆଦିଲ୍ଲୀ, ୯/୨: ପୁଣି ମଣିପୁରରେ ହିଂସା ଦେଖିବାକୁ ମିଳିଛି । ନାଗା ସମ୍ପ୍ରଦାୟର ଜଣଙ୍କ ଉପରେ ଆକ୍ରମଣ ପରେ ପରସ୍ପର ଉପରେ ଆକ୍ରମଣ ସହ ଘରପୋଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ମଣିପୁରର ଉଖ୍ରୁଲ ଜିଲ୍ଲାରେ ହିଂସା ଉଗ୍ର ରୂପ ନେଇଛି । ସଶସ୍ତ୍ର ହିଂସାକାରୀ ଅନେକ ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି । ତାଙ୍ଗଖୁଲ ନାଗା ସମ୍ପ୍ରଦାୟର ଜଣେ ସଦସ୍ୟଙ୍କ ଉପରେ ଆକ୍ରମଣ ପରେ ଉତ୍ତେଜନା ବୃଦ୍ଧି ପାଇଥିବା ସୂଚନା ରହିଛି । ଅଧିକାରୀଙ୍କ ସୂଚନା ଅନୁସାରେ ରବିବାର ସନ୍ଧ୍ୟାରେ ଲିଟାନ ଗାଁରେ ଦୁଇଟି ଆଦିବାସୀ ଗୋଷ୍ଠୀର ସଦସ୍ୟ ପରସ୍ପର ଉପରେ ପଥର ଫିଙ୍ଗିଥିଲେ । ପରେ ପରିସ୍ଥିତି ବିଗିଡ଼ି ଯାଇଥିଲା । ଫଳରେ କର୍ତ୍ତୃପକ୍ଷ ସମଗ୍ର ଅଞ୍ଚଳରେ ନିଷେଧ ଆଦେଶ ଜାରି କରିଥିଲେ । ସୋମବାର ମଧ୍ୟରାତ୍ରିରେ, କୁକି ଆତଙ୍କବାଦୀଙ୍କ ଦ୍ୱାରା ଲିଟାନ ସାରେଖୋଙ୍ଗରେ ଟାଙ୍ଗଖୁଲ ନାଗା ସମ୍ପ୍ରଦାୟର ସଦସ୍ୟଙ୍କ ଅନେକ ଘର ପୋଡ଼ି ଦିଆଯାଇଥିଲା । ପ୍ରତିଶୋଧ ସ୍ୱରୂପ, ନିକଟବର୍ତ୍ତୀ ଅଞ୍ଚଳରେ କୁକି ସମ୍ପ୍ରଦାୟର ସଦସ୍ୟଙ୍କ କିଛି ଘରକୁ ମଧ୍ୟ ପୋଡ଼ି ଦେଇଥିଲେ କୁକୀ ସମ୍ପ୍ରଦାୟ ଲୋକ (ତାଙ୍ଗଖୁଲ ହେଉଛି ମଣିପୁରର ସବୁଠାରୁ ବଡ଼ ନାଗା ଜନଜାତି, ଯେତେବେଳେ ଲିଟାନ ସାରେଖୋଙ୍ଗ ହେଉଛି ଏକ କୁକି ଗ୍ରାମ) । ହିଂସା ଅଟକାଇବା ପାଇଁ ପାଇଁ ସୁରକ୍ଷା ବାହିନୀ ଲୁହ ବୁହା ଗ୍ୟାସ୍ ପ୍ରୟୋଗ କରିଥିଲେ । ଘଟଣାର ଭିଡ଼ିଓ ଏବେ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରଲ ହେଉଛି । ଯେଉଁଥିରେ ସଶସ୍ତ୍ର ହିଂସାକାରୀ ଘର ଏବଂ ଗାଡ଼ିରେ ନିଆଁ ଲଗାଇ ଦେଉଥିବା ଦେଖାଯାଉଛି । ଏହାସହ ହିଂସାକାରୀ ଆକାଶରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଫୁଟାଉଥିବା ଦେଖାଯାଉଛି । ଅଧିକାରୀମାନେ କହିଛନ୍ତି ଯେ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧିକୁ ଅଟକାଇବା ପାଇଁ ମହାଦେବ, ଲାମ୍ଭୁଇ, ଶାଙ୍ଗକାଇ ଏବଂ ଲିଟାନକୁ ଯାଉଥିବା ସମସ୍ତ ରାସ୍ତାରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି । ଅଧିକାରୀ କହିଛନ୍ତି ଯେ, ଉଭୟ ପକ୍ଷର ମୁଖ୍ୟଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ପ୍ରାରମ୍ଭିକ ଭାବରେ ସମସ୍ୟାର ସମାଧାନ କରାଯାଇଥିଲା । ରବିବାର ଉଭୟ ପକ୍ଷ ପାରମ୍ପରିକ ଉପାୟରେ ମାମଲାର ସମାଧାନ କରିବାକୁ ରାଜି ହୋଇଥିଲେ। କିନ୍ତୁ ବୈଠକ ହୋଇ ପାରିନଥିଲା । ବରଂ ନିକଟସ୍ଥ ସିକିବୁଙ୍ଗର ଗ୍ରାମବାସୀଙ୍କ ଏକ ଗୋଷ୍ଠୀ ଲିଟାନ ସାରେଖୋଙ୍ଗର ମୁଖ୍ୟଙ୍କ ବାସଭବନ ଉପରେ ଆକ୍ରମଣ କରିଥିଲେ । ଏହାସହ ସାତ ରାଉଣ୍ଡ ଗୁଳି ଚଳାଇଥିଲେ।

## ଚୀନ୍ ଆମ ଉପରେ ବିଶ୍ୱାସ କରୁନି: ମୌଲାନା ଡିଜେଲ୍ କଲେ ପାକିସ୍ତାନର ପର୍ଦ୍ଦାଫାସ୍

ଇସଲାମାବାଦ, ୯/୨: ବିଶ୍ୱରେ ପାକିସ୍ତାନର ଆଉ କେହି ବନ୍ଧୁ ନାହାନ୍ତି। ବନ୍ଧୁ ଚୀନ୍ ମଧ୍ୟ ଆଉ ପାକିସ୍ତାନକୁ ବିଶ୍ୱାସ କରୁନାହିଁ। ପାକିସ୍ତାନର ଧାର୍ମିକ ରାଜନୈତିକ ଦଳ ଜମିଅତ ଉଲେମା-ଏ-ଇସଲାମ (ଏଫ୍)ର ମୁଖ୍ୟ ମୌଲାନା ଫଜଲୁର ରେହମାନ ଏହା କହିଛନ୍ତି। ମୌଲାନା ଡିଜେଲ୍ ନାମରେ ବେଶ୍ ଜଣାଶୁଣା ଫଜଲୁର ରେହମାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସରକାର ଓ ଦେଶର ସାମରିକ ପ୍ରତିଷ୍ଠାନକୁ କଡ଼ା ସମାଲୋଚନା କରିଛନ୍ତି। ରେହମାନ କହିଛନ୍ତି, ଦଶନ୍ଧି ଧରି ଭୁଲ ବୈଦେଶିକ ନୀତି ଯୋଗୁ ବିଶ୍ୱରେ ପାକିସ୍ତାନର ଆଉ କେହି ବନ୍ଧୁ ନାହାନ୍ତି। ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଫଜଲୁର ରେହମାନ ଗତ ୭୮ ବର୍ଷ ଧରି ପାକିସ୍ତାନର ବୈଦେଶିକ ନୀତି, ବିଶେଷକରି ଆଫଗାନିସ୍ତାନ ପ୍ରତି ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ପାକିସ୍ତାନ ଆଜି ଏହାର ନୀତିନିର୍ଦ୍ଧାରକମାନଙ୍କୁ ପଚାରିବାକୁ ଚାହୁଁଛି ଯେ, ଗତ ୭୮ ବର୍ଷ ଧରି ଏହାର ଆଫଗାନିସ୍ତାନ ନୀତି କାହିଁକି ବିଫଳ ହୋଇଛି। ସେ ପ୍ରଶ୍ନ କରିଛନ୍ତି, ଆଜି ଭାରତ ଆମର ଶତ୍ରୁ, ଆଫଗାନିସ୍ତାନ ଆମର ଶତ୍ରୁ କାହିଁକି ? ଇରାନ ଓ ଚୀନ୍ ମଧ୍ୟ ଆମ ଉପରେ ଅସନ୍ତୁଷ୍ଟ କାହିଁକି ? ସେ ପାକିସ୍ତାନର ଆଫଗାନିସ୍ତାନ ସହିତ ସୀମା ବାଣିଜ୍ୟ ବନ୍ଦ କରିବା ଉପରେ ପ୍ରଶ୍ନ ଉଠାଇ ବ୍ୟଙ୍ଗାତ୍ମକ ଭାବରେ ପଚାରିଛନ୍ତି ଯେ, ଯଦି ସାମଗ୍ରୀ ଆସୁନାହିଁ ତେବେ ଆତଙ୍କବାଦୀମାନେ କିପରି ପ୍ରବେଶ କରୁଛନ୍ତି। ସେ କହିଛନ୍ତି, ଅଦ୍ଭୁତ ପରିସ୍ଥିତି ହେଉଛି ଯେ, ଆଫଗାନିସ୍ତାନରୁ ଏକ ଡାଳିମ୍ବ ମଧ୍ୟ ପାକିସ୍ତାନରେ ପ୍ରବେଶ କରିପାରୁ ନାହିଁ, କିନ୍ତୁ ଆତଙ୍କବାଦୀମାନେ ବିନାବାଧାରେ ପ୍ରବେଶ କରୁଛନ୍ତି। ଶାହବାଜ ସରିଫ ସରକାର ଓ ସାମରିକ ନେତୃତ୍ୱ ପାକିସ୍ତାନରେ ଘଟୁଥିବା ଘଟଣା ପାଇଁ ଆଫଗାନିସ୍ତାନକୁ ଦାୟୀ କରୁଛନ୍ତି। ପାକିସ୍ତାନ ଅଭିଯୋଗ କରୁଛି ଯେ, ପାକିସ୍ତାନ ଉପରେ ଆକ୍ରମଣ କରୁଥିବାଆଫଗାନ ତାଲିବାନ ଆତଙ୍କବାଦୀଙ୍କୁ ଆଫଗାନିସ୍ତାନ ଆଶ୍ରୟ ଦେଉଛି। ଫଳରେ ଏହି ଆରୋପ ଯୋଗୁ ପାକିସ୍ତାନର ଆଫଗାନିସ୍ତାନ ନୀତି ବିଫଳ ହେବାରେ ଲାଗିଛି। ଫଜଲୁର ରେହମାନ ପାକିସ୍ତାନର ସାମରିକ ନେତୃତ୍ୱ ଉପରେ ନିଷ୍ପତ୍ତିହୀନତାର ଅଭିଯୋଗ ଆଣି କହିଛନ୍ତି ଯେ, ସେନାରେ ଭିନ୍ନ ଭିନ୍ନ ମତ ରହିଛି। ସେନାରେ ବିଭାଜନର ସ୍ୱର ଉଠୁଛି। ଜଣେ ଜେନେରାଲ ଆଲୋଚନା ଓ ଶାନ୍ତିର ସମର୍ଥନ କରୁଛନ୍ତି। ଯେତେବେଳେ ଅନ୍ୟ ଜଣେ ଯୁଦ୍ଧ ଉପରେ ଜୋର ଦେଉଛନ୍ତି। ଏପରି ଦ୍ୱନ୍ଦ୍ୱରେ ଥିବା ଦେଶ କିପରି ଏକ ସୁଦୃଢ଼ ବୈଦେଶିକ ନୀତି ଅନୁସରଣ କରିପାରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ରେହମାନ ପାକିସ୍ତାନ ଅର୍ଥନୈତିକ କରିଡରକୁ ବିଫଳତା ବୋଲି କହି ସରିଫ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଶାହବାଜ ସରିଫଙ୍କ କାର୍ଯ୍ୟକାଳରେ ସିପିଇସି ଉପରେ କୌଣସି ଅଗ୍ରଗତି ହୋଇନାହିଁ। କାରଣ ଚୀନ୍ ଆଉ ଆମ ଉପରେ ବିଶ୍ୱାସ କରୁନାହିଁ। ସରିଫ ସରକାର ଚୀନ୍‌ର ହଜିଯାଇଥିବା ବିଶ୍ୱାସକୁ ଫେରି ପାଇବାରେ ବିଫଳ ହୋଇଛନ୍ତି।

## ପ୍ରଥମ ମୁସଲମାନ ମହିଳା ଭାବରେ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ଶବାନା ମାହମୁଦ

ନୂଆଦିଲ୍ଲୀ,୯।୨: ଏପଷ୍ଟିନ୍ ଫାଇଲ୍ସ ପ୍ରକାଶ ପାଇବା ପରେ, ସାରା ବିଶ୍ୱରେ ଚାଞ୍ଚଲ୍ୟ ଖେଳି ଯାଇଛି। ଏହି ଫାଇଲ୍ସର ବର୍ତ୍ତମାନର ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ପଦବୀ ମଧ୍ୟ ଯାଇପାରେ। ଯଦିଓ ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର କେବେ ଜେଫ୍ରି ଏପଷ୍ଟିନଙ୍କୁ ଭେଟି ନାହାଁନ୍ତି, ତଥାପି ଅନେକ ବିଶ୍ୱ ନେତା ଏବଂ ବ୍ୟକ୍ତିତ୍ୱଙ୍କ ସହ ତାଙ୍କର ସମ୍ପର୍କ ଏବେ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ଉପରେ ଚାପ ପକାଇଛି, ଯାହା ତାଙ୍କ ପଦବୀକୁ ବିପଦରେ ପକାଇଛି। ବ୍ରିଟିଶ ରାଜପରିବାରର ସଦସ୍ୟ ପୂର୍ବତନ ପ୍ରିନ୍ସ ଆଣ୍ଡ୍ରୁ ମାଉଣ୍ଟବ୍ୟାଟେନ୍-ୱିଣ୍ଡସର, ଏପଷ୍ଟିନ ସହ ତାଙ୍କର ବନ୍ଧୁତା ପାଇଁ ପୂର୍ବରୁ ଯାଞ୍ଚର ପରିସରକୁ ଆସିସାରିଛନ୍ତି। ଏପଷ୍ଟିନଙ୍କ ସହ ସମ୍ପର୍କ ଯୋଗୁଁ ଷ୍ଟାରମର ତାଙ୍କୁ ବରଖାସ୍ତ କରିବା ପରେ ୱାଶିଂଟନରେ ବ୍ରିଟିଶ ରାଷ୍ଟ୍ରଦୂତ ପିଟର ମାଣ୍ଡେଲସନଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିଲା। ମାଣ୍ଡେଲସନଙ୍କ ବିରୋଧରେ ଏବେ ଆପରାଧିକ ତଦନ୍ତ ଚାଲିଛି। ବ୍ରିଟିଶ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ମାଣ୍ଡେଲସନଙ୍କ ନିଯୁକ୍ତିକୁ ନେଇ ବିବାଦର ସମ୍ମୁଖୀନ ହୋଇଛନ୍ତି। ରବିବାର ଷ୍ଟାର୍ମରଙ୍କ ଚିଫ୍ ଅଫ୍ ଷ୍ଟାଫ୍ ମୋର୍ଗାନ୍ ମ୍ୟାକସ୍ୱିନି ଇସ୍ତଫା ଦେଇଛନ୍ତି। ତଥାପି ଷ୍ଟାର୍ମରଙ୍କ ଉପରୁ ବିପଦ ହଟିନାହିଁ। ତାଙ୍କ ଉପରେ ଇସ୍ତଫା ଦେବା ନେଇ ପ୍ରବଳ ଚାପ ରହିଛି।

# ଚୀନ୍‌କୁ ଚେତାବନୀ ଦେଲା ଜାତିସଂଘ




ନ୍ୟୁୟର୍କ/ବେଜିଂ, ୯/୨: ଚୀନ୍‌ରେ ଜଣେ ମହିଳା ମାନବାଧିକାର କର୍ମୀଙ୍କ ଗିରଫଦାରୀ ତଥା କଥିତ ନିର୍ଯାତନା ଅନ୍ତର୍ଜାତୀୟସ୍ତରରେ ଦୃଷ୍ଟି ଆକର୍ଷଣ କରିଛି। ଏନେଇ ଜାତିସଂଘର ମାନବାଧିକାର ବିଶେଷଜ୍ଞ ମାନେ ଦୃଢ଼ ଚିନ୍ତା ପ୍ରକାଶ କରିଛନ୍ତି। ଗିରଫଦାରୀ ଓ ସ୍ୱେଚ୍ଛାଚାରିତା ପାଇଁ ବିଶ୍ୱବ୍ୟାପୀ ପ୍ରସିଦ୍ଧି ଲାଭ କରିଥିବା ଚୀନ୍ ଏବେ ନିଜ କାର୍ଯ୍ୟର ପରିଣାମ ଭୋଗୁଛି। ଦେଶରେ ମାନବାଧିକାର ଉଲ୍ଲଂଘନ କରାଯାଉଛି। ଯିଏ ବି ଏନେଇ ସ୍ୱର ଉତ୍ତୋଳନ କରନ୍ତି ତାଙ୍କୁ ଜେଲ୍ ଯିବାକୁ ପଡ଼ିଥାଏ। ମହିଳା ମାନବାଧିକାର କର୍ମୀଙ୍କୁ ମଧ୍ୟ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତେବେ ଚୀନ୍‌ର କାମ ନିଜ ପାଇଁ ବୁମେରାଂ ପାଲଟିଛି। ସି ଜିନପିଙ୍ଗଙ୍କ ଉପରେ ଏହାର ଓଲଟା ପ୍ରଭାବ ପଡ଼ିଛି। କାରଣ ଏହି ପ୍ରସଙ୍ଗ ଏବେ ଜାତିସଂଘରେ ଉଠାଯାଇଛି। ଜାତିସଂଘ ଚୀନ୍ ସରକାରଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ, କର୍ମୀ ୟାଙ୍ଗ ଲିଙ୍କୁ ତୁରନ୍ତ ମୁକ୍ତ କରାଯାଇ ପର୍ଯ୍ୟାପ୍ତ ଚିକିତ୍ସାଯୋଗାଇ ଦେବା ଉଚିତ। ବିଶେଷଜ୍ଞମାନେ ଚୀନ୍‌ର ଏଭଳି କାର୍ଯ୍ୟକୁ ଅଧିକାରର ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ଉପରେ ଦମନ ନୀତି ପ୍ରୟୋଗ କରିବାର ଏକ ପ୍ରୟାସ ବୋଲି ବର୍ଣ୍ଣନା କରିଛନ୍ତି। ଜାତିସଂଘ ବିଶେଷଜ୍ଞଙ୍କ ଅନୁଯାୟୀ, ୟାଙ୍ଗ ଲିଙ୍କୁ ବେଜିଂ ଯାତ୍ରା କରିବାକୁ ବାରମ୍ବାର ବାରଣ କରାଯାଇଥିଲା। ସେଠାକୁ ସେ ଡାକ୍ତରୀଙ୍କ ସହ ପରାମର୍ଶ କରିବାପାଇଁ ଯିବାକୁ ଚାହୁଁଥିଲେ। ପ୍ରତ୍ୟେକ ଥର ତାଙ୍କୁ ରାସ୍ତାରେ ଅଟକ ରଖାଯାଇଥିଲା। ବିଶେଷଜ୍ଞମାନେ କହିଛନ୍ତି, ଏହା ଏକ ମନମୁଖୀ ଅଟକ ମାମଲା ପରି ମନେହେଉଛି। ସେମାନେ କହିଛନ୍ତି ଯେ, ୟାଙ୍ଗ ଲି ଟର୍ମିନାଲ୍ କିଡନୀ ରୋଗରେ ପୀଡିତ ଓ ତାଙ୍କୁ ଜରୁରୀ ବିଶେଷଜ୍ଞଙ୍କର ଚିକିତ୍ସା ଆବଶ୍ୟକ। ଜାତିସଂଘର ମାନବାଧିକାର ବିଶେଷଜ୍ଞ ମାନେ କହିଛନ୍ତି, ବାରମ୍ବାର ଚିକିତ୍ସା ମନା, ଜେଲ୍‌ରେ ଖରାପ ଚିକିତ୍ସା ଓ ନିରନ୍ତର ଚାପ ତାଙ୍କ ଅବସ୍ଥାକୁ ଆହୁରି ଖରାପ କରିଛି। ବିବୃତିରେ କୁହାଯାଇଛି, ପର୍ଯ୍ୟାପ୍ତ ଚିକିତ୍ସା ସେବାର ଅଭାବ ମାନବାଧିକାରର ଏକ ଗମ୍ଭୀର ଉଲ୍ଲଂଘନ। ବିଶେଷଜ୍ଞମାନେ ଚୀନ୍‌କୁ ତୁରନ୍ତ ୟାଙ୍ଗ ଲି ଓ ତାଙ୍କ ପରିବାର ବିରୋଧରେ ଧମକ ତଥା ଚାପ ବନ୍ଦ କରିବାକୁ ଏବଂ ତାଙ୍କୁ ତାଙ୍କ ପସନ୍ଦର ହସ୍ପିଟାଲରେ ଚିକିତ୍ସା କରିବାକୁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି।

## କୋର୍ଟରେ ଗୁଣ୍ଡାରାଜ୍ ଚଳିବନି: ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୯/୨: ଦିଲ୍ଲୀର ତିସ ହଜାରୀ କୋର୍ଟ ପରିସରରେ ଜଣେ ଆଇନଜୀବୀଙ୍କ ଉପରେ ଫେବ୍ରୁଆରି ୭ ତାରିଖରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆଇନଜୀବୀ ଜଣକ ଏଥିପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଓ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠଙ୍କ ନିକଟରେ ଆଜି ଆଇନଜୀବୀ ଜଣକ ମୌଖିକ ଭାବେ ଏହି ପ୍ରସଙ୍ଗ ଉଠାଇଛନ୍ତି। ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ସେ ପ୍ରଧାନ ବିଚାରପତିଙ୍କୁ ଅନୁରୋଧ କରିଥିଲେ। ଆଇନଜୀବୀଙ୍କ ଅଭିଯୋଗ ଅନୁଯାୟୀ ତିସ ହଜାରୀ କୋର୍ଟରେ ତାଙ୍କ ଉପରେ ଅଭିଯୋଗକାରୀଙ୍କ ଓକିଲ ଗୁଣ୍ଡାମାନଙ୍କ ସହ ଆକ୍ରମଣ କରିଥିଲେ। ବିଚାରପତି ଏବଂ କୋର୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିବାବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିବା ଆଇନଜୀବୀ ଅଭିଯୋଗ କରିଛନ୍ତି। ପ୍ରଧାନ ବିଚାରପତି ଆଇନଜୀବୀଙ୍କୁ ପ୍ରଶ୍ନ କରିଥିଲେ ଯେ, ଔପଚାରିକ ଅଭିଯୋଗ ବଦଳରେ ସେ ମୌଖିକ ଭାବେ କାହିଁକି ଟିପ୍ପଣୀ ରଖିଲେ। ଏହାର ଉତ୍ତରରେ ଆଇନଜୀବୀ କହିଥିଲେ ଯେ, ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁଣ୍ଠକୁଣ୍ଠ ହେଉଛି। ତେଣୁ ସେ ସୁପ୍ରିମ୍‌କୋର୍ଟ ବାର ଏସୋସିଏସନ୍‌ର ସଦସ୍ୟ ଭାବେ ମୌଖିକ ଭାବେ ନିଜ ଅଭିଯୋଗ ରଖିଛନ୍ତି। ପ୍ରଧାନ ବିଚାରପତି ଆଇନଜୀବୀଙ୍କୁ ଏହାପରେ ଦିଲ୍ଲୀ ହାଇକୋର୍ଟରେ ଲିଖିତ ଅଭିଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି, ଫେବ୍ରୁଆରି ୭ ତାରିଖରେ ଘଟଣା ଘଟିଲା। ଏସଂକ୍ରାନ୍ତରେ ଆପଣ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଅବଗତ କରାଇଛନ୍ତି କି? ଏନେଇ ମୁଖ୍ୟ ବିଚାରପତିଙ୍କ ନିକଟକୁ ଚିଠି ଲେଖ ଏବଂ ତାହା ମୋତେ ମଧ୍ୟ ପଠାଅ। କୋର୍ଟ ପରିସରରେ ଗୁଣ୍ଡାରାଜ ଗ୍ରହଣୀୟ ନୁହେଁ ବୋଲି ପ୍ରଧାନ ବିଚାରପତି କହିଛନ୍ତି।

## ସାୟରଙ୍ଗ-ସିଲଚର ନୂଆ ଟ୍ରେନ ସେବାକୁ ସବୁଜ ପତାକା ଦେଖାଇଲେ ରେଳମନ୍ତ୍ରୀ



ଗୁଆହାଟୀ,୯।୨: ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆସାମଓ ମିଜୋରାମକୁ ସଂଯୋଗ କରୁଥିବା ସାଇରାଙ୍ଗ-ସିଲଚର ମଧ୍ୟରେ ଏକ ନୂଆ ଯାତ୍ରୀ ଟ୍ରେନ୍‌କୁସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହା ସହିତ ଗୁଆହାଟୀ ରେଳ ଷ୍ଟେସନରେ ନୂଆପ୍ୟାସେଞ୍ଜର ସୁବିଧାମାନଙ୍କର ମଧ୍ୟ ଉଦଘାଟନ କରାଯାଇଥିଲା। ଏହି ପଦକ୍ଷେପ ଅନ୍ତ-ରାଜ୍ୟୟସଂଯୋଗକୁ ଗୁରୁତ୍ୱପୂର୍ଣ୍ଣ ଭାବେ ସୁଦୃଢ଼ କରିବା ସହ ଯାତ୍ରୀମାନଙ୍କ ପାଇଁ ଆରାମ,ସୁବିଧାଏବଂ ସେବାକୁ ମଧ୍ୟ ବଢ଼ାଇବ। ଉଲ୍ଲେଖଯୋଗ୍ୟ ଯେ, ସାଇରାଙ୍ଗ ରେଳ ଷ୍ଟେସନରେ ଆୟୋଜିତ ଏହିକାର୍ଯ୍ୟକ୍ରମରେ ମିଜୋରମର ମୁଖ୍ୟମନ୍ତ୍ରୀ ଲାଲଦୁହୋମା ମଧ୍ୟ ଉପସ୍ଥିତ ଥିଲେ। ଏହି ରେଳ ସେବା ମିଜୋରମର ରାଜଧାନୀ ଅଞ୍ଚଳ ପାଇଁ ରେଳ ସଂଯୋଗ ବଢ଼ାଇବା ଦିଗରେ ଆଉ ଏକ ଐତିହାସିକ ମାଇଲଖୁଣ୍ଟଭାବେ ପ୍ରମାଣିତ ହେବ। ଆସାମର ସିଲଚରରୁ ଲୋକସଭା ସାଂସଦ ପରିମଳ ଶୁକ୍ଳ ବୈଦ୍ୟ ଏବଂ ରାଜ୍ୟସଭା ସାଂସଦ କନଦପୁରକାୟସ୍ଥ ମଧ୍ୟ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ୍ ଭାବେ ଯୋଗ ଦେଇଥିଲେ । ରେଳବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାଇରାଙ୍ଗ ଏବଂ ଗୁଆହାଟୀ ରେଳଷ୍ଟେସନରେ ଉପସ୍ଥିତ ଥିଲେ।

## ଏପଷ୍ଟିନ ଫାଇଲ୍ସରେ ରୁଷୀୟ ରାଷ୍ଟ୍ରପତି !

ନୂଆଦିଲ୍ଲୀ,୯।୨ : ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ନିକଟରେ ପ୍ରକାଶ କରାଯାଇଥିବା ଜେଫ୍ରି ଏପଷ୍ଟିନଙ୍କ ଫାଇଲ ଗୁଡ଼ିକ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ଏହି ଲକ୍ଷ ଲକ୍ଷ ପୃଷ୍ଠାର କାଗଜପତ୍ରରେ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନାଁ ଅତି କମ୍‌ରେ ୧୦୦୫ ଥର ଆସିଛି। ରିପୋର୍ଟ ଅନୁସାରେ , ଅଧିକାଂଶ ଉଲ୍ଲେଖ ନ୍ୟୁଜ୍ କ୍ଲିପିଂସ କିମ୍ବା ରିପୋର୍ଟ ସହ ଜଡ଼ିତ, ଯାହା ଏପଷ୍ଟିନଙ୍କୁ ପଠାଯାଉ ଥିଲା, କିନ୍ତୁ କିଛି ଇମେଲରେ ଏପଷ୍ଟିନଙ୍କର ପୁଟିନଙ୍କ ସହ ସାକ୍ଷାତ୍ କରିବାର ବାରମ୍ବାର ଚେଷ୍ଟାକୁ ଉଲ୍ଲେଖ ରହିଛି। ହେଲେ ଏହି ସବୁ ଫାଇଲରେ କେଉଁଠି ବି ଏହା ସାବ୍ୟସ୍ତ ହୋଇ ନାହିଁ ଯେ,ଉଭୟଙ୍କର କେବେ ବାସ୍ତବିକ ସାକ୍ଷାତ୍ ହୋଇଛି ।ରିପୋର୍ଟ ଅନୁସାରେ ଏପଷ୍ଟିନ ରୁଷୀୟ ଅଧିକାରୀ, ପୂର୍ବତନ ରାଷ୍ଟ୍ରଦୂତ ଓ ଏମିତି କି ଏଫଏସବି ସହ ଜଡ଼ିତ ଲୋକଙ୍କ ସହ ସଂପର୍କ କରିବାକୁ ଚେଷ୍ଟା କରି ଥିଲେ। ଏହି ଖୁଲାସା ପରେ ହନିଟ୍ରାପ୍ ଓ ଗୁପ୍ତଚରର ଅଟକଳ ଦ୍ରୁତତର ହୋଇଛି। ରିପୋର୍ଟ ସାମ୍ନାକୁ ଆସିବା ପରେ ପୋଲାଣ୍ଡର ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଏହାକୁ ରୁଷୀୟ ଗୁଇନ୍ଦା ଏଜେନ୍ସି ଗୁଡ଼ିକ ସହ ଜଡ଼ିତ ବଡ଼ ଘୋଟାଲା ଦର୍ଶାଇ ଯାଞ୍ଚ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। କ୍ରେମଲିନ୍ ଏହି ଦାବିଗୁଡ଼ିକୁ ମୂଲ୍ୟହୀନ କହି ଖଣ୍ଡନ କରି ଦେଇଛି।

## ପଞ୍ଜାବରେ ଆଇନ ଛାତ୍ରୀଙ୍କୁ ଗୁଳି କରି ହତ୍ୟା

ଚଣ୍ଡିଗଡ଼,୯।୨: ପଞ୍ଜାବର 'ଉସ୍ମା ଲ' କଲେଜରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କଲେଜ ଭିତରେ ସମସ୍ତଙ୍କ ସମ୍ମୁଖରେ ଜଣେ ଆଇନ ଛାତ୍ରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଅଭିଯୁକ୍ତ ଜଣକ ସାଥୀ ଛାତ୍ର ବୋଲି ଜଣାପଡିଛି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସାଥୀ ଛାତ୍ର ଜଣକ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପଞ୍ଜାବରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ଯୋଗ୍ୟ, ମୃତ ଛାତ୍ରୀ ଏବଂ ଗୁଳି କରିଥିବା ଛାତ୍ର ଉଭୟ ପ୍ରଥମ ସେମିଷ୍ଟରରେ ପଢୁଥିଲେ। ଅନ୍ୟପକ୍ଷେ ହତ୍ୟାକାଣ୍ଡର କାରଣ ଜଣାପଡି ନାହିଁ।

## ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଜବତ
### ୨୭ ଏକର ବେଆଇନ ଅଫିମ ଚାଷ ନଷ୍ଟ



ଇମ୍ଫାଲ, ୯/୨: ରାଜ୍ୟର ବିଭିନ୍ନ ସ୍ଥାନରେ ଅପରେସନ୍ କରୁଥିବା ମଣିପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଜବତ କରିଛି ଏବଂ ପାହାଡ଼ି ଅଂଚଳରେ ବ୍ୟାପକ ଅବୈଧ ଅଫିମ ଚାଷ ନଷ୍ଟ କରିଛି । ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଆଇନ ପ୍ରଣୟନ ପାଇଁ ପୋଲିସ ନିରନ୍ତର ଅଭିଯାନ ଚଳାଇଛି ।ମଣିପୁର ପୋଲିସ ମୁଖ୍ୟାଳୟ ସୋମବାର ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛି ଯେ, ରବିବାର ଦିନ ସୁରକ୍ଷା ବାହିନୀ ଟେଙ୍ଗନୋପାଲ ଜିଲ୍ଲାର ଟେଙ୍ଗନୋପାଲ ପୋଲିସ ଷ୍ଟେସନ୍ ଅଧୀନରେ ଥିବା ମୋଲନୋମ-ମୋଲନୋଇ ଗ୍ରାମ ଏବଂ ଆଖପାଖ ଅଂଚଳରେ ଏକ ଅଭିଯାନ ଚଳାଇ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ କରିଛି । ଉଦ୍ଧାର ସାମଗ୍ରୀ ମଧ୍ୟରେ ରହିଛି ଗୋଟିଏ ଏକେ-ରାଇଫଲ୍, ଗୋଟିଏ ପିସ୍ତଲ, ଦୁଇଟି ଇମ୍ପ୍ରୋଭାଇଜ୍ଡ ମୋର୍ଟାର, ଗୋଟିଏ ସିଙ୍ଗଲ୍-ବ୍ୟାରେଲ୍ ରାଇଫଲ୍, ଦୁଇଟି ଜୀବନ୍ତ ଇମ୍ପ୍ରୋଭାଇଜ୍ଡ ମୋର୍ଟାର ବୋମା, ଦଶଟି ୭.୬୨ ଏମଏମ କାର୍ଟ୍ରିଜ୍ ଏବଂ ୧୪ଟି ଆଇଇଡି ଏବଂ ଆଇଇଡି ତାର ବଣ୍ଡଲ୍ ଅନ୍ତର୍ଭୁକ୍ତ, ଯାହାକୁ ଘଟଣାସ୍ଥଳରୁ ସୁରକ୍ଷିତ ଭାବରେ ନଷ୍ଟ କରାଯାଇଥିଲା ।

# ଟ୍ରମ୍ପଙ୍କ ଗାଜା ଶାନ୍ତି ବୋର୍ଡର ପ୍ରଥମ ବୈଠକରେ ପାକିସ୍ତାନ ଯୋଗ ଦେବ



ଇସଲାମାବାଦ, ୯/୨: ଗାଜା ଶାନ୍ତି ବୋର୍ଡର ପ୍ରଥମ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପାକିସ୍ତାନକୁ ନିମନ୍ତ୍ରଣ କରାଯାଇଛି। ବୋର୍ଡରେ ଯୋଗଦେବା ପାଇଁ ପାକିସ୍ତାନ ନିମନ୍ତ୍ରଣ ଗ୍ରହଣ କରିଛି। ଫେବ୍ରୁଆରି ୧୯ ତାରିଖରେ ଆମେରିକାରେ ହେବାକୁ ଥିବା ଗାଜା ଶାନ୍ତି ବୋର୍ଡର ପ୍ରଥମ ବୈଠକରେ ପାକିସ୍ତାନ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାନୁଆରିରେ ଇସ୍ରାଏଲ ଓ ହମାସ ମଧ୍ୟରେ ଗାଜା ଷ୍ଟ୍ରିପରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିର ଦ୍ୱିତୀୟ ପର୍ଯ୍ୟାୟର ଅଂଶ ଭାବରେ ବୋର୍ଡ ଘୋଷଣା କରିଥିଲେ। ଗାଜା ଓ ଅନ୍ୟାନ୍ୟ କ୍ଷେତ୍ରରେ ଶାନ୍ତି ତଥା ସ୍ଥିରତା ଆଣିବା ପାଇଁ ୱାଶିଂଟନ ଏହାକୁ ଏକ ନୂତନ ଅନ୍ତର୍ଜାତୀୟ ସଂସ୍ଥା ଭାବରେ ଉପସ୍ଥାପନ କରୁଛି। ଜାନୁଆରି ୨୧ ତାରିଖରେ ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ କହିଥିଲା ଯେ, ଶାନ୍ତି ବୋର୍ଡରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ନିମନ୍ତ୍ରଣକୁ ଆମେ ଗ୍ରହଣ କରିଛୁ। ଟ୍ରମ୍ପ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଏହି ସଂସ୍ଥାର ଅଂଶ ହେବାକୁ ନିମନ୍ତ୍ରଣ କରିଛନ୍ତି। ଡନ୍ ଖବରକାଗଜ ୱାଶିଂଟନର କୂଟନୈତିକ ସୂତ୍ର ଆଧାରରେ ରିପୋର୍ଟ କରିଛି, ବୋର୍ଡରେ ପୂର୍ବରୁ ଯୋଗ ଦେଇଥିବା ଦେଶମାନଙ୍କ ସହିତ ସଂଯୋଗ ସ୍ଥାପନ ପାଇଁ ଇସଲାମାବାଦ ଏହି ନିମନ୍ତ୍ରଣ ପାଇଛି। କୂଟନୈତିକ ସୂତ୍ର ଅନୁସାରେ ବୋର୍ଡ ଗଠନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ। ଇସଲାମାବାଦର ସୂତ୍ର ଆଧାରରେ ଏକ୍ସପ୍ରେସ ଟ୍ରିବ୍ୟୁନ୍ ରିପୋର୍ଟ କରିଛି ଯେ ଗାଜା ଶାନ୍ତି ବୋର୍ଡର ପ୍ରଥମ ଶିଖର ସମ୍ମିଳନୀରେ ପାକିସ୍ତାନ ଅଂଶଗ୍ରହଣ କରିବ। ଶାହବାଜ ସରିଫଙ୍କ ସରକାର ଏନେଇ ନିଜ ଦେଶରେ କଡ଼ା ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ସେ ଟ୍ରମ୍ପଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଗାଜା ଶାନ୍ତି ବୋର୍ଡର ସଦସ୍ୟ ଥିବା ୧୪ଟି ଦେଶ ମଧ୍ୟରୁ ପାକିସ୍ତାନ ଅନ୍ୟତମ। ସମସ୍ତ ସଦସ୍ୟ ଦେଶ ଜାନୁଆରି ୨୨ ତାରିଖରେ ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମରେ ଶାନ୍ତି ବୋର୍ଡର ଚାର୍ଟରରେ ସ୍ୱାକ୍ଷର କରି ସଂସ୍ଥାର ପ୍ରତିଷ୍ଠାତା ସଦସ୍ୟ ହୋଇଥିଲେ। ପାକିସ୍ତାନ ସରକାର ଅଂଶଗ୍ରହଣକୁ କୂଟନୀତିର ଏକ କାର୍ଯ୍ୟ ବୋଲି କହୁଥିବା ବେଳେ, ବିରୋଧୀ ଦଳ ଏହାକୁ କଡ଼ା ସମାଲୋଚନା କରୁଛନ୍ତି। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ, ସରକାର ଟ୍ରମ୍ପଙ୍କୁ ଖୁସି କରିବା ପାଇଁ ପାଲେଷ୍ଟାଇନୀ ଅଧିକାର ସହିତ ସାଲିସ୍ କରୁଛି। ପାକିସ୍ତାନ ନିଜକୁ ପାଲେଷ୍ଟାଇନୀ ଅଧିକାରର ସମର୍ଥକ ଭାବରେ ଚିତ୍ରଣ କରୁଛି। କିନ୍ତୁ ସମାଲୋଚକମାନେ କହୁଛନ୍ତି, ପାଲେଷ୍ଟାଇନୀ ଅଞ୍ଚଳ ଉପରେ ବାହ୍ୟ ନିୟନ୍ତ୍ରଣକୁ ଆଇନଗତ କରୁଥିବା ପଦକ୍ଷେପରୁ ନିବୃତ୍ତ ରହିବା ଉଚିତ। ସମାଲୋଚକମାନଙ୍କ ଅନୁସାରେ ଏକ ବିଦେଶୀ ଅଞ୍ଚଳର ବ୍ୟାପାର ତଦାରଖ କରୁଥିବା ଆମେରିକା ନେତୃତ୍ୱାଧୀନ ବୋର୍ଡ ଏକ ଉପନିବେଶବାଦୀ ଗଠନ ସହିତ ସମାନ। ବୋର୍ଡରେ ପାଲେଷ୍ଟାଇନ ପ୍ରତିନିଧିତ୍ୱର ଅନୁପସ୍ଥିତି ଚିନ୍ତାକୁ ବୃଦ୍ଧି କରିଛି। ଏହା ସହିତ ପ୍ରଥମ ବୈଠକରେ ପାକିସ୍ତାନର ଯୋଗଦାନ ଶାହବାଜ ସରିଫ ଏବଂ ଅସୀମ ମୁନିରଙ୍କ ପାଇଁ ଦୁଇଧାର ଖଣ୍ଡାରେ ଚାଲିବା ପରି ହେବ।

# ପିସିଆର୍‌ରେ ଚାକିରି ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ପିସିଆର ଭ୍ୟାନରେ ଚାକିରୀ ଦେବାକୁ କହି ଆଶାୟୀଙ୍କ ଠାରୁ ଠକେଇ କରିବା ଅଭିଯୋଗରେ ଶହୀଦନଗର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସୁନୀଲ ନାୟକ ବୋଲି ଜଣାପଡିଛି । ଏନେଇ ଅଭିଯୋଗକାରୀ ତାପସ ସାହୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତ ସୁନୀଲ କୁମାର ନାୟକ ପ୍ରାୟ ତିନି ମାସ ପୂର୍ବରୁ ପିସିଆର ଡ୍ରାଇଭର ପଦବୀରେ ଚାକିରି ଦେବା ବାହାନାରେ ଅଭିଯୋଗକାରୀଙ୍କ ନିକଟରୁ ୧୦,୦୦୦ ଟଙ୍କା ନେଇଥିଲେ । ନିଯୁକ୍ତି ଦେଇ ନପାରିବାରୁ ଗତ ୧୭.୦୨.୨୦୨୫ ରେ, ଅଭିଯୁକ୍ତ ତାଙ୍କୁ ଟଙ୍କା ଫେରସ୍ତ କରିବା ଲାଗି ଜୟଦେବ ବିହାରର ଟିଟିଡି କଲ୍ୟାଣ ମଣ୍ଡପ ନିକଟକୁ ଡାକିଥିଲେ । ତେଣୁ ଅଭିଯୋଗକାରୀ ତାଙ୍କ ବଡ଼ ଭାଇ ଦୀପୁ ସାହୁଙ୍କ ସହିତ ରାତି ପ୍ରାୟ ୮.୩୦ ରୁ ୯.୦୦ ଟା ମଧ୍ୟରେ ସେଠାକୁ ଯାଇଥିଲେ । ଯେତେବେଳେ ସେମାନେ ଅଭିଯୁକ୍ତଙ୍କୁ ଟଙ୍କା ଫେରାଇବା ଲାଗି କହିଥିଲେ, ଅଭିଯୁକ୍ତ ଜଣକ ତାଙ୍କର ଅନ୍ୟ ସହଯୋଗୀମାନଙ୍କ ସହିତ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ, ସେମାନଙ୍କୁ ଆକ୍ରମଣ କରିବା ସହିତ ଭୟଭୀତ କରିଥିଲେ ଏବଂ ବଳପୂର୍ବକ ଅଭିଯୋଗକାରୀଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଯାଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲାର ତଦନ୍ତ କରିବା ସହ ଚ଼ଢଉ ଜରିଆରେ ଅଭିଯୁକ୍ତ ସୁନିଲ କୁମାର ନାୟକଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ଲୁଟ ମୋବାଇଲକୁ ମଧ ଉଦ୍ଧାର କରିଥିଲେ, ଯାହାକୁ କି ଅଭିଯୁକ୍ତ ଜଣେ ଗ୍ରାହକଙ୍କୁ କମ ଦାମରେ ବିକ୍ରି କରିଦେଇଥିଲେ । ପଚ଼ରାଉଚ଼ରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ ।

# କଟକ ଜିଲ୍ଲାରେ ୩୦ ଧାରା ବଳବତ୍ତର

କଟକ(ନିପ୍ର): ସବିଶେଷ ସୂଚନା ଅନୁଯାୟୀ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଶ୍ରମିକ ସାମୁଖ୍ୟ/ଛାତ୍ରସଂଘ ଇତ୍ୟାଦି ଏବଂ ଅନ୍ୟାନ୍ୟ ଶ୍ରେଣୀ/ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସାଧାରଣ ସଭା ଆଦି ସର୍ବସାଧାରଣ ସ୍ଥାନ/ସାହି ଏବଂ କଟକ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ସଂଗଠିତ ହୋଇଥାଏ । ଏହି ଶୋଭାଯାତ୍ରା ଓ ସାଧାରଣ ସଭାଗୁଡ଼ିକୁ ସର୍ବସାଧାରଣ ସ୍ଥାନରେ ନିୟନ୍ତ୍ରଣ କରିବା ନିମନ୍ତେ ପୋଲିସ ଅଧିନିୟମ ୩୦ ଅନୁଯାୟୀ ଜିଲ୍ଲାର ସମସ୍ତ ୨୧ଟି ପୋଲିସ ଥାନା ଯଥା-ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର, କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର, ଟାଙ୍ଗୀ, ଗୁରୁଡ଼ିଝାଟିଆ, ଖୁଣ୍ଟୁଣୀ, ଆଠଗଡ଼, ତିଗିରିଆ, ବଡ଼ମ୍ବା, ମାଣିଆବନ୍ଧ, ନରସିଂହପୁର, ଜୋବ୍ରା, କାନପୁର, ବାଙ୍କୀ ଓ ବୈଦେଶ୍ୱର ପୋଲିସ ସୀମା ମଧ୍ୟରେ ଆଦେଶନାମା ଜାରି କରାଯାଇଛି । ଏଠାରେ ସୂଚିତ କରାଯାଇପାରେ ଯେ, ୦୨.୦୨.୨୦୨୬ ରିଖ ଠାରୁ ୦୨.୦୫.୨୦୨୬ ରିଖ ମଧ୍ୟରେ କୌଣସି ରାଜନୈତିକ ସଂଗଠନ/ବ୍ୟକ୍ତିବିଶେଷ ସାମୂହିକ ଭାବେ ଶୋଭାଯାତ୍ରା, ଧାରଣା/ଅନିୟନ୍ତ୍ରିତ ଗହଳି ସଂଗଠିତ ହେଉଥିବା ଓ ଏଥି ଜନିତ ଶାନ୍ତି ଭଂଗ ହେବାର ଆଶଙ୍କା ଥିଲେ । ସଂପୃକ୍ତ ଅଂଚଳ ଉପଖଣ୍ଡ ପୋଲିସ ଅଧିକାରୀ/ପୋଲିସ ନିରୀକ୍ଷକ/ଭାରାପ୍ରାପ୍ତ ଅଧିକାରୀଙ୍କ ଠାରୁ ୩୦ ଧାରା ଅନୁଯାୟୀ ଅନୁମତିପ୍ରାପ୍ତ କରିବାକୁ ହେବ ବୋଲି କଟକ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ଆଦେଶନାମାରେ ପ୍ରକାଶ କରିଛନ୍ତି । ବିଶେଷ ଭାବେ ସାଧାରଣ ସଭା ସଂଗଠିତ କରିବା ନିମନ୍ତେ ଆବେଦନକାରୀ ସମୟ, ସ୍ଥାନ ଓ ଉଦ୍ଦେଶ୍ୟ ଏବଂ ସ୍ଥିରୀକୃତ ବକ୍ତାମାନଙ୍କ ନାମ ସୂଚିତ କରିବାକୁ ଆଦେଶନାମାରେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଶୋଭାଯାତ୍ରା କ୍ଷେତ୍ରରେ ଦରଖାସ୍ତଗୁଡ଼ିକ ଏହାର ଗନ୍ତବ୍ୟସ୍ଥଳ, ରହଣିସ୍ଥାନ, ସମୟ ଅଂଶଗ୍ରହଣକାରୀଙ୍କ ଆନୁମାନିକ ସଂଖ୍ୟା, ଯଦି ଡାକବାଜି ଯନ୍ତ୍ର ଓ ସଂଗୀତ ଯନ୍ତ୍ରାଂଶର ଆବଶ୍ୟକ ଥାଏ, ତେବେ ଏହାର ସଂଖ୍ୟା ନିରୂପଣ ପୂର୍ବକ ଉଲ୍ଲେଖ କରିବା ଆବଶ୍ୟକ । ଏଥି ସହ ଆବେଦନକାରୀ ଯଦି ଆତଶବାଜି ପ୍ରଦର୍ଶନ କରିବାକୁ ଚାହୁଁଥାନ୍ତି, ତେବେ ତାହା କେଉଁ ଶ୍ରେଣୀଭୁକ୍ତ ଏବଂ ଏହାର ନିର୍ଦ୍ଧାରିତ ସମୟ ଓ ପ୍ରଦର୍ଶନ ସ୍ଥାନ ସୂଚିତ କରିବାର ଆବଶ୍ୟକତା ରହିଛି ବୋଲି ଆଦେଶନାମାରେ ଉଲ୍ଲେଖ କରାଯାଇଛି । ବିଜ୍ଞପ୍ତି ମୁତାବକ ଲାଇସେନ୍ସ ପ୍ରାପ୍ତ ନିମନ୍ତେ ପ୍ରତ୍ୟେକ ଦରଖାସ୍ତ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ କାର୍ଯ୍ୟକ୍ରମ ସଂଗଠିତ ହେବାର ସର୍ବନିମ୍ନ ୩ ଦିନ ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଏଠାରେ ସୂଚିତ କରାଯାଇପାରେ ଯେ, ଏହି ଆଦେଶନାମା ପୂର୍ବ ସୂଚିତ ଅଂଚଳଗୁଡ଼ିକରେ ୯୦ଦିନ ପର୍ଯ୍ୟନ୍ତ ବା ୦୨.୦୨.୨୦୨୬ ଠାରୁ ୦୨.୦୫.୨୦୨୬ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଣାପଡ଼ିଛି । ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଏହି ଆଦେଶନାମା ସଂଖ୍ୟା ୩୩୫/ନ୍ୟାୟିକ ୦୪.୦୨.୨୦୨୬ ରିଖରେ ଅନୁମୋଦନ ଲାଭ କରିଛି ବୋଲି କଟକ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ(ନିପ୍ର): ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଚି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଏହି ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଶିବିରରେ ମୋର୍ଟ ୮୮ଟି ଅଭିଯୋଗ ହସ୍ତଗତ ହୋଇଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସଂପଦ ଆଦି ସଂପର୍କିକ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ଆସନ୍ତା ୧୬ ତାରିଖରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ତିନି ମୋବାଇଲ ଲୁଟେରା ଧରାପଡ଼ିଲେ

ଭୁବନେଶ୍ୱର(ନିପ୍ର): ମୋବାଇଲ ଛଡାଇ ନେବା ଅଭିଯୋଗରେ ଶହୀଦନଗର ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରଜଦୀପ ସିଂ ଓରଫ ଦୀପୁ, ମାନସ ସିଂ ଓ ସୁନୀଲ ସିଂ । ଏନେଇ ଅଭିଯୋଗକାରୀ ଏସକେ ସୁଲତାନ ଅଲ୍ଲୀଙ୍କ ଲିଖିତ ଅଭିଯୋଗ ଆଧାରରେ ଶହୀଦନଗର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ାରେ ରୁହନ୍ତି । ଗତ ୦୫.୦୨.୨୦୨୬ ସନ୍ଧ୍ୟା ପ୍ରାୟ ୭:୩୦ ସମୟରେ, ସେ ସତସଙ୍ଗ ବିହାର ସମ୍ମୁଖ ରାସ୍ତା କଡ଼ରେ ତାଙ୍କ ମୋବାଇଲ୍ ଫୋନ୍‌ରେ କଥା ହେଉଥିଲେ । ଏହି ସମୟରେ, ଅଭିଯୁକ୍ତ ମାନେ ତାଙ୍କ ପାଖକୁ ଆସି ତାଙ୍କ ସହ କଥା ହୋଇଥିଲେ । ପରେ ଅଭିଯୁକ୍ତମାନେ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ଟଙ୍କା ଦେବାକୁ କହିଥିଲେ । ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ତାଙ୍କ ପକେଟ ଖୋଜି ୫,୦୦୦ ଟଙ୍କା ଜୋରଜବରଦସ୍ତ ନେଇଯାଇଥିଲେ ଏବଂ ପରେ ସେମାନେ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲାର ତଦନ୍ତ କରିବା ସହ ଚ଼ଢଉ ଜରିଆରେ ତିନି ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚ଼ରାଉଚ଼ରା ସମୟରେ ଅଭିଯୁକ୍ତ ଶିବ ପ୍ରସାଦ ନିଜର ଅପରାଧ ସ୍ୱୀକାର କରିଥିଲେ ।

# ଅଭିନେତା ସାତ୍ୟକୀ ମିଶ୍ରଙ୍କୁ ହତ୍ୟା ଧମକ !



କଟକ(ନିପ୍ର): ପାରିବାରିକ ବିବାଦକୁ ନେଇ କଟକ ଡିସିପିଙ୍କୁ ଓଡ଼ିଆ ଅଭିନେତା ସାତ୍ୟକୀ ମିଶ୍ର ଭେଟିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୈତୃକ ସଂପତ୍ତି ଓ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକାନାକୁ ନେଇ ଓଲିଉଡ୍ ଅଭିନେତା ସାତ୍ୱକୀ ମିଶ୍ରଙ୍କୁ ହତ୍ୟା କରିବାକୁ ଧମକ ଆସିଛି । ପୁସ୍ତକ ପ୍ରକାଶନ ସଂସ୍ଥା "କଟକ ଷ୍ଟୁଡେଣ୍ଟ ଷ୍ଟୋର" ମାଲିକାନାକୁ ନେଇ ବିବାଦ ହୋଇଥିଲା । ୨ ବଡ଼ ବାପାଙ୍କ ପୁଅଙ୍କ ବିରୋଧରେ ସାତ୍ୱକୀ ଅଭିଯୋଗ ଆଣିଛନ୍ତି । ଗତ ୬ ତାରିଖରେ ସାତ୍ୱକୀଙ୍କ ଘରେ ପଶି ଅଭିଯୁକ୍ତମାନେ ତାଙ୍କ ବୃଦ୍ଧ ବାପାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି । ପୁରୀଘାଟ ଥାନାରେ ଏତଲା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନହେବାରୁ ସାତ୍ୱକୀ ଡିସିପିଙ୍କୁ ଭେଟିଛନ୍ତି । ଡିସିପିଙ୍କୁ ଭେଟି ନିଜ ପରିବାରର ସୁରକ୍ଷା ଓ ନ୍ୟାୟ ପାଇଁ ସାତ୍ୟକୀ ଗୁହାରି କରିଛନ୍ତି । ଡିସିପିଙ୍କ ନିକଟରେ ଫେରାଦ ହୋଇ ଅଭିନେତା ସାତ୍ୱକୀ କହିଛନ୍ତି, ମୋ ଜୀବନ ପ୍ରତି ବିପଦ ଅଛି । ଜୀବନରୁ ମାରିଦେବାକୁ ଧମକ ମିଳିଛି । କେବଳ ଏତିକି ନୁହେଁ, ମୋ ପତ୍ନୀଙ୍କୁ ମଧ୍ୟ ଅଶାଳୀନ ବ୍ୟବହାର କରାଯାଉଛି ବୋଲି ସାତ୍ୟକୀ ଅଭିଯୋଗ କରିଛନ୍ତି । ଅପର ପକ୍ଷରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

# ବାହାଘର ପାଇଁ ଥିବା ସୁନା ଗହଣା ଲୁଟିନେଲେ ଚୋର

ଭାପୁର(ନିପ୍ର): ଝିଅ ବାହାଘର ପାଇଁ ପରିବାରର ସମସ୍ତ ସଦସ୍ୟ ବ୍ୟସ୍ତ ରହିଥିବାବେଳେ ଚୋର କଳାକନା ବୁଲେଇ ଘରୁ ସୁନା ଗହଣା ସହିତ ଟଙ୍କା ନେଇଯାଇଥିବା ଘଟଣା ଫତେଗଡ଼ ଥାନା ଅଂଚଳରେ ଘଟିଯାଇଛି । ଘଟଣାରୁ ପ୍ରକାଶ, ଫତେଗଡ଼ ଥାନା ବନମାଳିପୁର ପଂଚାୟତ ବସନ୍ତପୁର ଗ୍ରାମ ନୂଆସାହିର ବିଦ୍ୟାଧର ବେହେରାଙ୍କ ପରିବାର ନିକଟରେ ଝିଅ ବାହାଘର ପାଇଁ ନିମନ୍ତ୍ରଣ କାର୍ଡ ବଣ୍ଟା, ଜିନିଷ କିଣାକିଣି ପାଇଁ ବ୍ୟସ୍ତ ରହିଥିଲେ । ଘରେ କେହି ନ ଥିବାର ସୁଯୋଗ ଦେଖି ରବିବାର ରାତ୍ରିରେ ତାଲା ଭାଙ୍ଗି ଘରେ ଚୋର ପଶିଥିଲେ । ଚୋର ବିଦ୍ୟାଧର ଝିଅଙ୍କ ବାହାଘର ପାଇଁ ରଖିଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହିତ ସୁନା ଗହଣା ଆଦି ଚୋରି ହୋଇଥିବା ନେଇ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ୪୧/୨୬ରେ ଏକ ମାମଲା ରୁଜୁ କରି ଥାନା ଅଧିକାରୀ ଅଜୟ କୁମାର ସାହୁ ତଦନ୍ତ ଚଳେଇବା ସହିତ ସୋମବାର ଦିନ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ଆସିଥିଲେ ମଧ କୌଣସି ଫଳପ୍ରଦ ହୋଇନଥିଲା । ଫତେଗଡ଼ ଥାନା ପକ୍ଷରୁ ଚୋରକୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ଜେଲ୍

ଭାପୁର(ନିପ୍ର): ଫତେଗଡ଼ ଥାନା ଅନ୍ତର୍ଗତ ଗୋହିରିଆପଡା ଗ୍ରାମରେ ଗତବର୍ଷ ଜୁନ ମାସ ୨୧ ତାରିଖରେ ସେହି ଗ୍ରାମର ଅମର ନାୟକଙ୍କ ପୁଅ ଶିବପ୍ରସାଦ ନାୟକ(୩୫) ପାରିବାରିକ କଳହକୁ ନେଇ ନିଜ ସ୍ତ୍ରୀକୁ ହତ୍ୟା କରି ଫେରାର ହୋଇଯାଇଥିଲା । ପୋଲିସ କେସ ନଂ ୨୦୨/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବାବେଳେ ସେହିଦିନଠାରୁ ଅଭିଯୁକ୍ତ ଫେରାର ରହିଥିଲା । ରବିବାର ଅଭିଯୁକ୍ତ ନିଜ ଗାଁକୁ ଆସିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଫତେଗଡ଼ ଥାନା ଅଧିକାରୀ ଅଜୟ କୁମାର ସାହୁ ସଦଳବଳେ ତାଙ୍କ ଘର ଉପରେ ଚଢ଼ାଉ କରି ଅଭିଯୁକ୍ତକୁ ଧରି ଥାନାକୁ ଆଣିଥିଲେ । ପୋଲିସ ସୋମବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦେଇଥିବା ଥାନା ସୂତ୍ରରୁ ପ୍ରକାଶ ।

---

# ଉକୁଣୀ ନେଲା ନାବାଳିକାର ଜୀବନ !

ପିପିଲି(ନିପ୍ର): ଲୋକଙ୍କ ଦାୟିତ୍ୱହୀନତା ଯୋଗୁଁ ଉକୁଣୀ ପାଇଁ ଜଣେ ୧୨ ବର୍ଷିୟା ନାବାଳିକାର ଜୀବନ ଚାଲିଯାଇଛି । ଘଟଣା ଘଟିଛି ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଚମ୍ପାଗଡ଼ ସାହିରେ । ମୃତକ ହେଲେ ଲିଙ୍ଗରାଜ ସାହୁଙ୍କ ଝିଅ ଲକ୍ଷ୍ମୀପ୍ରିୟା ସାହୁ । ସୂଚନା ମୁତାବକ, ଲକ୍ଷ୍ମୀପ୍ରିୟା ସ୍ଥାନୀୟ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀର ଛାତ୍ରୀ ଥିଲେ । କିଛି ମାସ ତଳେ ତାଙ୍କ ମୁଣ୍ଡରେ ଉକୁଣୀ ହୋଇଥିଲା । ଅନେକ ପ୍ରତିକାର କରିବା ସତ୍ତ୍ୱେ ଭଲ ହୋଇନଥିଲା । ମା' ସତ୍ୟଭାମା ସାହୁ ଲଣ୍ଡା ହେବାକୁ କହିଥିଲେ । ହେଲେ ଲକ୍ଷ୍ମୀପ୍ରିୟା ରାଜି ହୋଇନଥିଲେ । ଏହାରି ଭିତରେ ଉକୁଣୀଗୁଡ଼ିକ ଖପୁରୀକୁ ଆକ୍ରାନ୍ତ କରିଥିଲେ । ମୁଣ୍ଡ ଗନ୍ଧ ହେବାରୁ ଲକ୍ଷ୍ମୀପ୍ରିୟା ବାହାରକୁ ବାହାରିବା ବନ୍ଦ କରିଦେଇଥିଲେ । ମୁଣ୍ଡରେ ତ୍ରୁଟି ରହୁଥିବାରୁ ପରିବାର ଲୋକେ କିଛି ଜାଣିପାରିନଥିଲେ । ୩ ଦିନ ତଳେ ହଠାତ୍ ତାଙ୍କର ରକ୍ତବାନ୍ତି ହୋଇଥିଲା । ପରିବାର ଲୋକେ ଲକ୍ଷ୍ମୀପ୍ରିୟାକୁ ପୁରୀ ମେଡିକାଲକୁ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି ।

---

# ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଦୁଇ ବ୍ଲକ୍ ଅନ୍ଧାର

ଭାପୁର(ନିପ୍ର): ଟିପିସିଓଡିଏଲର ଅବହେଳା ଓ ମନମାନୀ ପାଇଁ ସୋମବାର ଅପରାହ୍ନରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଭାପୁର ଓ ଖଣ୍ଡପଡା ବ୍ଲକ ସମ୍ପୂର୍ଣ୍ଣ ଅନ୍ଧାର ରହିଥିବା ପରିଲକ୍ଷିତ ହୋଇଥିଲା । ଏହି ଘଟଣାକୁ ନେଇ ବିଦ୍ୟୁତ ଉପଭୋକ୍ତା ମାନେ ଉଦବେଗ ପ୍ରକାଶ କରିବା ସହିତ ବିଭାଗୀୟ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ଦୋଷ ଦେଇଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରେ, ବାଘମାରୀଠାରୁ ୩୩ କେଭି ବିଦ୍ୟୁତ କଟିଥିବାରୁ ଭାପୁର ଓ ଖଣ୍ଡପଡା ଦୁଇ ବ୍ଲକ ସମ୍ପୂର୍ଣ୍ଣ ଅନ୍ଧାର ରହିଛି, ବିଳମ୍ବିତ ରାତ୍ରୀକୁ ଆସିପାରେ ବୋଲି ଜେଇ କହିଛନ୍ତି ।

---

# ଶ୍ରୀଶଙ୍କରାଚାର୍ଯ୍ୟ ଗୋଶାଳା କାର୍ଯ୍ୟସମିତି ବୈଠକ

ତାଳଚେର(ନିପ୍ର): ପୁରୀ ଗୋବର୍ଦ୍ଧନ ପିଠାଧୀସ ଜଗତଗୁରୁ ଶଙ୍କରାଚାର୍ଯ୍ୟ କିଛିମାସ ପୂର୍ବରୁ ତାଳଚେର ରେ ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳାର ଉଦଘାଟନ କରିଥିଲେ । ଏହାକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳାର ମୁଖ୍ୟ ଡ଼ା ସଂଜୀବ ରାଉତ ଙ୍କ ସଂଯୋଜନା ରେ ଅନୁଷ୍ଠିତ ପ୍ରଥମ କାର୍ଯ୍ୟ ସମିତି ବୈଠକରେ ମୁଖ୍ୟ ଅତିଥି ଭାବେ ବିଜେପି ମିଡ଼ିଆ ସେଲ ଜୋନାଲ ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ଉକ୍ତ ଗୋଶାଳାର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଗୋଶାଳା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଉପରେ ପ୍ରସ୍ତାବ ରଖିଥିଲେ ।

---

# ଅମିୟଙ୍କ ମୃତ୍ୟୁ ସଂପର୍କିତ ସ୍ପଷ୍ଟ ସୂଚନା

କଟକ(ନିପ୍ର): କଟକ ଜିଲ୍ଲା ବାଙ୍କୀ ବ୍ଲକ ଓସ୍ତିଆପଦା ପଂଚାୟତ ବିଷ୍ଣୁପୁର ଗ୍ରାମର ଅମୀୟ ରଂଜନ ସିଂ ନାମକ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଖବର ଜିଲ୍ଲା ପ୍ରଶାସନର ଦୃଷ୍ଟିଗୋଚର ହୋଇଛି । ଏହି ଖବରରେ ଜିଲ୍ଲାପ୍ରଶାସନ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛି । ଏହା ଏକ ଅତ୍ୟନ୍ତ ଦୁଃଖଦ ତଥା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା । ପ୍ରାଥମିକ ତଥ୍ୟରୁ ଜଣାଯାଏ ଯେ, ଅମୀୟ ରଂଜନ ସିଂଙ୍କ ପିତା ସ୍ୱର୍ଗତ ଅର୍ଜ୍ଜୁନ ନାୟକ ସା/ପୋ-ବିଷ୍ଣୁପୁର, ଥାନା- ବାଙ୍କୀ, ଜିଲ୍ଲା - କଟକ, ଭୂତଳ ଜଳ ବିକାଶ ନିର୍ଦ୍ଦେଶାଳୟ, ଡେଲଟାସ୍କାଏର, ୟୁନିଟ ୮ ଭୁବନେଶ୍ୱର -୭୫୧୦୧୨ରେ କାର୍ଯ୍ୟରତ ଥିବା ସମୟରେ ୨୦୧୯ ମସିହାରେ ଦେହାନ୍ତ ହୋଇଥିଲା । ଅମୀୟ ରଂଜନ ତାଙ୍କ ପିତାଙ୍କ ସ୍ଥାନରେ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ କ୍ଷମତାଧୀନ କ୍ଷୁଦ୍ର ଜଳସେଚନ ବିଭାଗ (ଭୂତଳଜଳ ବିକାଶ ନିର୍ଦ୍ଦେଶାଳୟ) କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ କରିଥିଲେ ଓ ପରବର୍ତ୍ତୀ କାଳରେ ନିଯୁକ୍ତି ନିମନ୍ତେ ସେ ଡବ୍ଲୁପିସି ନମ୍ବର ୧୮୫୦୦୪୯/୨୦୨୨ ମାଧ୍ୟମରେ ମାନ୍ୟବର ହାଇକୋର୍ଟଙ୍କ ଆଶ୍ରା ମଧ ନେଇଥିଲେ । ମାନ୍ୟବର ଅଦାଲତ ଏହି ପ୍ରସଙ୍ଗରେ ଆଇନ ଅନୁସାରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କୁ ନିଯୁକ୍ତି ଦେବା ବିଷୟ ଜିଲ୍ଲା ପ୍ରଶାସନର କ୍ଷମତା ପରିସରଭୁକ୍ତ ନୁହେଁ । ଏଣୁ ଅମୀୟ ରଂଜନ ନିଯୁକ୍ତି ପ୍ରସଙ୍ଗରେ ଜିଲ୍ଲା କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିବାର ନଜିର ନାହିଁ । ତେଣୁ ଏହି ପ୍ରସଙ୍ଗରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟକୁ ଆର୍ଥିକ ଅନଟନ ପ୍ରମାଣ ପତ୍ର (ଡିଷ୍ଟ୍ରେସ ସାର୍ଟିଫିକେଟ) ମଗା ଯାଇଥିଲା । ଜିଲ୍ଲା କାର୍ଯ୍ୟାଳୟରୁ ଉକ୍ତ ପ୍ରମାଣ ପତ୍ର ଅନୁମୋଦନ କରାଯାଇଛି । ଏଠାରେ ସୂଚନାଯୋଗ୍ୟ, ନିଯୁକ୍ତି ପ୍ରସଙ୍ଗରେ ସଂପୃକ୍ତ ବିଭାଗ ନିଷ୍ପତ୍ତି ନେବ ଏବଂ ଏହା ଜିଲ୍ଲା ପ୍ରଶାସନର କ୍ଷମତା ପରିସରଭୁକ୍ତ ନୁହେଁ ।


# କାକଟପୁର ବ୍ଲକରେ ଖାଉଟି କାର୍ଡ ବଣ୍ଟନ

କାକଟପୁର(ନିପ୍ର): ସୋମବାର କାକଟପୁର ବ୍ଲକ ସମ୍ମିଳନୀ କକ୍ଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଏକ ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ସଂଜୀବ କୁମାର ସାହୁ, ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, କାକଟପୁର ବ୍ଲକ ଯୋଗାଣ



ଅଧିକାରୀ ଶକୁନ୍ତଳା ନାୟକ ପ୍ରମୁଖ ଯୋଗଦେଇ ନୂତନ ଭାବେ କରାଯାଇଥିବା ଖାଉଟି କାର୍ଡକୁ ୯୩ଜଣ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ । ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ହିତାଧିକାରୀଙ୍କୁ ମାଗଣା ରାସନ ଯୋଗାଇଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସହିତ କେହି ଯେପରି ଏଥିରୁ ବାଦ ନ ପଡ଼ନ୍ତି ସରକାର ସେଥିପାଇଁ ପ୍ରତିଶୃତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ । ଅପରପକ୍ଷରେ ସ୍ଥାନୀୟ ବିଜେପି ନେତା ବାଇଧର ମଲ୍ଲିକଙ୍କ ଉପସ୍ଥିତିକୁ ଅଞ୍ଚଳର ବିଜେପି ନେତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା ।

# ପୁରୀରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି



ପୁରୀ(ନିପ୍ର): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୋଟ ୮୪ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୭୫ ଗୋଟି ବ୍ୟକ୍ତିଗତ, ୮ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା । ତତକ୍ଷଣାତ ୧୧ଟି ଅଭିଯୋଗର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା । ଏହି ଶୁଣାଣିରେ ଏସପି ପ୍ରତୀକ ସିଂ, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, କୃଷ୍ଣ ପ୍ରସାଦ ବିଡ଼ିଓ ଅମୀୟ କୁମାର ପଣ୍ଡା, ଭାରପ୍ରାପ୍ତ ତହସିଲଦାର ବିକାଶ କୁମାର ସେଠୀ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଚଳିତ ମାସ ୧୭ ତାରିଖ ମଙ୍ଗଳବାର ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି ।

# ମା' ରାମଚଣ୍ଡୀ ମହୋତ୍ସବ: ସବ୍ୟସାଚୀ ମୁଖ୍ୟ ଆକର୍ଷଣ



ରମ୍ଭା(ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତର ନୀଳାଦ୍ରୀପୁର ପ୍ରସିଦ୍ଧ ଗ୍ରାମରେ ତିନିଦିନ ବ୍ୟାପି ଚାଲିଥିବା ସାଂସ୍କୃତିକ ସନ୍ଧ୍ୟା ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ସମାବେଶରେ ଚଳଚିତ୍ର ତାରକା ସବ୍ୟସାଚୀ ମିଶ୍ର ମୁଖ୍ୟ ଆକର୍ଷଣ ସାଜିଥିବା ଦେଖିବାକୁ ମିଳିଥିଲା । ଉକ୍ତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର,ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ମନ୍ଦିର ପରିଚାଳନା କମିଟି ସଭାପତି ତଥା ଜାତୀୟ ଖାଦ୍ୟ ନିଗମ ସଦସ୍ୟ ଡ଼ଃ. ପ୍ରଶାନ୍ତ କୁମାର ନାୟକ,ଟ୍ରଷ୍ଟି ସୁଧାକର ପଣ୍ଡା,ଗଜପତି ଜିଲ୍ଲା ପବ୍ଲିକ ପ୍ରସ୍ୟୁକ୍ୟୁଟର ରାଜେଶ ମିଶ୍ର,ଛତ୍ରପୁର ଓକିଲସଙ୍ଘ ସଭାପତି ପ୍ରଦୀପ କୁମାର ପାଢ଼ୀ,ମହାରାଜା କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସିନ ରହିଥିଲେ । ସଂଯୋଜକ କମଳ ପଣ୍ଡା କାର୍ଯ୍ୟକ୍ରମ ସୁରିଚାଳନା କରିଥିଲେ । ତୃତୀୟ ସାଂସ୍କୃତିକ ସନ୍ଧ୍ୟାରେ ଗୁରୁ ଶିବରାମ ବାରିକଙ୍କ ଓଡିଶୀ ନୃତ୍ୟ, ମା' ତାରାତାରିଣୀଙ୍କ ମଙ୍ଗଳା ଚରଣ ନୃତ୍ୟ, ପ୍ରତିଭା ଆବାସିକ ଛାତ୍ରୀ ମାନଙ୍କ ଦ୍ୱାରା ଢେମସା ଲୋକ ନୃତ୍ୟ,ସାଇଶ୍ରୀ ନୃତ୍ୟ ଏକାଡେମୀ ଗୁରୁ ମଧୁସ୍ମିତା ପଟନାୟକ ନେତୃତ୍ୟରେ ଓଡିଶୀ ଶାସ୍ତ୍ରୀୟ ନୃତ୍ୟ ଦୁର୍ଗା ସ୍ତୁତି ପରିବେଷଣ ହୋଇଥିଲା । ସମିର କୁମାର ବେହେରା, ପ୍ରଶାନ୍ତ ପଟନାୟକ,ଗୌତମ ନାୟକଙ୍କ ଦ୍ୱାରା ପରିବେଶତ ବାଘ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା । ପ୍ରବଳ ଜନ ସମାଗମ ଓ ଆନନ୍ଦ ଉଲ୍ଲାସ ମଧ୍ୟରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା

## ବାଲିଘାଟ ଉପରେ ଖଣି ବିଭାଗର ଅଚାନକ ଚଢ଼ଉ

# ଖଣି ଅଧିକାରୀ, ପୁଲିସ ଓ ବାଲି ମାଫିଆ ମୁହାଁମୁହିଁ

ପିପିଲି(ନିପ୍ର): ପିପିଲି ଥାନା ଅନ୍ତର୍ଗତ ପୁବା ପଞ୍ଚାୟତର ମଧୁପୁରଠାରେ ବେଆଇନ ବାଲିଘାଟରୁ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ପୁରୀ ଜିଲ୍ଲା ଖଣି ବିଭାଗ ଚଢ଼ଉ କରିଥିଲା । ଏହି ଚଢ଼ଉ ସମୟରେ ଜିଲ୍ଲା ଖଣି ବିଭାଗ ସମେତ ସ୍ଥାନୀୟ ପୁଲିସ କର୍ମଚାରୀ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛନ୍ତି । ବାଲି ବୋଝେଇ ହାଇୱା ଗାଡ଼ି, ଜେସିବି ମେସିନ୍ ଜବତ କଲାବେଳକୁ ମାଫିଆମାନେ ରାତିତମାମ କାହାକୁ ଛାଡ଼ି ନ ଥିବା ସୂଚନା ମିଳିଛି । ଜଣକୁ ପୁଲିସ ଗାଡ଼ିରେ ବସାଇଥିବା ବେଳେ ପୁଲିସ ଗାଡ଼ିରୁ ସେ ଖସି ପଳାଇବାକୁ ସକ୍ଷମ ହୋଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି । ସେଠାରେ କିଛି ସମୟ ମାଫିଆ-ପୁଲିସ ମଧ୍ୟରେ ଧସ୍ତାଧସ୍ତି ଭଳି ଘଟଣା ଘଟିବା ସହ ରାତିତମାମ ଲୁଚକାଳି ଖେଳ ହୋଇଥିବା ଜଣାପଡ଼ିଛି । ଶେଷରେ ପିପିଲି ପୁଲିସ ଜଣକୁ ଥାନାରେ ଅଟକ ରଖିବା ସହ ଏକ ଜେସିବି ମେସିନ୍ ଓ ହାଇୱା ଗାଡ଼ିକୁ ଜବତ କରାଯାଇଥିବା ପୁଲିସଠାରୁ ସୂଚନା ମିଳିଛି । ପୁରୀ ଜିଲ୍ଲା ଖଣି ବିଭାଗ ପକ୍ଷରୁ ପିପିଲି ଥାନାରେ ଏନେଇ ଅଭିଯୋଗ କରାଯାଇଛି । ଅଭିଯୋଗକୁ ଭିତ୍ତିକରି ପିପିଲି ଥାନାରେ ୮୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଶନିବାର ରାତିରେ ଫୋର୍ସକୁ ମଧ୍ୟ ସାଙ୍ଗରେ ନେଇ ଯାଇଥିଲେ । ସେଠାରେ ବାଲି ଉତ୍ତୋଳନ କରୁଥିବା ଏକ ଜେସିବି ଏବଂ ଏକ ହାଇୱାକୁ ଜବତ କରିବା ସମୟରେ ସେଠାରେ ବାଲିମାଫିଆ ପୁଲିସ ଏବଂ ଖଣି ଅଧିକାରୀଙ୍କୁ ଆକ୍ରମଣ କରିଥିଲେ । ଏଥିରେ ୩/୪ଜଣ ଆହତ ହୋଇଥିବାର ଜଣାଯାଇଛି । ମାଫିଆଙ୍କ ଆକ୍ରମଣ ଖବର ପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କିଛି ଫୋର୍ସ ନେଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଜଣକୁ ଆଣି ଥାନାରେ ଅଟକ ରଖିଛନ୍ତି । ଜେସିବି ଏବଂ ହାଇୱା ଜବତ ପରେ ପୁଲିସକୁ ଦେଖି ଲୋକମାନେ ଦୌଡ଼ାଦୌଡ଼ି ହୋଇ ଯିବାରେ ସେହି ସମୟରେ ଜଣେ ଫୋର୍ସ ପଡ଼ିଯାଇ ଆହତ ହୋଇଥିବାର କହିଛନ୍ତି ।

# ଧାମନଗର ଜନଶୁଣାଣି ୩୮ ଘଟଣାର ସମାଧାନ




ଭଦ୍ରକ(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ରେ ଆୟୋଜିତ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ମୋଟ ୧୭୪ଟି ଅଭିଯୋଗ ଗ୍ରହଣ କରାଯାଇଛି । ଏହି ଜନସୁଣାଣିରେ ୧୩୦ଟି ବ୍ୟକ୍ତିଗତ ସମସ୍ୟା ଓ ୩୭ଟି ଗ୍ରାମସ୍ତରୀୟ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା । ଅଭିଯୋଗଗୁଡିକ ମଧ୍ୟରୁ ୩୮ଟି ଅଭିଯୋଗକୁ ଘଟଣା ସ୍ଥଳରେ ସମାଧାନ କରାଯାଇଛି । ସହାୟତା ସ୍ୱରୂପ ସିଏମଆରଏଫ୍ ଅଧୀନରେ ୧ଟି ମାମଲା ଓ ରେଡ୍‌କ୍ରସ୍ ସହାୟତା ପାଇଁ ୬ଟି ମାମଲା ଗ୍ରହଣ କରାଯାଇଛି । ଏହି ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜିଲ୍ଲାପାଳ ଦିଲୀପ ରାଉତରାଏ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣି କରିଥିଲେ ।

# ଇଡ୍‌କୋ ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ଉଷା ପାଢ଼ୀ



ଭୁବନେଶ୍ୱର , ୯/୨(ନିପ୍ର) ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ,ସୋମବାର ଓଡ଼ିଶା ଶିଳ୍ପ ଭିତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର ଅଧକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ପାଢ଼ୀ ଇଡ୍‌କୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇଥିଲେ। ଏହି ଆଲୋଚନାରେ ସଂସ୍ଥାର ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ, ପ୍ରାଥମିକତା ଏବଂ ରାଜ୍ୟରେ ଶିଳ୍ପ ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ରୋଡ୍‌ମ୍ୟାପ୍ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକ ସମୟରେ ଶ୍ରୀମତୀ ପାଢ଼ୀ ପ୍ରକଳ୍ପଗୁଡ଼ିକର ସମୟାନୁବର୍ତୀ କାର୍ଯ୍ୟାନ୍ୱୟନ, ସ୍ୱଚ୍ଛତା, ଆନ୍ତଃ-ବିଭାଗୀୟ ସମନ୍ୱୟ ଏବଂ ପୁଞ୍ଜିନିବେଶକାରୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଉପରେ ଜୋର ଦେଇଥିଲେ। ସେ କହିଥିଲେ ଯେ, ରାଜ୍ୟରେ ଜମି ବିକାଶ ଏବଂ ଭିତିଭୂମି ନିର୍ମାଣ ମାଧମରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଇଡ୍‌କୋର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଶିଳ୍ପ ଭିତିଭୂମି ସହିତ ଯୋଜନାବଦ୍ଧ ସହରୀ ବିକାଶ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ଶିଳ୍ପାଂଚଳ ଗୁଡ଼ିକରେ ଉନ୍ନତ ନାଗରିକ ସୁବିଧା, ପରିବହନ ଏବଂ ସ୍ଥାୟୀ ଭିତିଭୂମି ସହିତ ସୁନିୟୋଜିତ ଶିଳ୍ପ ଟାଉନସିପ୍ ଗଠନ କରାଯିବା ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ସନ୍ତୁଳିତ ଓ ସମନ୍ୱିତ ବିକାଶ ସମ୍ଭବ ହୋଇପାରିବ। ଇଡ୍‌କୋ ଟିମ୍ ର କାର୍ଯ୍ୟକୁ ପ୍ରଶଂସା କରିବା ସହ ଓଡ଼ିଶାର ଶିଳ୍ପ ବିକାଶ ଓ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଧିକ ବୃତିଗତ ମନୋଭାବ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।



ସ୍ମାର୍ଟସିଟି ଅନଲାଇନ୍ ଅଟୋ ମହାସଂଘ ପକ୍ଷରୁ ଓଲା, ଉବେରଙ୍କୁ ବିରୋଧ କରି ବାଣୀବିହାର ଆରଟିଓ ଅଫିସ୍ ଘେରାଉ (ଫଟୋ-ଦିନଲିପି)

## ୧୦ରୁ ୧୪ ମଧ୍ୟରେ ସ୍ୱଦେଶୀ ମେଳା

ପୁରୀ,୯/୨(ନିପ୍ର): ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଚଳିତ ମାସ ୧୦ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଛି ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା। ୫ ଦିନିଆ ଏହି ମେଳାରେ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମେଳା, ହସ୍ତଶିଳ୍ପ ମେଳା, ବୁକ କାଫେ ଇତ୍ୟାଦିର ୧୯୪ ଷ୍ଟଲର ବ୍ୟବସ୍ଥା ହୋଇଛି। ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲା ଓ ପୁରୀ ଜିଲ୍ଲାର ସର୍ବାଧିକ ଷ୍ଟଲ ଏଥିରେ ସାମିଲ ହେବେ। ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ସହ, ବିଭିନ୍ନ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ କରିବେ। ସେହିପରି ସଂସ୍କୃତି ବିଭାଗ ପକ୍ଷରୁ ବୁକ କାଫେ, ବରପୁତ୍ରମାନଙ୍କ ତଥ୍ୟ ଭିତ୍ତିକ ଫଟୋ ଚିତ୍ର ପ୍ରଦର୍ଶନୀ ସହ ପ୍ରତି ସଂଧାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂର୍ବରୁ ଏହି ମେଳାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା।

## କଂଗ୍ରେସ ଟିକେଟରୁ ଜଟଣୀରୁ ଲଢ଼ିବେ ସୁର !

ଭୁବନେଶ୍ୱର, ୯/୨(ନିପ୍ର): ପୁଣି ମୈଦାନକୁ ଓଲ୍ହାଇବେ ସୁର । ଜଟଣୀରୁ ନିର୍ବାଚନ ଲଢ଼ିବା ନେଇ ଦେଲେ ସଂକେତ । କଂଗ୍ରେସ ଟିକେଟରୁ ଜଟଣୀରୁ ଲଢ଼ିବେ ସୁର । ଲୋକଚାହିଁଲେ ଲଢ଼ିବି ବୋଲି କହିଛନ୍ତି ସୁରେଶ କୁମାର ରାଉତରାୟ । ମୁଁ ଛାଡି ଦେଇଥିଲି ବୋଲି ଏଥର କଂଗ୍ରେସ ଜଟଣୀରେ ହାରିଲା । ଏଥର ଜଟଣୀରେ କଂଗ୍ରେସ ଆସିବ । ଲୋକଙ୍କ ସହ ମିଶୁଛୁ । ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଛି । ଆମ ପାଖରେ ଶକ୍ତି, ସଂଗଠନ, ପଇସା ଅଛି ଲଢ଼ିବୁ ଜିତିବୁ ବୋଲି ସୁର ରାଉତରାୟ କହିଛନ୍ତି ।

## ଟିପିଏସ୍‌ଓଡିଏଲ୍ ୧୦୬ ୟୁନିଟ୍ ରକ୍ତ ସଂଗୃହୀତ



ବ୍ରହ୍ମପୁର, ୯/୨(ନିପ୍ର): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ ଜୟପୁର ଏବଂ ମାଲକାନଗିରିଠାରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏଭଳି ପଦକ୍ଷେପ ମାଧମରେ ସମୁଦାୟର ସ୍ୱାସ୍ଥ୍ୟ ଏବଂ ସାମାଜିକ ଦାୟିତ୍ୱବୋଧ ପ୍ରତି ଥିବା ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଛି ଟିପିଏସ୍‌ଓଡିଏଲ୍। ଏହି କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ସାମିଲ ହେବାସହିତ ରକ୍ତଦାନ କରିଛନ୍ତି। ଜୟପୁରଠାରେ ଆୟୋଜିତ ରକ୍ତଦାନ ଶିବିରକୁ ଜୟପୁର ସର୍କଲର ମୁଖ୍ୟ ଶ୍ରୀଯୁକ୍ତ ମନ୍ମଥ ନାଥ ମିଶ୍ର ଉଦଘାଟନ କରିଛନ୍ତି। ଏହି ଅବସରରେ ଟିପିଏସ୍‌ଓଡିଏଲର କର୍ମଚାରୀମାନେ ସ୍ୱେଚ୍ଛାରେ ଯୋଗ ଦେବା ସହିତ ରକ୍ତଦାନ କରିଛନ୍ତି। ଆୟୋଜିତ ଶିବିରରୁ ମୋଟ ୫୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି।

## ଉଦ୍‌ଯାପିତ ହେଲା ଓଡ଼ିଶା ଜାପାନ ଫେଷ୍ଟିଭାଲ

ପୁରୀ, ୯/୨(ନିପ୍ର): ଭାଷା କୌଣସି ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନରେ ବାଧକ ନୁହେଁ। ଏହା ପରସ୍ପରକୁ ଯୋଡେ ଓ ଭାଇଚାରାକୁ ମଜଭୁତ କରେ। ଦୀର୍ଘବର୍ଷ ଧରି ପୁରୀରେ ଆୟୋଜିତ ହେଉଥିବା ଓଡ଼ିଶା ଜାପାନ ସାଂସ୍କୃତିକ ମହୋତ୍ସବ ବା ଫେଷ୍ଟିଭାଲ ତାହାର ବଡ଼ ଉଦାହରଣ ବୋଲି କହିଛନ୍ତି ସୂଚନା ଓ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ପୁରୀ ତାଳବଣିଆ ପଡିଆଠାରେ ଇଣ୍ଡୋ ଜାପାନ ଫ୍ରେଣ୍ଡସିପ ଓ ଚନ୍ଦ୍ରଶେଖର ଏକାଡେମୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଦୁଇଦିନିଆ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପନିର୍ଦ୍ଦେଶକ ଶ୍ରୀ ସେଠୀ ଜାପାନୀମାନେ ଏକ ସାହସୀ, ସଂଗ୍ରାମୀ, ପରିଶ୍ରମୀ ଓ ଶିକ୍ଷିତ ଜାତିର ପରିଚୟ ନେଇ ବିଶ୍ୱରେ ପରିଚିତ। ସେମାନଙ୍କ ସଂସ୍କୃତି ଓ ଶ୍ରେଷ୍ଠ ବୈଷୟିକ ଜ୍ଞାନ ପାଇଁ ସୁଖ୍ୟାତି ରହିଛି।

## ସ୍ୱର୍ଣ୍ଣରୁ ବଞ୍ଚିତ ହେଲେ ମନୁ ଭାକର



ନୂଆଦିଲ୍ଲୀ, ୯।୨: ଅଲିମ୍ପିକ ଡବଲ ବ୍ରୋଞ୍ଜ ପଦକ ବିଜେତା ମନୁ ଭାକର ନୂଆଦିଲ୍ଲୀଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ଅଳ୍ପକେ ସ୍ୱର୍ଣ୍ଣ ପଦକ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେ ୨୫ ମିଟର ପିସ୍ତଲ ଇଭେଣ୍ଟର ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ ଅଳ୍ପକେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଜିତିଛନ୍ତି। ଭାରତର ଇଶା ସିଂ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ଫାଇନାଲରେ ମନୁ ଏବଂ ସ୍ୱର୍ଣ୍ଣ ବିଜେତା ଏନ୍‌ଗୁୟେନ ଥୁଇ ତ୍ରଙ୍ଗ୍‌ଙ୍କ ମଧରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉଭୟେ ସମାନ ୩୫ ଅଙ୍କ ସ୍କୋର କରିଥିଲେ। ଫଳରେ ଶୁଟ୍ ଅଫ୍ ସହାୟତାରେ ବିଜେତା ନିର୍ଣ୍ଣୟ କରାଯାଇଥିଲା। ଏଥିରେ ଭିଏତ୍‌ନାମ ଶୁଟର ବିଜୟୀ ହୋଇଥିଲେ। ତୃତୀୟ ସ୍ଥାନ ଅଧିକାର କରିଥିବା ଇଶା ୩୦ ସ୍କୋର କରିଥିଲେ।

## ଖେଲାର ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

ନିମାପଡ଼ା,୯।୨(ନିପ୍ର): ଏହି ଥାନା ଅନ୍ତର୍ଗତ ଖେଲାର ବଜାର ଏବଂ ରେଂଚ ଶାସନ ଗ୍ରାମ ମନ୍ଦିରରେ ଦୁର୍ବୃତ୍ତମାନେ ପଶି ଲକ୍ଷାଧିକ ଟଙ୍କାର ଅଳଙ୍କାର, ମନ୍ଦିର ସାମଗ୍ରୀ ଲୁଟି ନେଇଥିବା ନେଇ ମନ୍ଦିର ପରିଚାଳନା କରୁଥିବା ଶ୍ରୀ ମହାବୀର ସେବା ସଂଘ ସଭାପତି ବସନ୍ତ ଜେନା ଥାନାରେ ଏତଲା ଦାୟର କରିଛନ୍ତି। ନିମାପଡ଼ା ପୋଲିସ ଖେଲାର ବଜାରରେ ଥିବା ମହାବୀର ମନ୍ଦିର ପରିସରକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି । ଗତ ଶନିବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ହନୁମାନଙ୍କ ମସ୍ତକରେ ଲାଗିଥିବା ଅନେକ ସୁନା ଗହଣା ସମେତ ପୂଜକଙ୍କ ଏକ ମୋବାଇଲ୍ ଫୋନ୍ ଏବଂ ହୁଣ୍ଡି ବାକ୍ସରେ ଥିବା ନଗଦ ୫୦ ହଜାର ଟଙ୍କା ଚୋରି ହୋଇଯାଇଛି ବୋଲି ଏତାଲାରେ ଦର୍ଶାଯାଇଛି । ଉକ୍ତ ମନ୍ଦିରରେ ପୂର୍ବରୁ ଅନେକ ଥର ଚୋରି ହୋଇଥିଲେ ମଧ ଆସାମୀମାନଙ୍କୁ ଠାବ କରିବାରେ ପୋଲିସ ବିଫଳ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ ।

## ପାକିସ୍ତାନର କୌଣସି ବି ଦାବି ରଖିଲାନି ଆଇସିସି

ନୂଆଦିଲ୍ଲୀ,୯/୨: ପାକିସ୍ତାନକୁ ଝଟକା । ଆଇସିସି ଆଗରେ ରଖିଥିବା ଦାବିକୁ ଶୁଣିଲାନି। ପାକିସ୍ତାନକୁ ଗୋଟିଏ ଦିନର ଚୂଡ଼ାନ୍ତ ନିଷ୍ପତ୍ତି ଦେଇଛି ଆଇସିସି । ଟି-୨୦ ବିଶ୍ୱକପରେ ଭାରତ ବିପକ୍ଷରେ ପାକିସ୍ତାନ ମ୍ୟାଚ ଖେଳିବା ପୂର୍ବରୁ ଆଇସିସି ଆଗରେ କିଛି ସର୍ତ୍ତ ରଖିଥିଲା । ଯାହାକୁ ସିଧା ସିଧା ମନା କରିଦେଇଛି । ତେବେ ବାଂଲାଦେଶକୁ ଏକ ପ୍ରକାର ଆଶ୍ୱସ୍ତି ମିଳିଛି । ବାଂଲାଦେଶ ଆଇସିସିର ରାଜସ୍ୱ ନାର୍ଯ୍ୟ ଅଂଶ ପାଇବା ଜାରି ରଖିବ । ଗତବର୍ଷ ହିଂସା ପାଇଁ ବାଲାଂଦେଶ ମହିଳା ଟି-୨୦ ବିଶ୍ୱକପ ଆୟୋଜନରୁ ବଞ୍ଚିତ ହୋଇଥିଲା । ଏଥିପାଇଁ ବାଂଲାଦେଶକୁ ଆର୍ଥିକ କ୍ଷତିପୂରଣ ସ୍ୱରୁପ ୧୯ ବର୍ଷରୁ କମ୍ ବିଶ୍ୱକପ ଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ପାଇଁ ଦେବ । ସେପଟେ ଭାରତ ବିପକ୍ଷ ମ୍ୟାଚକୁ ପାକିସ୍ତାନ ବର୍ଜନ କରିବା ନିଷ୍ପତ୍ତି ସମ୍ପର୍କରେ ମଧ ବୈଠକ ହୋଇଛି । ଯେଉଁଥିରେ ପାକିସ୍ତାନକୁ ଗୋଟିଏ ଦିନର ମହଲତ ଦେଇଛି ଆଇସିସି । ନକଭିଙ୍କ ସହ ଆଲୋଚନା ପରେ ସେ କହିଛନ୍ତି କି, ସରକାରଙ୍କ ଆଲୋଚନା ପରେ ଜଣାଇବେ । ବୁଧବାର ଚୂଡ଼ାନ୍ତ ନିଷ୍ପତ୍ତି ଶୁଣାଇବ ଆଇସିସି । ସେପଟେ ଆସନ୍ତା ୧୫ ତାରିଖରେ କଲୋମ୍ବୋରେ ଅନୁଷ୍ଠିତ ହେବାକୁ ରହିଛି ପାକିସ୍ତାନ-ଭାରତ ମ୍ୟାଚ୍ । ଟି-୨୦ ବିଶ୍ୱକପର ଲିଗ୍ ପର୍ଯ୍ୟାୟରେ ଭେଟାଭେଟି ହେବେ।


## ଗୋହିରାଟିକିରି ମଠରେ ମହନ୍ତ-ଗ୍ରାମବାସୀ ମୁହାଁମୁହିଁ

ଧାମନଗର, ୯/୨(ନିପ୍ର): ଧାମନଗର ବ୍ଲକ ମୁସ୍ତଫାପୁର ସ୍ଥିତ ଐତିହାସିକ ଗୌରବ ବହନ କରୁଥିବା ଗୋହିରାଟିକିରି ମଠ ଏବେ ବିବାଦର ଘେରରେ । ମଠର ମହନ୍ତ ଜଗନ୍ନାଥ ସାହୁଙ୍କ ବିରୋଧରେ ଗ୍ରାମବାସୀ ଗୁରୁତର ଅଭିଯୋଗ ଆଣିଥିବା ବେଳେ ଏକ 'ଭାଇରାଲ୍ ଅଡିଓ' ଏହି ବିବାଦକୁ ଆହୁରି ତୀବ୍ର କରିଛି। ୧୫୬୮ ମସିହାରେ ଓଡ଼ିଶାର ଶେଷ ସ୍ୱାଧୀନ ଗଜପତି ମୁକୁନ୍ଦ ଦେବ ଏହି ସ୍ଥାନରେ ଶେଷ ଯୁଦ୍ଧ ଲଢ଼ି ଶହିଦ ହୋଇଥିଲେ। ଏହି ମଠ ସେହି ବୀରତ୍ୱର ମୂକସାକ୍ଷୀ ଭାବେ ଦୀର୍ଘ ବର୍ଷ ଧରି ସ୍ଥାନୀୟ ଅଞ୍ଚଳର ଆଧାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ହୋଇ ରହିଆସିଛି। ଗତବର୍ଷ ମାର୍ଚ୍ଚ ମାସରେ ଜଗନ୍ନାଥ ସାହୁ ମହନ୍ତ ଦାୟିତ୍ୱ ନେବା ପରଠାରୁ ସ୍ଥାନୀୟ ଗ୍ରାମବାସୀଙ୍କ ସହ ତାଙ୍କର ମତଭେଦ ଦେଖାଦେଇଛି। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ ମହନ୍ତ ମଠରେ 'ମେରି ରାୟ' ନୀତି ଚଳାଇଛନ୍ତି ଏବଂ ଶ୍ରଦ୍ଧାଳୁ ମହିଳାଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ସ୍ଥାନୀୟ ପୁରୁଷଙ୍କୁ ଗାଳିଗୁଲଜ କରିବା ସହ ଜାତିଗୋତ୍ର ନେଇ ଆକ୍ଷେପ କରୁଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ପାଞ୍ଚ ଖଣ୍ଡ ଗାଁର ଲୋକେ ଦୁଇଥର ବୈଠକ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ସବୁଠାରୁ ଚାଞ୍ଚଲ୍ୟକର ବିଷୟ ହେଉଛି ମହନ୍ତ ଓ ଜଣେ ଗୁଣିଆଙ୍କ ମଧରେ ହୋଇଥିବା ବାର୍ତ୍ତାଳପର ଏକ ଅଡିଓ ଭାଇରାଲ୍ ହେବା। ଅଡିଓରେ ମହନ୍ତ କହୁଛନ୍ତି ଯେ, ନୂଆ ସରକାର ଅମଳରେ ମଠର ବିକାଶ ପାଇଁ କୋଟି କୋଟି ଟଙ୍କା ଆସିବାକୁ ଅଛି, ଯାହା ଗ୍ରାମବାସୀଙ୍କ ସହ୍ୟ ହେଉନାହିଁ। ସେମାନେ ମୋତେ ହଟାଇ ସମ୍ପତ୍ତି ହଡ଼ପ କରିବାକୁ ଚାହୁଁଛନ୍ତି। ଅପର ପକ୍ଷରେ, ଉକ୍ତ ଗୁଣିଆ ଜଣକ ମହନ୍ତଙ୍କୁ ସତର୍କ କରାଇ କହୁଛନ୍ତି ଯେ ଗାଁ ଲୋକେ ତାଙ୍କ ନାଁରେ ମିଥ୍ୟା ନାରୀ ନିର୍ଯାତନା ମାମଲା କରିବେ। ଏଥିରୁ ବର୍ତ୍ତିବା ପାଇଁ ଗୁଣିଆ ଜଣକ ମହନ୍ତ ଙ୍କୁ ୧ ଲକ୍ଷ ଟଙ୍କା ମାଗିଛନ୍ତି, ଯାହା ବଦଳରେ ସେ ଗୁଣି କରି ଗାଁ ଲୋକଙ୍କୁ ଚୁପ୍ କରିଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ଏହି ଅଡିଓ ପ୍ରଘଟ ହେବା ପରେ ଗୁଣିଗାରେଡ଼ି ଭୟରେ ଗ୍ରାମବାସୀ ଧାମନଗର ଥାନାରେ ଏତଲା ଦେଇଛନ୍ତି। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଥାନା ଅଧିକାରୀ କହିଛନ୍ତି ଯେ, ପୋଲିସ ଏତଲା ଗ୍ରହଣ କରିଛି। ତଦନ୍ତ ଚାଲିଛି ଏବଂ ସଠିକ୍ ତଥ୍ୟ ମିଳିବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ, ଐତିହାସିକ ଗୋହିରାଟିକିରି ମଠର ପବିତ୍ରତା ରକ୍ଷା ପାଇଁ ପ୍ରଶାସନିକ ହସ୍ତକ୍ଷେପ ଲୋଡ଼ିଛନ୍ତି ଅଞ୍ଚଳବାସୀ।

## ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ କିଟ୍‌କୁ ୩ ପଦକ








ଭୁବନେଶ୍ୱର, ୯ ।୨(ନିପ୍ର): ଫେବୃଆରୀ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଚୀନ୍‌ର ତିଆନଜିନଠାରେ ଅନୁଷ୍ଠିତ ଦ୍ୱାଦଶ ଏସୀୟ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୬ରେ କିଟ୍ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହି ଚାମ୍ପିଅନସିପରେ କିଟ୍‌ର ଖେଳାଳିମାନେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ମୋଟ୍ ତିନୋଟି ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ଏହା ସହିତ ଏହି ମହାଦେଶୀୟ ଇଭେଣ୍ଟରେ କିଟ୍ ଖେଳାଳିମାନେ ଭାରତର ମୋଟ ପଦକ ତାଲିକାର ୬୦ ପ୍ରତିଶତ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଭାରତୀୟ ଆଥଲେଟିକ୍ସ ଫେଡେରେସନ ଦ୍ୱାରା ଘୋଷିତ ୧୭ ଜଣିଆ ଭାରତୀୟ ଦଳରେ ୯ ଜଣ ଖେଳାଳି କେବଳ କିଟ ବିଶ୍ୱବିଦ୍ୟାଳୟରୁ ସାମିଲ ହୋଇଥିଲେ। ଆକର୍ଷଣୀୟ ପ୍ରଦର୍ଶନକାରୀଙ୍କ ମଧରେ ତେଜସ୍ୱିନ ଶଙ୍କର ପୁରୁଷ ହେପ୍‌ଟାଥଲନରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ମୋଟ ୫୯୯୩ ପଏଣ୍ଟ ସଂଗ୍ରହ କରି ତେଜସ୍ୱିନଏକ ନୂତନ ଜାତୀୟ ଇନ୍-ଡୋର ରେକର୍ଡ ସ୍ଥାପନ କରିଥିଲେ। ତାଙ୍କର ଉଲ୍ଲେଖନୀୟ ଅଲରାଉଣ୍ଡ ପ୍ରଦର୍ଶନ ଏସୀୟ ମଞ୍ଚରେ ଭାରତର ଶ୍ରେଷ୍ଠ ମିଳିତ-ଇଭେଣ୍ଟ ଆଥଲେଟଙ୍କ ମଧ୍ୟରୁ ଅନ୍ୟତମ ଭାବରେ ତାଙ୍କର ସ୍ଥିତିକୁ ବଜାୟ ରଖିପାରିଥିଲେ। ଏହି ଚାମ୍ପିୟନ୍‌ସିସପ୍‌ରେ ପୁରୁଷ ସଟ୍ ପୁଟରେ କିଟ୍ ଛାତ୍ର ତାଜିନ୍ଦରପାଲ ସିଂହ ତୁର ରୌପ୍ୟ ପଦକ ହାସଲ କରିଥିଲେ। ୨୦.୦୫ ମିଟର ଥ୍ରୋ କରି ତାଜିନ୍ଦରପାଲ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ସ୍ଥିତି ବଜାୟ ରଖିବାରେ ସମର୍ଥ ହୋଇଥିଲେ। ସେହିପରି ମହିଳା ବର୍ଗରେ ଆନ୍ସି ସୋଜାନ୍ ଏଡାପିଲି ମହିଳା ଲମ୍ଫ ଡିଆଁରେ ୬.୨୧ ମିଟର ଡେଇଁ କାଂସ୍ୟ ପଦକ ହାସଲ କରି ଦେଶ ଏବଂ ବିଶ୍ୱବିଦ୍ୟାଳୟ ପାଇଁ ଗର୍ବ ଆଣିଛନ୍ତି। ସାମଗ୍ରିକ ଭାବରେ ଚାମ୍ପିୟନସିପରେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ମୋଟ ପାଞ୍ଚଟି ପଦକ ହାସଲ କରି ପଦକ ତାଲିକାରେ ଭାରତ ଷଷ୍ଠ ସ୍ଥାନରେ ରହିଛି। ଉଲ୍ଲେଖଯୋଗ୍ୟ, ଏହି ପାଞ୍ଚଟି ପଦକ ମଧ୍ୟରୁ ୩ଟି ପଦକ କେବଳ କିଟ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ଜିତିଛନ୍ତି। ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପଦକ ବିଜେତା ଓ ସମଗ୍ର ଭାରତୀୟଦଳକୁ ଅଭିନନ୍ଦନ ଜଣାଇଛନ୍ତି। କ୍ରୀଡ଼ାବିତମାନେ ସମର୍ପଣ, ଶୃଙ୍ଖଳା ଓ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ଶ୍ରୀ ସାମନ୍ତ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି।

## ଜାତୀୟ ସ୍ୱତନ୍ତ୍ର ଅଲମ୍ପିକ ଦୌଡ଼କୁଦ: ଆଠଗଡ଼ ଏନଏସି ଝିଅ ପାଇଲେ ୨ ରୌପ୍ୟ ପଦକ

ଆଠଗଡ଼,୯ ।୨(ନିପ୍ର): ଆଠଗଡ଼ ବ୍ଲକ ଅନ୍ତର୍ଗତ ଦୋରଡ଼ ସ୍ଥିତ ଡକ୍ଟର ବ୍ରଜବିହାରୀ ମହାନ୍ତି ମେମୋରିଆଲ ମେଣ୍ଟାଲି ରିଟାର୍ଡେଡ ବେନିଫିଟ୍ ଟ୍ରଷ୍ଟର ବୌଦ୍ଧିକ ଦିବ୍ୟାଙ୍ଗ ଛାତ୍ରୀ ସତ୍ୟଭାମା ସାହୁ ହରିୟଣାର ରୋହତକ ମହର୍ଷି ଦୟାନନ୍ଦ ସରସ୍ୱତୀ ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଜାତୀୟ ସ୍ୱତନ୍ତ୍ର ଅଲମ୍ପିକ ଦୌଡ଼କୁଦ ପ୍ରତିଯୋଗିତା ସିନିଅର ଗ୍ରୁପରେ ଅଂଶଗ୍ରହଣ କରି କଟକ ଜିଲ୍ଲା ତଥା ଓଡିଶା ପାଇଁ ଗୌରବ ଆଣିଛନ୍ତି। ଉକ୍ତ ପ୍ରତିଯୋଗିତା ତା ୦୨-୦୨-୨୦୨୬ରିଖ ଠାରୁ ତା ୦୭-୦୨-୨୦୨୬ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଆଠଗଡ଼ ଏନଏସିର ଝିଅ ସତ୍ୟଭାମା ସାହୁ ଉଭୟ ୫୦ମିଟର ଓ ୧୦୦ମିଟର ଦୌଡ଼ ପ୍ରତିଯୋଗିତାରେ ୨ଟି ରୌପ୍ୟ ପଦକ ହାସଲ କରି ଆଠଗଡ଼ ମାଟି ତଥା ବିଭି ମହାନ୍ତି ଟ୍ରଷ୍ଟର ଗୌରବ ବଢାଇଛନ୍ତି।




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ